READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ଭୁବନେଶ୍ୱର ଟଙ୍କପାଣି ରୋଡ ରତ୍ନାକର ବାଗ, ରୋଡ ନଂ- ୨ (ପ୍ଲଟ ନଂ-୮ଏ) ଡାକ୍ତର ହରିହର ସାହୁଙ୍କ ବାଡିରେ ଫୁଟିଛି ବିରଳ ବ୍ରହ୍ମକମଳ ଫୁଲ ।

ବର୍ଷ-୫ | ସଂଖ୍ୟା-୨୭ | ୧୯ - ୨୫ ଜୁଲାଇ, ୨୦୨୧ | ଭୁବନେଶ୍ୱର | Monday Weekly | VOL-5 | ISSUE-27 | 19th - 25th JULY, 2021 | BHUBANESWAR | ₹ 5/- (8 Pages)

# ମଧ୍ୟବିତ୍ତର ସରକାର କିଏ ?

**ଭୁବନେଶ୍ୱର, (ତାରକ ମହାନ୍ତି) :** ମହାମାରୀ କରୋନା କାଳରେ ଧନୀ ଲୋକ ସଞ୍ଚିତ ଅର୍ଥରେ ଆରାମରେ ଚଳୁଥିଲା ବେଳେ ଗରିବ ଲୋକଙ୍କ ଦାୟିତ୍ୱ ନେଇଛନ୍ତି ସରକାର। ସେମାନଙ୍କୁ ମାଗଣା ରାସନ ହେଉ କିମ୍ବା ଯେକୌଣସି ପ୍ରକାର ସରକାରୀ ଯୋଜନାର ସହାୟତା ରାଶି ପହଞ୍ଚାଇ ଦେଉଛନ୍ତି। ହେଲେ ମଝିରେ ମରୁଛନ୍ତି ମଧ୍ୟବିତ୍ତ ଓ ନିମ୍ନମଧ୍ୟବିତ୍ତ ପରିବାର। କରୋନା ପୂର୍ବରୁ ସବୁକିଛି ଠିକ୍‌ଠାକ୍ ଥିଲା ବେଳେ କରୋନା ପରେ ସବୁ ଯେମିତି ଉଜୁଡି ଯାଇଛି। ମଧ୍ୟବିତ୍ତ ମଣିଷ ମହାମାରୀ ଓ ମହଙ୍ଗା ମାଡରେ ଏତେ ହନ୍ତସନ୍ତ ଯେ ଘରଭଡା, ଗାଡି କିସ୍ତି ଓ ପିଲାଙ୍କ ଟ୍ୟୁସନ ଫି' ଦେବାକୁ ଆଉ ସକ୍ଷମ ହୋଇପାରୁନାହିଁ। ମୋଟାମୋଟି କହିଲେ ମଧ୍ୟବିତ୍ତଙ୍କ ଅବସ୍ଥା ଏବେ ଆଦୌ ଭଲ ନାହିଁ। ପେଟ୍ରୋଲ, ଡିଜେଲ, ଗ୍ୟାସ, ଖାଇବା ତେଲ, ଡାଲି ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ଅହେତୁକ ଦର ବୃଦ୍ଧି କାରଣରୁ ମଧ୍ୟବିତ୍ତଙ୍କ ଯନ୍ତ୍ରଣା ବଢ଼ିଯାଇଛି। ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ମଧ୍ୟବିତ୍ତ ମଣିଷ ଦରମା କାଟ ଯୋଗୁ ପରିବାର ଚଳାଇବାରେ ଅସମର୍ଥ ହୋଇପଡିଥିଲା ବେଳେ ଛୋଟଛୋଟ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ମଧ୍ୟବିତ୍ତ ମଣିଷ ରୋଜଗାର ହରାଇ କାଙ୍ଗାଳ ଅବସ୍ଥାକୁ ଆସିଗଲାଣି। ହେଲେ ଲୋକଲଜ୍ଜା ଏବଂ ସାମାଜିକ ପ୍ରତିଷ୍ଠାରେ ଆଞ୍ଚ ଆସିବା ଭୟ ଯୋଗୁ କାହାକୁ ନିଜ ଦୁଃଖ ଜଣାଇ ପାରୁନାହାନ୍ତି। ମଧ୍ୟବିତ୍ତଙ୍କ ଆର୍ଥିକ ସ୍ଥିତି ଏଭଳି ଖରାପ ସ୍ଥିତିକୁ ଗଲାଣି ଯେ ସେମାନେ କେଉଁଠୁ ଋଣ ଆଣିବେ ଓ କିପରି ବଞ୍ଚିବେ ତାହାକୁ ନେଇ ଚିନ୍ତାରେ ଅଛନ୍ତି। ମଧ୍ୟବିତ୍ତ ଗୃହିଣୀଟିଏ ରୋଷେଇ ଘରକୁ ପ୍ରବେଶ କରିବା ପୂର୍ବରୁ କେତେ ତେଲ, କେତେ ମସଲା, କେତେ ଡାଲି ଓ କେତେ ପରିବା ଖର୍ଚ୍ଚ କରିବ ତାହାକୁ ନେଇ ଦ୍ୱନ୍ଦ୍ୱରେ ପଡୁଛି। ବର୍ଷ ବର୍ଷ ଧରି ମଧ୍ୟବିତ୍ତ ଓ ନିମ୍ନମଧ୍ୟବିତ୍ତ ଲୋକଙ୍କ ପାଇଁ କୌଣସି ଯୋଜନା କରିନାହାନ୍ତି। ଅଥଚ ଏହି ମଧ୍ୟବିତ୍ତଙ୍କ ଟିକସରେ ଦେଶର ଅର୍ଥନୀତି ସୁଦୃଢ଼ ହୋଇଥାଏ। ହେଲେ ଏମାନଙ୍କ



ଚିନ୍ତା ନା କେନ୍ଦ୍ର ନା ରାଜ୍ୟ କେହି କରନ୍ତିନାହିଁ। କେବଳ ୫ ବର୍ଷରେ ଥରେ ଭୋଟ ବେଳେ ଏମାନଙ୍କ ନିକଟକୁ ନେତାମାନେ ଆସି ଭୋଟ ଭିକ୍ଷା କରୁଥିଲା ବେଳେ ବାସ୍ତବରେ ନିର୍ବାଚିତ ପରେ କୌଣସି ଜନପ୍ରତିନିଧି ମଧ୍ୟବିତ୍ତଙ୍କ ସ୍ୱାର୍ଥ ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ତେଣୁ ମଧ୍ୟବିତ୍ତି ଓ ନିମ୍ନମଧ୍ୟବିତ୍ତଙ୍କ ପ୍ରସଙ୍ଗ ଉଠିଲେ ସରକାର ଯେଉଁଳି ସେମାନଙ୍କୁ ଉପହାସ କରୁଥିବା ଭଳି ମନେହୋଇଥାଏ। ମଧ୍ୟବିତ୍ତିଙ୍କ ମଧ୍ୟରେ ଓକିଲ, ସାମ୍ବାଦିକ, ଘରୋଇ ସଂସ୍ଥାରେ କାମ କରୁଥିବା ଚାକିରିଆ, ଛୋଟ ଓ ମଧ୍ୟମ ଧରଣର ବ୍ୟବସାୟୀ ରହିଛନ୍ତି। ବଡବଡିଆ ସଞ୍ଚିତ ଅର୍ଥରେ ସୁଖରେ ଚଳୁଥିଲା ବେଳେ ମଧ୍ୟବିତ୍ତ ଓ ନିମ୍ନମଧ୍ୟବିତ୍ତ କରୋନା କାଳରେ କେବଳ ସାବୁନରେ ହାତ ଧୋଇ ଘରେ ବସିଛନ୍ତି। କେନ୍ଦ୍ର ସରକାର ହୁଅନ୍ତୁ ବା ରାଜ୍ୟ ସରକାର ଯେତେ ଗୁଡିଏ ଯୋଜନା ପ୍ରଣୟନ କରିଛନ୍ତି ସେଥିରେ ମଧ୍ୟବିତ୍ତଙ୍କର ସ୍ଥାନ ନାହିଁ। ସତେଯେମିତି ମଧ୍ୟବିତ୍ତମାନେ ରାଜ୍ୟର ନୁହନ୍ତି କି ଦେଶର ନୁହନ୍ତି। ସାଢ଼େ ଚାରିକୋଟି ଓଡ଼ିଆଙ୍କୁ ନିଜର କହୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ କଲ୍ୟାଣକାରୀ ଯୋଜନା କରୁଥିଲା ବେଳେ ମଧ୍ୟବିତ୍ତ ଓ ନିମ୍ନମଧ୍ୟବିତ୍ତଙ୍କ ସୁବିଧା ପାଇଁ ସେଭଳି କିଛି ଯୋଜନା ନ କରିବା ବିସ୍ମୟ ସୃଷ୍ଟି କରିଛି। ମଧ୍ୟବିତ୍ତମାନଙ୍କୁ କେବଳ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରାଯାଉଛି। ହେଲେ ସେମାନେ ଯେ ଦେଶ ଓ ରାଜ୍ୟର ମେରୁଦଣ୍ଡ ଏକଥାକୁ ଭୁଲିଯିବା ଉଚିତ ନୁହେଁ। ଧନୀ ଲୋକମାନେ ନିଜ ପାଖରେ ଭଲ ଭାବେ ବଞ୍ଚିବାର ସାଧନ ରଖିଥିଲା ବେଳେ ଗରିବଙ୍କ ପାଇଁ ସରକାରଙ୍କ ବ୍ୟାପକ ଯୋଜନା ଚାଲିଛି। ମହାମାରୀ କରୋନା କାଳରେ ମଧ୍ୟବିତ୍ତଙ୍କ ଯନ୍ତ୍ରଣା କେହି ଯେମିତି ଅନୁଭବ କରିପାରୁନାହାନ୍ତି। ତୈଳ ଦର ମହଙ୍ଗା ପରେ ଅନେକ ମଧ୍ୟବିତ୍ତ ବାଇକ ଚାଳକ ସାଇକେଲରେ ଯିବାକୁ ବାଧ ହେଲେଣି। ଅନିଶ୍ଚିତତା ମଧ୍ୟରେ ଗତି କରୁଥିବା ମଧ୍ୟବିତ୍ତଙ୍କ ସୁରକ୍ଷା ପାଇଁ ସରକାର ତୁରନ୍ତ କିଛି ପଦକ୍ଷେପ ନେବାକୁ ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି। ହେଲେ ମଧ୍ୟବିତ୍ତ ମଣିଷର ସରକାର କିଏ? ସରକାରୀ ଚାକିରିଆଙ୍କର କାର୍ଯ୍ୟ ଦିବସ କମିଲା ହେଲେ ବେତନ ବଢ଼ିଲା। ଗରିବଙ୍କୁ ମାଗଣା ରାସନ ମିଳିଲା ଓ ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସାହାଯ୍ୟ ମିଳିଲା। ହେଲେ ସ୍ୱାଧୀନତାର ୭୫ ବର୍ଷ ପରେ ବାସ୍ତବ ଗରିବ କିଏ

➤ ପୃ-୬

## କ୍ୟାବିନେଟ୍‌ରେ ୧୫ ପ୍ରସ୍ତାବକୁ ଅନୁମୋଦନ

# ଶସ୍ତା ହେଲା ପାୱାର ଅଫ୍ ଆଟର୍ଣ୍ଣି

**ଭୁବନେଶ୍ୱର :** ଭୂସମ୍ପତ୍ତି ଓ ଗୃହ ବିକ୍ରି ନିମନ୍ତେ କ୍ଷମତାପ୍ରାପ୍ତ ଓ ଗୃହ ନିର୍ବାଣ ତଥା ବାସପଯୋଗୀ କରିବା ନିମନ୍ତେ ଚୁକ୍ତି ପତ୍ର ପାଇଁ ଷ୍ଟାମ୍ପ ଡ୍ୟୁଟିକୁ ୫%ରୁ ୨% ହ୍ରାସ କରାଯାଇଛି। ଏହାସହିତ ଭୂସମ୍ପତ୍ତି ବିକ୍ରି ପାଇଁ ପରିବାର ସଦସ୍ୟଙ୍କ ମଧ୍ୟରେ କ୍ଷମତାପ୍ରାପ୍ତ ଦଲିଲ ସମ୍ପାଦନ ପାଇଁ ବୋହୂ, ନାତି, ନାତୁଣୀ, ଜେଜେବାପା, ଜେଜେମା'ଙ୍କୁ ମଧ୍ୟ ସାମିଲ କରାଗଲା। ରାଜ୍ୟ କ୍ୟାବିନେଟ୍ ଏହି ପ୍ରସ୍ତାବରେ ମୋହର ମାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ନିର୍ମାଣକାରୀ ସଂସ୍ଥା ଓ ଜମି ମାଲିକଙ୍କ ମଧ୍ୟରେ ଆବଶ୍ୟକ ହେଉଥିବା ଦୁଇ ପ୍ରକାର ଦଲିଲ ଯଥା ଭୂସମ୍ପତ୍ତି ଓ ଗୃହ ବିକ୍ରୟ ପାଇଁ ପାୱାର ଅଫ ଆଟର୍ଣ୍ଣି ଓ ଗୃହ ନିର୍ମାଣ ଓ ବାସପଯୋଗୀ କରିବା ପାଇଁ ଚୁକ୍ତି ପତ୍ରକୁ କନଭେୟାନ୍ସ ଡିଡ୍ ଭାବେ ବିବେଚନା କରାଯାଇ ତଦନୁଯାୟୀ ୫% ଷ୍ଟାମ୍ପ ଡ୍ୟୁଟି ଆଦାୟ କରାଯାଉଥିଲା। ତେବେ ଏହି ଦୁଇ ପ୍ରକାର ଦଲିଲ କରିବା ବ୍ୟୟବହୁଳ ହେଉଥିବା ଜମି ଓ ଗୃହ କିଣାବିକା ଏବଂ ନିର୍ମାଣ ସମୟରେ ଅନେକ ଆଇନଗତ ଜଟିଳତା ଦେଖା ଦେଉଥିଲା। ପ୍ରସ୍ତାବିତ ଷ୍ଟାମ୍ପ ଆଇନ ସଂଶୋଧନ, ନିବନ୍ଧିତ ଦଲିଲ ସଂଖ୍ୟାକୁ ବୃଦ୍ଧି କରିବା ସଙ୍ଗେସଙ୍ଗେ ରାଜସ୍ୱ ବୃଦ୍ଧି କରିବାରେ ଏହା ସହାୟକ ହେବ। ସେହିପରି ସମାନ ପକ୍ଷ ମଧ୍ୟରେ ଏବଂ ଏକା ସମ୍ପତ୍ତି ଉପରେ ପାୱାର ଅଫ୍ ଆଟର୍ଣ୍ଣି ଓ ଡେଭଲପମେଣ୍ଟ ଏଗ୍ରିମେଣ୍ଟ ଭଳି ଦଲିଲ ସମ୍ପାଦନ କଲେ ଦ୍ୱିତୀୟ ଦଲିଲର ଷ୍ଟାମ୍ପ ଦେୟ ମାତ୍ର ୧ ହଜାର ଟଙ୍କା

➤ ପୃ-୬

# ତୃତୀୟ ୱେଭ୍‌କୁ ରୋକିବା ପାଇଁ କଡା ପଦକ୍ଷେପ ନିଅ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୬।୭ :** ମହାମାରୀ କରୋନାର ସମ୍ଭାବ୍ୟ ତୃତୀୟ ୱେଭ ଦେଶରେ ବ୍ୟାପିବା ପୂର୍ବରୁ ରୋକିବାକୁ ପଡ଼ିବ। ଏଥିପାଇଁ ରାଜ୍ୟ ସରକାର ଗୁଡ଼ିକ ୪-ଟି ଉପରେ କାମ କରିବା ଦରକାର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ସମେତ ୬ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ମୋଦି ଓଡ଼ିଶା, ମହାରାଷ୍ଟ୍ର, କେରଳ, ତାମିଲନାଡୁ, ଆନ୍ଧ୍ର ପ୍ରଦେଶ ଓ କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀମାନଙ୍କ ସହ କରୋନା ସ୍ଥିତି ନେଇ ସମୀକ୍ଷା କରିଥିଲେ। ଏହି ସମୟରେ ମୋଦି କହିଛନ୍ତି ଯେ ତୃତୀୟ ୱେଭକୁ ରୋକିବା ଆମ ସମସ୍ତଙ୍କର ପ୍ରଥମ ଦାୟିତ୍ୱ।

➤ ପୃ-୬




## ବକ୍ରବାଣୀ



ଛାମୁଁ ଚାହୁଁଥିଲେ ରଥ ନ ହେଉ
ଓଡ଼ିଆ ସଂସ୍କୃତି ଚୁଲିକି ଯାଉ
କୋଭିଡ୍ ନିୟମ ଦେଲେ ଲଗେଇ
ହୁକୁମ୍ ଆଣିଲେ କୋର୍ଟକୁ ଯାଇ
ଅଫତାଭ୍ ହୁସେନ୍ କାହୁଁ ଆଇଲା
ସୁପ୍ରୀମ୍ କୋର୍ଟରେ ହାଜର ହେଲା
ବଡଦାଣ୍ଡେ ରଥ ଯଉଁ ଗଡିଲା
ଛାମୁଁଙ୍କର ରୋଷ ତହୁଁ ବଢ଼ିଲା
କର୍ଫ୍ୟୁ ଲଗେଇ ତାଗିଦ୍ ଦେଲେ
କହିଲେ ବାନ୍ଧିବେ ରଥ ଦେଖିଲେ।

—— ଟୁଟୁ

# ମିଶନ ଶକ୍ତିର ମା'ମାନେ ଓଡ଼ିଶାର ବିକାଶ ବାହିନୀ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ମିଶନ ଶକ୍ତିର ମହିଳା ମାନଙ୍କ ପାଇଁ ୪୫୩.୫୦ କୋଟି ଟଙ୍କାର କୋଭିଡ୍ ସହାୟତା ଘୋଷଣା କରିଛନ୍ତି। ଏହି ଘୋଷଣା ଅନୁଯାୟୀ ରାଜ୍ୟର ୩୩୮ଟି ବ୍ଲକସ୍ତରୀୟ ମିଶନ ଶକ୍ତି ମହାସଂଘର ନିଜସ୍ୱ ଘର ମିଶନ ଶକ୍ତି ଭବନ ନିର୍ମାଣ ପାଇଁ ୫୦ଲକ୍ଷ ଟଙ୍କା ଲେଖାଏ ୧୬୯ କୋଟି ଟଙ୍କା ପ୍ରଦାନ କରାଯିବା ସହିତ ସେମାନଙ୍କୁ ବ୍ୟବସାୟରେ ସହାୟତା ପାଇଁ ୮୪.୫୦ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ଋଣ ଉପରେ ସୁଧ ଫେରସ୍ତ ପାଇଁ ୨୦୦ କୋଟି ଟଙ୍କା ପ୍ରଦାନ କରାଯିବ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ମିଶନ ଶକ୍ତି ହେଉଛି, ଓଡ଼ିଶାର ୭୦ଲକ୍ଷ ମା' ମାନଙ୍କର ଏକ ବିରାଟ ଅନୁଷ୍ଠାନ। ଏହା ହେଉଛି ଓଡ଼ିଶାର ବିକାଶ ବାହିନୀ। ସେମାନଙ୍କ ଦକ୍ଷତା ଉପରେ ଆସ୍ଥାପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଆପଣମାନେ ଆଗକୁ ବଢ଼ନ୍ତୁ, ମୁଁ ଆପଣମାନଙ୍କ ସାଥିରେ ଅଛି। କୋଭିଡ୍ ସମୟରେ ମିଶନ ଶକ୍ତିର ମା'ମାନେ ବହୁତ ଭଲ କାମ କରିଛନ୍ତି ବୋଲି କହି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇ କହିଲେ ଯେ, ଆଜି ହେଉଛି ଏକ ଐତିହାସିକ ଦିବସ। ବ୍ଲକସ୍ତରରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ ଯେଉଁ ମିଶନ ଶକ୍ତି ଭବନ ଗଠନ ହେବ, ସେଥିରେ ମା'ମାନେ ତାଲିମ ପାଇବେ, ଉତ୍ପାଦିତ ଦ୍ରବ୍ୟ ପାଇଁ ବିକ୍ରୟ କେନ୍ଦ୍ର ଖୋଲିପାରିବେ ଏବଂ ସେମାନଙ୍କ ନିଜସ୍ୱ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ମା'ମାନେ କୋଭିଡ୍ ସମୟରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା ଠାରୁ ଆରମ୍ଭ କରି ମାସ୍କ ତିଆରି, ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଆଦି ଅନେକ ଭଲ କାମ କରି ମିଶନ ଶକ୍ତି ଆନ୍ଦୋଳନର ସୁନାମ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଲେ, ମୁଁ ସବୁବେଳେ କହି ଆସିଛି, ମା ସଶକ୍ତ ହେଲେ, ପରିବାର ସଶକ୍ତ ହେବ। ସମାଜ ସଶକ୍ତ ହେବ। ଗୋଟିଏ ଜାତି ସଶକ୍ତ ହେବ। ଇତିହାସର ଧାରା ମଧ୍ୟ ବଦଳିଯିବ। ମିଶନ ଶକ୍ତି ମା' ମାନଙ୍କ ସଫଳତା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଜୀବନଜୀବିକା ଠାରୁ ଆରମ୍ଭ କରି ବିଭିନ୍ନ ବିକାଶ କାମରେ ଆପଣମାନେ ସାମିଲ ହୋଇ ଭଲ କାମ କରିଛନ୍ତି। ଆଜିର ଆଲୋଚନାରେ ରାଜ୍ୟର ବିଭିନ୍ନ ଅଞ୍ଚଳର କୋରାପୁଟର ବୋରିଗୁମ୍ମା ଠାରୁ ଆରମ୍ଭ କରି କଟକର ନିଆଳୀ ପର୍ଯ୍ୟନ୍ତ ଆମର ବ୍ଲକସ୍ତରୀୟ ମହାସଂଘର ମା' ମାନଙ୍କର କାମ ଦେଖି ଯେ କେହି ଗର୍ବ ଅନୁଭବ କରି ବୋଲି ସେ ମତବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ, ମୋର ବିଶ୍ୱାସ ଦିନେ ଆପଣମାନଙ୍କ ଭିତରୁ ବଡ ବଡ ଉଦ୍ୟୋଗୀ ବାହାରିବେ। ରାଜ୍ୟ ସରକାର ବ୍ଲକ ଲେଭଲ ଫେଡେରେସନ ଆବର୍ତ୍ତନ ପାଣ୍ଠି ଭାବରେ ୮୪.୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି ପ୍ରକାଶ କରି ସେ କହିଥିଲେ ଯେ, ମିଶନ ଶକ୍ତିର ମା' ମାନଙ୍କୁ ରାଜ୍ୟ ସରକାର ବିନା ସୁଧରେ ଋଣ ଦେଉଛନ୍ତି।

➤ ପୃ-୬




# ମୋଦିଙ୍କ ପରେ ନବୀନଙ୍କ ମନ୍ତ୍ରିମଣ୍ଡଳ ସଂପ୍ରସାରଣ !

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ଭାବେ ଦ୍ୱିତୀୟ ଥର ଶାସନ ଗାଦିରେ ବସିଥିବା ନରେନ୍ଦ୍ର ମୋଦି ସରକାର ତାଙ୍କ ମନ୍ତ୍ରୀ ମଣ୍ଡଳ ସଂପ୍ରସାରଣ କରି କେତେକ ବରିଷ୍ଠ ମନ୍ତ୍ରୀ ମାନଙ୍କୁ ବାଦ ଦେଇଥିବା ବେଳେ ଓଡିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ପଞ୍ଚମପାଳିର ଶାସନ ମଧ୍ୟରେ ମନ୍ତ୍ରୀ ମଣ୍ଡଳରେ ବି ଏକ ସଂପ୍ରସାରଣକରି ଏକ ପୁର୍ନବିନ୍ୟାଶ କରିବାର ସମ୍ଭାବନା ସୃଷ୍ଟି ହେଲାଣି। ଅଗଷ୍ଟ ୧୫ ସାଧାରଣତନ୍ତ୍ର ଦିବସ ପୂର୍ବରୁ ମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତ୍ରୀମଣ୍ଡଳରୁ ୪-୫ଜଣଙ୍କୁ ବାଦ ଦେବା ସହିତ ମହିଳା ସଶକ୍ତିକରଣ ପତାକା ଉଡାଇ ଆଉ ଜଣେ କିମ୍ବା ଦୁଇ ଜଣ ମହିଳାଙ୍କୁ ତାଙ୍କ ମନ୍ତ୍ରୀମଣ୍ଡଳରେ ସାମିଲ କରିବାର ଏକ ଆଶଂକା ସୃଷ୍ଟି ହୋଇଛି। ଓଡିଶାର ୧୪୭ଟି ବିଧାନସଭା ଆସନ ମଧ୍ୟରୁ ବିଜେଡି ମହିଳା ମାନଙ୍କୁ ଗୁରୁତ୍ୱ ଦେଇ ସମୁଦାୟର ୧୩ଗୋଟି ଆସନରେ ମହିଳାମାନେ ବିଜୟ ଲାଭ କରିଥିବା ବେଳେ ମାତ୍ର ଦୁଇ ଜଣଙ୍କୁ ମନ୍ତ୍ରୀମଣ୍ଡଳରେ ସାମିଲ କରାଯାଇଥିଲା କିନ୍ତୁ ମନ୍ତ୍ରୀମଣ୍ଡଳ ପୁର୍ନଗଠନ ବେଳକୁ ମୁଖ୍ୟମନ୍ତ୍ରୀ କିଛି ବରିଷ୍ଠ ଓ ଦକ୍ଷତା ସମ୍ପନ୍ନ ବ୍ୟକ୍ତି ବା ମହିଳାଙ୍କୁ ଗୁରୁତ୍ୱ ଦେଇ ମନ୍ତ୍ରୀମଣ୍ଡଳରେ ସାମିଲ କରାଇ ଦଳର ଭାବ ମୁର୍ତ୍ତିକୁ ଉଦ୍ଧାର କରିବା ପାଇଁ ଏକ ପ୍ରକାର ପ୍ରୟାସ କରାଯାଇଛି ବୋଲି ଏକ ନିର୍ଭର ଯୋଗ୍ୟ ସୁତ୍ରରୁ ଖବର ମିଳିଛି। ଏପରିକି ଅନ୍ୟ ପୁରୁଣା ମନ୍ତ୍ରୀମାନେ ଏଥର ସଂପ୍ରସାରଣରେ ପୁଣି ଗାଦି ଦାଖଲକରିବେ କି ନାହିଁ ତାନେଇ ସନ୍ଦେହ ସୃଷ୍ଟି ହେଲାଣି। ଦଳ ମଧ୍ୟରେ ଜଳୁଥିବା ଅସନ୍ତୋଷର ନିଆଁ ରାସ୍ତାଘାଟରେ ନ ଲଗାଇବା ପୁର୍ବରୁ ଦଳ ସୁପ୍ରିମୋଙ୍କ ଆଗକୁ ନଆଣି ବିଜେଡିର କିଛି ଟାଣୁଆ ବିଧାୟକ ଓ ସାଂସଦ ସେମାନଙ୍କ ଦ୍ୱାରା ପରିଚାଳିତ ଦୈନିକ ଖବରକାଗଜ ମାନଙ୍କରେ ଘରର ହାଲଚାଲ ସମ୍ପର୍କରେ ଗୁମର ଫିଟାଇ ସେମାନେ ଏକ ପ୍ରକାର ଅବହେଳାର ଶିକାର ହେଉଥିବା କଥା ରାଜ୍ୟବାସୀଙ୍କୁ ଜଣାଇଦେଲେଣି। ଦଳ ସୁପ୍ରିମୋ ଏସବୁ ଜାଣି ପାରୁଛନ୍ତି ନା କାହା ଇଙ୍ଗିତରେ ଦଳର ଭାବମୁର୍ତ୍ତି କ୍ଷୁର୍ଣ୍ଣ ହେଉଛି ସେ ନେଇ ଦଳର ପୂର୍ବତନ ସାଂସଦଙ୍କ ଖବର କାଗଜ ଯେ ନିରବ ରହିଯିବା ଘଟଣାକୁ ନେଇ ରାଜନୈତିକ ସମିକ୍ଷକ ମହଲରେ ବି ଚର୍ଚ୍ଚା ହେଉଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ପଞ୍ଚମ ପାଳିରେ ସରକାରଙ୍କ ମନ୍ତ୍ରୀମଣ୍ଡଳକୁ ଦୁଇ ବର୍ଷ ପୁରିଯାଇଥିବା ବେଳେ ମନ୍ତ୍ରୀମାନଙ୍କ କାର୍ଯ୍ୟ ଦକ୍ଷତାର ମାପକାଠି ସୁତାଖିଅରେ ଝୁଲୁଛି। ଦିର୍ଘ ଦୁଇ ବର୍ଷଧରି ମନ୍ତ୍ରୀଦାୟୀତ୍ୱରେ ଥିବା ନେତାମାନେବି ସେମାନଙ୍କ ସମୀକ୍ଷା ରିପୋର୍ଟ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେନେଇ ସନ୍ଦେହ ଘେରରେ ରହିଗଲେଣି। ଲୋକ ସେବା କରିଡୋରରେ ଆଲୋଚନା ହେଉଛିଯେ ପ୍ରାୟ ଅର୍ଦ୍ଧାଧିକ ମନ୍ତ୍ରୀମାନଙ୍କୁ ବଦଳାଇ କିଛି ନୂଆ ଚେହେରା ବା ଦକ୍ଷତା ସମ୍ପନ୍ନ ନେତାମାନଙ୍କ ପ୍ରତି ଗୁରୁତ୍ୱ ଦେଇ ବିଜେଡି ଦଳର ଏକ ନୂଆ ପରମ୍ପରା ସୃଷ୍ଟି କରାଯିବ। କାରଣ ଆଗକୁ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନ ହେବାର ଆଶଂକା ସୃଷ୍ଟି ହୋଇଥିବା ବେଳେ ଦଳ ମଧ୍ୟରେ ଏକ ନୂଆ ବିତର୍କର ବଳୟ ମଧ୍ୟ ସୃଷ୍ଟି ହେଲାଣି। ଏଥିପାଇଁ ରାଜନୈତିକ ମହଲ କେବଳ ନୁହେଁ ସାଧାରଣ ଲୋକ ମାନେ ବି ଟୁପୁରୁ ଟାପର ଆଲୋଚନା ଆରମ୍ଭକଲେଣି। ଦଳର ଭାବମୁର୍ତ୍ତିକୁ ଜନସାଧାରଣଙ୍କ ନିକଟରେ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପଞ୍ଚମ ପାଳିର ଶାସନ ଉପରେ ଏକ ମାଷ୍ଟର ଷ୍ଟ୍ରୋକ ଦେବାର ସନ୍ଦେହ ସୃଷ୍ଟି ହୋଇଛି।

## କେମିତି କଟିବ ଏ ସପ୍ତାହ

**ମେଷ** ଆମଦାନୀରେ ବୃଦ୍ଧି ହେବ ଓ ଭବିଷ୍ୟତ ପାଇଁ ଧନ ସଞ୍ଚୟ କରିବେ। କାର୍ଯ୍ୟକ୍ଷେତ୍ରରେ ଷଡଯନ୍ତ୍ରର ଶିକାର ହୋଇପାରନ୍ତି। ଅତିଥିର ଆଗମନ ଯୋଗୁଁ ଛାତ୍ରମାନଙ୍କ ପାଠପଢ଼ାରେ ବାଧା ହେବ। ଦମ୍ପତିମାନଙ୍କ ଉଭୟ ଆକର୍ଷିତ ହେବେ।

**ବୃଷ** ବଡମାନଙ୍କ କଥାରେ ଆପଣ ତମାଖୁ ବା ମଦ୍ୟ ସେବନ ତ୍ୟାଗ କରିପାରନ୍ତି। ଆବଶ୍ୟକଠାରୁ ଅଧିକ ବ୍ୟୟ କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ମତଭେଦ ହୋଇପାରେ। ଛାତ୍ରମାନେ ମୋବାଇଲରେ ଅଧିକ ସମୟ ନୃଷ୍ଟ କରିବେ।

**ମିଥୁନ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ବ୍ୟବସାୟରେ ଲାଭ ହେବ। କାର୍ଯ୍ୟକ୍ଷେତ୍ରରେ ପ୍ରଭାବି ହୋଇ ପାରିବେ। ଛାତ୍ରମାନେ ସଫଳତା ପାଇଁ ଅପେକ୍ଷା କରିବାକୁ ପଡିବ। ଜୀବନସାଥୀ ମାନେ ଖରାପ ସମୟରେ ଗତି କରିବେ।

**କର୍କଟ** ଅଧିକ ଆୟକୁ ଚାହିଁ ବ୍ୟୟ ମଧ୍ୟ ବଢ଼ିବ କିଛି ଧନ ବାପା, ମାଆ ପାଖରେ ରଖନ୍ତୁ ଭଲ ଫଳ ମିଳିବ। ପରିବାରର କୌଣସି ବ୍ୟକ୍ତି ଶତ୍ରୁ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ।

**ସିଂହ** ନିଜ ହାତରେ ନିଜର ସ୍ୱାସ୍ଥ୍ୟ ଏ ମାସରେ ଅଛି। ଯତ୍ନବାନ ହୁଅନ୍ତୁ। ବାସି ଖାଦ୍ୟ ଖାଆନ୍ତୁ ନାହିଁ। ଆର୍ଥିକ ସୁଧାର ହେବ। କାର୍ଯ୍ୟକ୍ଷେତ୍ରରେ ଭଲ ପରିବର୍ତ୍ତନ ହୋଇପାରେ। ପ୍ରେମ ସମ୍ବନ୍ଧରେ ଅଧିକ ବୃଦ୍ଧି ହେବ।

**କନ୍ୟା** ଗର୍ଭବତୀ ମହିଳା ମାନେ ସଂକ୍ରମଣର ଶିକାର ହୋଇପାରନ୍ତି। ଆୟକୁ ବୃଦ୍ଧି ହେବ। ଅଦାଲତରେ ଥିବା କେସ୍ ଆପଣଙ୍କ ସପକ୍ଷରେ ଯିବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଆସିବ। ଛାତ୍ରମାନେ ପୁରୁଣା କଥାକୁ ଭୁଲନ୍ତୁ।

**ତୁଳା** ଉତ୍ତମ ସ୍ୱାସ୍ଥ୍ୟ ରହିବ। ବ୍ୟବସାୟରେ ଧନ ଲଗାନ୍ତୁ ନାହିଁ। ଅନେକ ଦିନରୁ ରୋକିଥିବା କାର୍ଯ୍ୟ ସଫଳ ହେବ। କାର୍ଯ୍ୟକ୍ଷେତ୍ରରେ ସହକର୍ମୀ ପ୍ରତିବନ୍ଧକ ହେବେ। ଛାତ୍ରମାନେ ଗୁରୁଙ୍କ ସହଯୋଗ ପାଇବେ।

**ବିଛା** ବ୍ୟାୟାମ କରନ୍ତୁ। ଆର୍ଥିକ ବାଧାର ସମ୍ମୁଖୀନ ହେବେ। କାର୍ଯ୍ୟ ମଧ୍ୟରେ ବାଧାପ୍ରାପ୍ତ ହୋଇପାରେ। ସମାଜରେ ମାନସମ୍ମାନ ବୃଦ୍ଧି ହେବ। ଛାତ୍ରମାନେ ବିଦେଶରେ ପଢ଼ିପାରନ୍ତି। ପ୍ରେମୀକୁ କୌଣସି କଟୁ କଥା କହିବାରୁ ନିବୃତ ରହନ୍ତୁ।

**ଧନୁ** ମନ ଅଶାନ୍ତ ରହିବ। ବ୍ୟବସାୟରେ ବକ୍ଷ କ୍ଷତି ହୋଇପାରେ। ଅତୀତରେ ଧୋକ ଦେଇଥିବା ବ୍ୟକ୍ତିଙ୍କୁ ବିଶ୍ୱାସ କରନ୍ତୁ ନାହିଁ। ସପ୍ତାହର ଆରମ୍ଭରୁ ଛାତ୍ରମାନେ ସଫଳ ହେବେ। ଏକତରଫା ପ୍ରେମିକଙ୍କୁ ବାଧାରେ ସମାନ କରିବେ।

**ମକର** ଶାରୀରିକ ପରିବର୍ତ୍ତନ ହେବ। ଶତ୍ରୁ ଓ ବିରୋଧୀ ମାନେ ପ୍ରଭାବିତ ହେବେ। ଯୋଜନାକୁ ଗୁପ୍ତ ରଖନ୍ତୁ। କାର୍ଯ୍ୟକ୍ଷେତ୍ରରେ ଶତ୍ରୁମାନେ ମିତ୍ର ହେବେ। ଛାତ୍ରମାନେ ରକ୍ତଚାପର ଶିକାର ହେବେ। ପ୍ରେମିକମାନେ ସୁଖି ହେବେ।

**କୁମ୍ଭ** ଅଧିକ ଅଳସୁଆ ଅନୁଭବ କରିବେ। ଧନପ୍ରାପ୍ତି ଯୋଗ ଅଛି। ପରିବାରରେ କଷ୍ଟ ଅନୁଭବ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଛାତ୍ରମାନଙ୍କ ପାଖରେ ମନଲାଗିବ ନାହିଁ। ଦମ୍ପତିମାନଙ୍କ ଝଗଡା ହୋଇପାରେ।

**ମୀନ** ଖେଳକୁଦରେ ଭାଗ ନିଅନ୍ତୁ। ସଞ୍ଚୟ କରିପାରିବେ ନାହିଁ। ଘରେ ସମୟ କଟାନ୍ତୁ। ଭାଗିଦାରୀ ବ୍ୟବସାୟରେ ଲାଭ ହେବ। ଛାତ୍ରମାନେ ଇଚ୍ଛାନୁସାରେ ଫଳ ପାଇବେନାହିଁ। ଦମ୍ପତିମାନେ ଆପୋଷ ଆଲୋଚନା କରି ଝଗଡାର ସମାଧାନ କରିବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ‘ଆସନ୍ତା ୧୨୫ ଦିନ ଗୁରୁତ୍ୱପୂର୍ଣ୍ଣ’

**ନୂଆଦିଲ୍ଲୀ :** ମହାମାରୀ କରୋନାର ତୃତୀୟ ୱେଭକୁ ନେଇ ସତର୍କ କରାଇଛନ୍ତି କେନ୍ଦ୍ର ସରକାର। ଏଯାଏ ଭାରତ ସଂକ୍ରମଣକୁ ରୋକିବା ପାଇଁ ହର୍ଡ ଇମ୍ୟୁନିଟି ସୃଷ୍ଟି କରିପାରିନାହିଁ। ତେଣୁ ଭାଇରାଲ ସଂକ୍ରମଣର ବିପଦକୁ ଟାଳି ପାରିବା ନାହିଁ। ସଂକ୍ରମଣକୁ ରୋକିବା ପାଇଁ ଆସନ୍ତା ୧୨୫ଦିନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ସରକାର ପକ୍ଷରୁ କୁହାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିୟମିତ ସାମ୍ବାଦିକ ସମ୍ମିଳନୀରେ ନୀତି ଆୟୋଗ ସଦସ୍ୟ ଡା ଭିକେ ପଲ କହିଛନ୍ତି ଯେ, ଆମ ସମସ୍ତଙ୍କୁ ଏବେ ଭାଇରସର ସଂକ୍ରମଣକୁ ରୋକିବାକୁ ପଡିବ। ଏହା କେବଳ କୋଭିଡର ଉଚିତ ବ୍ୟବହାରକୁ ଅନୁପାଳନ କଲେ ଯାଇ ସମ୍ଭବ ହୋଇପାରିବ। ଏଯାଏ ଆମେ କୋଭିଡ୍-୧୯ ବିରୋଧରେ ଆବଶ୍ୟକ ହର୍ଡ ଇମ୍ୟୁନିଟି ବା ରୋଗ ପ୍ରତିରୋଧକ ଶକ୍ତି ହାସଲ କରିନେ। ଆମ ପ୍ରତି ଭାଇରାଲ ସଂକ୍ରମଣର ବିପଦ ରହିଛି। କିନ୍ତୁ ଏହାକୁ ଅଟକାଇବାକୁ ପଡିବ। ସୁରକ୍ଷିତ ଜୋନରେ ରହିବାକୁ ହେଲେ ସମସ୍ତଙ୍କୁ କରୋନା ସଂକ୍ରମଣକୁ ରୋକିବା ପାଇଁ ଜାରି କଟକଣାକୁ କଡାକଡି ଭାବେ ପାଳନ କରିବାକୁ ପଡିବ। ଭାରତରେ କରୋନା ବିରୋଧରେ ଚାଲିଥିବା ଲଢ଼େଇ ପାଇଁ ଆସନ୍ତା ୧୨୫ ଦିନ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ବିଶ୍ୱ ଏବେ ତୃତୀୟ ୱେଭ ମୁହାଁ ହୋଇଥିବାରୁ ଭାରତ ପ୍ରତି ମଧ୍ୟ ବିପଦ ରହିଥିବା ଡା ପଲ ସମସ୍ତଙ୍କୁ ଚେତାଇ



ଦେଇଛନ୍ତି। ସେ କହିଛନ୍ତି, ଆମକୁ ବର୍ତ୍ତମାନ ଓ ତୃତୀୟ ୱେଭ ମଧ୍ୟରେ ଥିବା ସମୟକୁ ଠିକ ଭାବେ ବ୍ୟବହାର କରିବାକୁ ପଡିବ। ଏହି ସମୟରେ ଆମକୁ ସ୍ୱାସ୍ଥ୍ୟ ଭିତ୍ତିଭୂମି ସଜାଡିବାକୁ ପଡିବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୩ୟ ୱେଭକୁ ନେଇ ସତର୍କ ସୂଚନା ଜାରି କରିଛି। ଆମକୁ ଏଥିରୁ ଶିଖିବାର ଅଛି। ପ୍ରଧାନମନ୍ତ୍ରୀ ମଧ୍ୟ ବିଭିନ୍ନ ଦେଶରେ ତୃତୀୟ ୱେଭ ସୃଷ୍ଟି ହୋଇଥିବା କଥା କହି ସାରିଛନ୍ତି ବୋଲି ପଲ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ ଅଗ୍ରୱାଲ କହିଛନ୍ତି, ବିଭିନ୍ନ ଦେଶରେ ଏବେ କରୋନା କେସ୍ ବଢ଼ିବା ଆରମ୍ଭ ହୋଇଛି। ଆମ ପଡୋଶୀ ମିଆଁମାର, ଇଣ୍ଡୋନେସିଆ, ବାଂଲାଦେଶ ଓ ମ୍ୟାଲେସିଆରେ ଦୈନିକ ସଂକ୍ରମଣ ଆଶାତୀତ ଭାବେ ବୃଦ୍ଧି ପାଉଛି। ମ୍ୟାଲେସିୟା ଓ ବାଂଲାଦେଶରେ କରୋନା ତୃତୀୟ ୱେଭ ଦ୍ୱିତୀୟ ଲହର ଠାରୁ ଅଧିକ ସାଂଘାତିକ ହୋଇଛି। ୟୁରୋପ ଓ ଆଫ୍ରିକାରେ ମଧ୍ୟ ସଂକ୍ରମଣ ମାମଲା ଲଗାତାର ଭାବେ ବଢୁଛି। ତେଣୁ ଆମକୁ ଏଥିପ୍ରତି ସତର୍କ ରହିବାକୁ ହେବ। କରୋନା କଟକଣା କୋହଳ ହେବା ପରେ ବିଭିନ୍ନ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ କଟକଣା କୋହଳ ହେବା କ୍ଷଣି ଲୋକମାନେ ମାସ୍କ ବ୍ୟବହାର କରିବା ମଧ୍ୟ ବନ୍ଦ କରି ଦେଇଛନ୍ତି। ଲକଡାଉନ ହଟିବା ପରେ ମାସ୍କ ବ୍ୟବହାର ପ୍ରାୟ ୭୪% ହ୍ରାସ ପାଇଛି। ଆମକୁ ସ୍ୱାଭାବିକ ଜୀବନ ବିତାଇବାକୁ ହେଲେ ମାସ୍କକୁ ଠିକ୍ ଭାବେ ବ୍ୟବହାର କରିବାକୁ ପଡିବ ବୋଲି ଶ୍ରୀ ଅଗ୍ରୱାଲ ସୂଚନା ଦେଇଛନ୍ତି।

## ଧାରା ୬୬-ଏରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର କରିବାକୁ କେନ୍ଦ୍ରର ନିର୍ଦ୍ଦେଶ

**ନୂଆଦିଲ୍ଲୀ:** ଆଇଟି ଆକ୍ଟର ଧାରା ୬୬-ଏ କୁ ନେଇ ସୁପ୍ରିମକୋର୍ଟ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରକୁ ଜବାବ ତଲବ କରିଥିଲେ। ଏବେ କେନ୍ଦ୍ର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଏହି ଧାରାରେ ରୁଜୁ ହୋଇଥିବା ମାମଲାକୁ ପ୍ରତ୍ୟାହାର କରିବାକୁ କହିଛନ୍ତି। ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରାଳୟ ତରଫରୁ ଏପରି ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଆଗାମୀ ଦିନରେ ଏହି ଧାରା ବ୍ୟବହାର ହୋଇପାରିବ ନାହିଁ କି ମାମଲା ରୁଜୁ କରାଯାଇପାରିବ ନାହିଁ ବୋଲି ଗୃହ ବିଭାଗ କହିଛି। ତେଣୁ ସମସ୍ତ ଜିଲ୍ଲା ପ୍ରଶାସନ ଏବଂ ପୁଲିସ ଅଧିକାରୀଙ୍କୁ ଏ ବାବଦରେ ଅବଗତ କରାଇବାକୁ କୁହାଯାଇଛି। ମାର୍ଚ୍ଚ ୨୪, ୨୦୧୫ରେ ଆଇଟି ଆକ୍ଟର ଧାରା ୬୬-ଏ ରଦ୍ଦ ହୋଇଛି। ସୁପ୍ରିମକୋର୍ଟ ଏକ ମାମଲାର ଶୁଣାଣି କରିବା ବେଳେ ଏହି ଧାରାକୁ ରଦ୍ଦ କରିଥିଲେ। ହେଲେ ଏହାପରେ ବି ସାରା ଦେଶର ପୋଲିସ ୬୬ଏକୁ ବ୍ୟବହାର କରି ମାମଲା ରୁଜୁ କରୁଛନ୍ତି। ମୁଖ୍ୟତଃ ଯେଉଁମାନେ ଫେସବୁକରେ କିଛି ପୋଷ୍ଟ କରୁଛନ୍ତି ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବା ବେଳେ ପୁଲିସ ଧାରା ୬୬-ଏ କୁ ବ୍ୟବହାର କରୁଛି। ଏହାକୁ ନେଇ ସୁପ୍ରିମକୋର୍ଟର ତିନି ଜଣିଆ ଖଣ୍ଡପୀଠ ଅସନ୍ତୋଷ




ପ୍ରକାଶ କରିବା ସହିତ ଚିନ୍ତାପ୍ରକଟ କରିଥିଲେ। ପରେ କେନ୍ଦ୍ରକୁ ଜବାବ ତଲବ କରିଥିଲେ। ଆଇଟି ଆକ୍ଟର ଧାରା ୬୬ ଏ ଅନୁସାରେ ଅନଲାଇନ ମିଡିଆରେ କୌଣସି ଆପତ୍ତିଜନକ ମତ ମନ୍ତବ୍ୟ ଦେଲେ, ଜଣକୁ ପୁଲିସ ଗିରଫ କରିପାରିବ ବୋଲି ପ୍ରାବଧାନ ଥିଲା। ଏହା ଦ୍ୱାରା କିନ୍ତୁ ସ୍ୱାଧୀନ ଭାବରେ ମତ ରଖିବାର ପ୍ରତିବନ୍ଧକ ସାଜୁଛି ବୋଲି କହି ସର୍ବୋଚ୍ଚ କୋର୍ଟ ରଦ୍ଦ କରି ଦେଇଥିଲେ। ତା ପରେ ମଧ୍ୟ ଏହି ଆଇନରେ ମହାରାଷ୍ଟ୍ରରେ ୩୮୧ଟି, ଝାଡ଼ଖଣ୍ଡରେ ୨୯୧, ଉତ୍ତରପ୍ରଦେଶରେ ୨୪୫, ରାଜସ୍ଥାନରେ ୧୯୨ଟି ମାମଲା ରୁଜୁ କରିଛି ପୁଲିସ। ଅନ୍ୟ ରାଜ୍ୟରେ ବି ଅନେକ ମାମଲା ରୁଜୁ ହୋଇଛି। ଜୁଲାଇ ୫ରେ ଏହି ମାମଲାରେ ସୁପ୍ରିମକୋର୍ଟ ଶୁଣାଣି କରୁଥିବା ବେଳେ ଆଟର୍ଣ୍ଣି ଜେନେରାଲ କେକେ ଭେନୁଗୋପାଳ କହିଥିଲେ, ଯଦିଓ ଧାରା ୬୬ଏ ରଦ୍ଦ ହୋଇଛି। ହେଲେ ଆଇନର ମୂଳ ଧାରରେ ଏ ବାବଦରେ ଉଲ୍ଲେଖ ହୋଇନାହିଁ।

## ବର୍ଷଶେଷ ସୁଦ୍ଧା ପ୍ରାପ୍ତ ବୟସ୍କଙ୍କୁ ଟିକାକରଣ ସମ୍ଭବ ନୁହେଁ !

**ନୂଆଦିଲ୍ଲୀ :** ଚଳିତ ବର୍ଷ ଶେଷ ସୁଦ୍ଧା କେନ୍ଦ୍ର ସରକାର ପ୍ରାପ୍ତ ବୟସ୍କଙ୍କୁ ଟିକାକରଣ କରିବେ। ଏ ନେଇ ଏକ ସତ୍ୟପାଠ ଦାଖଲ କରି ସୁପ୍ରିମ କୋର୍ଟରେ କହିଥିଲେ କେନ୍ଦ୍ର ସରକାର। କିନ୍ତୁ ଯେଉଁଭଳି ଭାବରେ ଦୈନିକ ଟିକାକରଣ ଚାଲିଛି ସେଥିରୁ ଅନୁମାନ କରାଯାଉଛି ଟିକାକରଣ ଚଳିତ ବର୍ଷ ସୁଦ୍ଧା ଶେଷ ହୋଇପାରିବ ନାହିଁ। ଯଦି କେନ୍ଦ୍ର ସରକାର ତାଙ୍କର ପ୍ରତିଶ୍ରୁତି ପୂରଣ କରିବେ ତାହେଲେ ପ୍ରତିଦିନ ୧ କୋଟି ଲୋକଙ୍କୁ ଟିକା ଦେବାକୁ ହେବ। ପୁଣେ ସ୍ଥିତ ବାଲାଜି ଇନଷ୍ଟିଚ୍ୟୁଟ ଅଫ୍ ମୋର୍ଡର୍ଣ୍ଣ ମ୍ୟାନେଜମେଣ୍ଟର ସହଯୋଗୀ ପ୍ରଫେସର ବାଲାଜି ଏ. ରେଡ୍ଡୀ କହିଛନ୍ତି, ଯେଉଁଭଳି ଭାବରେ ଟିକାକରଣ ଚାଲିଛି ଯଦି ଅନୁଧ୍ୟାନ କରିବା ତାହେଲେ ଆସନ୍ତାବର୍ଷ ଜାନୁଆରୀ ପୂର୍ବରୁ ସିଙ୍ଗେଲ ଡୋଜ ଟିକାକରଣ ଶେଷ ହୋଇପାରିବ ନାହିଁ। ୭ ଜୁଲାଇ ୨୦୨୧ ସୁଦ୍ଧା ମୋଟ ପ୍ରାପ୍ତ ବୟସ୍କଙ୍କ ମଧ୍ୟରୁ ୭୮୫ ନିୟୁତ ଟିକା ନେବାକୁ ବାକି ରହିଛନ୍ତି। ଯେଉଁଥିରୁ ଡବଲ ଡୋଜ ଟିକା ନେବାକୁ ୧.୦୧ ବିଲିୟନ ଲୋକ ରହିଛନ୍ତି। ଯଦି ଟିକାକରଣର ଏବେ ଯେଉଁଭଳି ଚାଲିଛି ଜାରି ରହିବ ତାହେଲେ ସିଙ୍ଗେଲ ଡୋଜ ଟିକାକରଣ ଶେଷ ହେବାକୁ ୨୬ ଜାନୁଆରୀ ୨୦୨୨ ହୋଇଯିବ ଏବଂ ଡବଲ ଡୋଜ ୩୦ ଅଗଷ୍ଟ ୨୦୨୨ ହେବ ବୋଲି ରେଡ୍ଡୀ କହିଛନ୍ତି। ଯଦି ଟିକାକରଣ ଅଭିଯାନ ଏଭଳି ନରହି ଧିମା ପଡ଼ିବ ଏହାର ଅର୍ଥ କେନ୍ଦ୍ର ସେତେଟା ଗୁରୁତ୍ୱ ନଦେବ ତାହେଲେ ୨୦୨୩ କିମ୍ବା ୨୦୨୪ ବେଳକୁ ଟିକାକରଣ ଶେଷ ହେବ। ସମଗ୍ର ଜନସଂଖ୍ୟାକୁ ସମ୍ପୂର୍ଣ୍ଣ ଟିକାକରଣ କରିବା ପାଇଁ ପ୍ରତିଦିନ ୧୫-୨୦ ନିୟୁତ ଲୋକଙ୍କୁ ଟିକାକରଣ ଆବଶ୍ୟକ ହେବ ବୋଲି ସେ କହିଛନ୍ତି। ଦେଶରେ ଟିକାକରଣ ପ୍ରକ୍ରିୟା ଆରମ୍ଭ ହେବାର ୧୫୬ ଦିନ ପରେ ଅର୍ଥାତ୍ ୨୦ ଜୁନ୍ ପର୍ଯ୍ୟନ୍ତ ଦେଶରେ ଦିନକୁ ୧.୪୬ ନିୟୁତ ଡୋଜ ଦିଆଯାଇଥିଲା। ଯେଉଁଥିରୁ ଦୈନିକ ୧୪ ଲକ୍ଷ ୬୦ ହଜାର ପ୍ରଥମ ଡୋଜ ରହିଥିବା ବେଳେ ୩ ଲକ୍ଷ ୩୩ ହଜାର ଲୋକ ହାରାହାରି ଡବଲ ଡୋଜ ନେଉଥିଲେ। ଏହାପରେ କେନ୍ଦ୍ର ସରକାର ସାରା ଦେଶରେ ଟିକା ଦେଉଛନ୍ତି। ଜୁନ୍ ୨୧ରୁ ପ୍ରତିଦିନ ଟିକାକରଣ ଜୋରଦାର ହେବା ପରେ ଏବେ ମନ୍ଥର ଗତିକୁ ଖସିଆସିଛି। ଏହାର ମୁଖ୍ୟ କାରଣ ଟିକାର ଅଭାବୟ ବିଭିନ୍ନ ରାଜ୍ୟ ଟିକା ନପାଇବାରୁ ଟିକାକରଣ କେନ୍ଦ୍ର ବନ୍ଦ କରି ଦେଇଛନ୍ତି। ଯେପର୍ଯ୍ୟନ୍ତ ଅଧିକ ଯୋଗାଣ ନହୁଏ ସେପର୍ଯ୍ୟନ୍ତ ମାସକୁ ୩୦୦ ନିୟୁତ ଟିକାକରଣ କରିବା ସମ୍ଭବ ନୁହେଁ ବୋଲି ତାମିଲନାଡୁ ଭେଲୋର ସ୍ଥିତ ଖ୍ରୀଷ୍ଟିଆନ୍ ମେଡିକାଲ କଲେଜର କୋଏଲିସିନ ଫର ଏପିଡେମିକ ପ୍ରିପାରଡନେସ ଇନୋଭେସନ ବିଭାଗର ପ୍ରଫେସର ଡକ୍ଟର ଗଗନଦୀପ କାଙ୍ଗ କହିଛନ୍ତି। ଏନଜିଓ ସହିତ ମିଶି ଟିକାକରଣ ପ୍ରକ୍ରିୟାକୁ ଜୋରଦାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ନୀତି ଆୟୋଗର ପୂର୍ବତନ ଉପାଧକ୍ଷ ଅରବିନ୍ଦ ପାନାଗରିଆ କହିଛନ୍ତି ଯେ ଭାରତର ବର୍ତ୍ତମାନର ଟିକାକରଣ ହାର ସେଭଳି ଭଲ ନାହିଁ। ପାନାଗରିଆ ରବିବାର ଦିନ ଟୁଇଟ୍ କରି କହିଛନ୍ତି ଯେ ଦୈନିକ ଅତି କମରେ ୫ ରୁ ୬ ମିଲିଅନ ଟିକା ଦେବା ଜରୁରୀ। ଏଭଳି ହେଲେ ଦେଶ ଟିକାକରଣ ପ୍ରକ୍ରିୟାକୁ ଜୋରଦାର କରିହେବ। ତେବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଯୁଗ୍ମ ସଚିବ ଲଭ ଅଗ୍ରୱାଲ କିନ୍ତୁ ଅଲଗା ମତ ରଖିଛନ୍ତି। ଟିକା ଉତ୍ପାଦନ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି। ପ୍ରତିଦିନ ୨୦୦,୦୦୦ ରୁ ୪-୫ ନିୟୁତ ଟିକାକରଣ ସ୍ତରରେ ରହିଛି। ଟିକା ଉତ୍ପାଦନ ବୃଦ୍ଧି କରିବା ନେଇ କେନ୍ଦ୍ର ସରକାର ଚେଷ୍ଟା ଜାରି ରଖିଛନ୍ତି।

## ପାକିସ୍ତାନୀ ହ୍ୟାକରଙ୍କ ଟାର୍ଗେଟରେ ଭାରତ

**ନୂଆଦିଲ୍ଲୀ :** ବିଶ୍ୱରେ ସାଇବର ଅପରାଧ ଏବେ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଅଧିକାଂଶ ସାଇବର ଆଟାକ ଚୀନ୍‌ରୁ ହେଉଥିବା ବିଭିନ୍ନ ସମୟରେ ସାମ୍ନାକୁ ଆସେ। କିନ୍ତୁ ବର୍ତ୍ତମାନ ପାକିସ୍ତାନ ମଧ୍ୟରେ ଏଥିରେ ସାମିଲ ହୋଇଥିବା ସୂଚନା ମିଳିଛି। ଚଳିତବର୍ଷ ଏକ ନୂଆ ମେଲଓ୍ୱାରର ସାହାଯ୍ୟରେ ପାକିସ୍ତାନୀ ସାଇବର ଅପରାଧୀମାନେ ଭାରତର କିଛି ଉର୍ଜା କମ୍ପାନୀଙ୍କ ସମେତ ସରକାରୀ ସଂଗଠନ ଗୁଡିକୁ ଟାର୍ଗେଟ କରିଥିଲେ। ସାଇବର ଅପରାଧୀମାନେ ଏକ ନୂଆ ପ୍ରକାରର ରିମୋଟ୍ ଏକ୍ସେସ୍ ଟ୍ରୋଜନ୍‌କୁ ଇନ୍‌ଷ୍ଟଲ କରିଥିଲେ। ଯାହାଫଳରେ କି ବ୍ୟବହୃତ କମ୍ପ୍ୟୁଟର ଉପରେ ନଜର ରଖିପାରିବେ। କେବଳ ସେତିକି ନୁହେଁ ଭାରତରେ ବ୍ୟବହୃତ ହେଉଥିବା ଡୋମେନ୍ ୟୁଆର୍‌ଏଲ୍‌କୁ ମଧ୍ୟ ବ୍ୟବହାର କରିଛନ୍ତି ସାଇବର ଅପରାଧୀ। ଭାରତ ଉପରେ ପାକିସ୍ତାନ କରିଥିବା ସାଇବର ଆଟାକକୁ



ପ୍ରଥମେ ଲୁମିନ୍ ଟେକ୍ନୋଲୋଜିକ୍‌ର ବ୍ଲାକ୍ ଲୋଟସ ଲ୍ୟାବର ସିକ୍ୟୁରିଟି ଟିମ୍ ଜାଣିବାକୁ ପାଇଥିଲା। ପରେ ଏହା ପାକିସ୍ତାନର କାରନାମା ବୋଲି ଜଣାପଡିଥିଲା। ହ୍ୟାକରମାନେ ବ୍ୟବହାର କରିଥିବା ଆଇପି ଆଡ୍ରେସ୍ ପାକିସ୍ତାନର ବୋଲି ଜଣାପଡିବା ପରେ ଏହା ସ୍ପଷ୍ଟ ହୋଇଥିଲା। ବ୍ଲାକ୍ ଲୋଟସ୍ ଲ୍ୟାବ ମୁଖ୍ୟ ମିଚେଲ ବେଞ୍ଜାମିନ କହିଛନ୍ତି, ଅନେକ ପରୀକ୍ଷା ନିରୀକ୍ଷା ଏବଂ ଇଣ୍ଡିକେଟର୍ସ ଦ୍ୱାରା ଏହା ସ୍ପଷ୍ଟ ହୋଇଥିଲା ଯେ, ସାଇବର ଆକ୍ରମଣକାରୀମାନେ ପାକିସ୍ତାନର। ଏମାନେ ସମସ୍ତେ ଭାରତକୁ ଟାର୍ଗେଟ କରୁଥିଲେ। ଖାସ କରି ବିଜୁଳି ଉତ୍ପାଦନ କମ୍ପାନୀ ଏବଂ ସରକାରୀ ବିଭାଗ ଗୁଡିକୁ ଟାର୍ଗେଟ କରୁଥିଲେ ହ୍ୟାକର। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାକିସ୍ତାନୀ ସାଇବର ଅପରାଧୀମାନଙ୍କୁ ଆବଶ୍ୟକୀୟ ଭିତ୍ତିଭୂମି ଏବଂ ସଫ୍ଟୱେର ପାଇଁ ସାହାଯ୍ୟ କରିଥିଲା ଦୋମୁହାଁ ଚୀନ୍। କେବଳ ଭାରତ ନୁହେଁ ଆଫଗାନିସ୍ତାନର ବିଭିନ୍ନ ଏଜେନ୍ସି ଏବଂ ଅଫିସ ଗୁଡିକୁ ମଧ୍ୟ ଟାର୍ଗେଟ କରୁଥିଲେ ସାଇବର ହ୍ୟାକର। ଏଥିପାଇଁ ନୂଆ ମେଲଓ୍ୱେୟରର ଉପଯୋଗ କରୁଥିଲେ। ଗତବର୍ଷ ମୁମ୍ବାଇରେ ହୋଇଥିବା ବିଜୁଳି କାଟ୍ ପାଇଁ ଚୀନ୍ ସାଇବର ଆକ୍ରମଣକାରୀ ସମ୍ପୃକ୍ତି ଥିବା ଜଣାପଡିଥିଲା। ଏହି ବିଜୁଳି କାଟ୍ ସମୟରେ ଗୁରୁତ୍ୱପୂର୍ଣ୍ଣ ସେବା ଯେପରିକି ଟ୍ରେନ୍ ଏବଂ ଗୁରୁତ୍ୱପୂର୍ଣ୍ଣ ଅଫିସଗୁଡିକରେ ବିଦ୍ୟୁତ୍ ସେବା ବନ୍ଦ ହୋଇଯାଇଥିଲା। ଯାହାଫଳରେ ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଭାବିତ ହୋଇଥିଲା।

### କେନ୍ଦ୍ରୀୟ କର୍ମଚାରୀଙ୍କୁ ମୋଦି ସରକାରଙ୍କ ଉପହାର

## ବଢ଼ିଲା ମହଙ୍ଗା ଭତ୍ତା

**ନୂଆଦିଲ୍ଲୀ :** ମହାମାରୀ କରୋନା ସଂକ୍ରମଣ ଓ ଦରବୃଦ୍ଧି ମଧ୍ୟରେ କେନ୍ଦ୍ର ସରକାର ନିଜ କର୍ମଚାରୀଙ୍କୁ ବଡ଼ ଉପହାର ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତାକୁ ୧୭ରୁ ସିଧା ୨୮%କୁ ବୃଦ୍ଧି କରିଛନ୍ତି। ଏହାର ଅର୍ଥ ମହଙ୍ଗା ଭତ୍ତା(ଡିଏ)ରେ ମୋଟ ୧୧% ବମ୍ପର ବୃଦ୍ଧି ହୋଇଛି। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ଜୁଲାଇ ୧ରୁ ଲାଗୁ ହେବ। କେନ୍ଦ୍ର ସରକାର ସେପ୍ଟେମ୍ବର ମାସରୁ ନିଜର କର୍ମଚାରୀଙ୍କୁ ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଦେବା ଆରମ୍ଭ କରିବେ। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁ ପ୍ରାୟ ୫୦ ଲକ୍ଷ କର୍ମଚାରୀ ଓ ସେମାନଙ୍କ ପରିବାର ଲୋକ ଲାଭବାନ ହେବେ। ସୁବଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୨୦୧୯ ଜୁଲାଇ ପରେ କେନ୍ଦ୍ରୀୟ କର୍ମଚାରୀମାନେ ବର୍ଦ୍ଧିତ ମହଙ୍ଗା ଭତ୍ତା ପାଇବାକୁ ଯାଉଛନ୍ତି। ମହାମାରୀ କରୋନା ଯୋଗୁ ସରକାର ମହଙ୍ଗା ଭତ୍ତପ୍ରଦାନ



ଉପରେ ରୋକ ଲଗାଇ ଦେଇଥିଲେ। ଅର୍ଥ ମନ୍ତ୍ରଣାଳୟ କହିଥିଲା ଯେ ୨୦୨୦ ଜାନୁଆର ୧ରୁ ୨୦୨୧ ଜୁନ୍ ୩୦ ଯାଏ କୌଣସି କର୍ମଚାରୀଙ୍କୁ ବର୍ଦ୍ଧିତ ମହଙ୍ଗା ଭତ୍ତା ମିଳିବ ନାହିଁ। ଏହାର ଅର୍ଥ କର୍ମଚାରୀଙ୍କ ୩ କିସ୍ତି ମହଙ୍ଗା ଭତ୍ତା ବାକି ରହିଥିଲା। ଏହି ଅର୍ଥକୁ କରୋନା ସମୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଖର୍ଚ୍ଚ କରାଯାଇଥିବା କେନ୍ଦ୍ର ସରକାର କହିଥିଲେ। ଏବେ ବାକି ରହିଥିବା କିସ୍ତି ସହ ନୂଆ ମହଙ୍ଗା ଭତ୍ତା କର୍ମଚାରୀଙ୍କୁ ସେପ୍ଟେମ୍ବରରୁ ମିଳିବା ଆରମ୍ଭ ହେବ।

# ‘ଧନୀ ଦେଶ ବୁଷ୍ଟର ଡୋଜ ବ୍ୟବହାର ନକରି ଗରିବ ଦେଶକୁ ଦାନ କରନ୍ତୁ’

ଜେନେଭା : ସାରା ବିଶ୍ୱରେ ପୁଣି କୋଭିଡ ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଗତ ୧୦ ସପ୍ତାହ ପରେ ମୃତ୍ୟୁ ସଂଖ୍ୟା ଉପର ମୁହାଁ ହୋଇଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମୁଖ୍ୟ ଟେଡ୍ରୋସ କହିଛନ୍ତି। ସୋମବାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏହି ଅଧିକାରୀ କହିଛନ୍ତି କୋଭିଡ ବିପଦରୁ ସୁରକ୍ଷିତ ରହିବା ପାଇଁ ଅନେକ ଦେଶ ବୁଷ୍ଟର ଡୋଜ ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ମିଳିଥିବା ସୂଚନା ଅନୁସାରେ ବୁଷ୍ଟର ଡୋଜର ଆବଶ୍ୟକତା ନାହିଁ। ତେଣୁ ଧନୀ ଦେଶ ଗୁଡ଼ିକ ବୁଷ୍ଟର ଡୋଜ ନେବା ପରିବର୍ତ୍ତେ ସେହି ଟିକା ଅନ୍ୟ ଦେଶକୁ ଦେବା ଦରକାର। ଯେଉଁ ଦେଶରେ ଟିକାର ଘୋର ଅଭାବ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିର୍ଦ୍ଦେଶକ ଟେଡ୍ରୋସ ଆଧନୋମ୍ କହିଛନ୍ତି, କିଛି ଧନୀ ଦେଶ କୋଭିଡର ବୁଷ୍ଟର ଡୋଜ କିଣିବା ପାଇଁ ଲବି ଆରମ୍ଭ କରିଛନ୍ତି। ଅଧିକ ପଇସା ପାଇଁ ଟିକା କମ୍ପାନୀ ମଧ୍ୟ ସେହି ଧନୀ ଦେଶ ଗୁଡ଼ିକୁ ଟିକା ଦେବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଏଭଳି କରିବା ଠିକ୍ ନୁହେଁ। ପ୍ରଥମେ ସମସ୍ତଙ୍କର ଜୀବନ କିଭଳି ସୁରକ୍ଷିତ ରହିବ ଗୁରୁତ୍ୱ ଦିଆଯିବା ଦରକାର। ବିଶ୍ୱର ଅନେକ ଲୋକ ଅଛନ୍ତି ଯେଉଁମାନେ କି ଟିକାର ଗୋଟିଏ ଡୋଜ ବି ନେଇ ନାହାନ୍ତି। ତେଣୁ ଯେଉଁ ଗରିବ ଦେଶ ଗୁଡ଼ିକ ଟିକା ପାଇ ପାରୁ ନାହାନ୍ତି ସେହି ଦେଶକୁ ଟିକା ଯୋଗାଇବା ନେଇ ବ୍ୟବସ୍ଥା ହେବା ଦରକାର। ଏଭଳି ହେଲେ ଅଧିକରୁ ଅଧିକ ଜୀବନ ସୁରକ୍ଷିତ ରଖାଯାଇପାରିବ ବୋଲି ସେ କହିଛନ୍ତି। ମୁଖ୍ୟତଃ ପଶ୍ଚିମ ଦେଶ ଏବଂ ଆମେରିକା ଏବେ ବୁଷ୍ଟର ଡୋଜ ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ଟେଡ୍ରୋସ କହିଛନ୍ତି। ଅନେକ ଟିକା କମ୍ପାନୀ ମଧ୍ୟ ବୁଷ୍ଟର ଡୋଜ ପାଇଁ ଅନୁମତି ମାଗିଥିବା ସେ କହିଛନ୍ତି। ଆମେରିକା କୋଭାକ୍ସ ଜରିଆରେ ଗିରବ ଦେଶ ଗୁଡ଼ିକୁ ଟିକା ଯୋଗାଉଛି। ତେଣୁ ଫାଇଜର ଏବଂ ମୋଡେର୍ଣ୍ଣା କୋଭାକ୍ସ ଜରିଆରେ ଅଧିକରୁ ଅଧିକ ଟିକା ଯୋଗାଇବା ଦରକାର ବୋଲି ସେ କହିଛନ୍ତି। ବିଗତ ୧୦ ସପ୍ତାହ ପରେ କୋଭିଡ ଜନିତ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ମୃତକଙ୍କ ମଧ୍ୟରୁ ଅଧିକ ଡେଲଟା ଭାରିଆଣ୍ଟର ଶିକାର ହୋଇଛନ୍ତି। ତେଣୁ ଅଧିକରୁ ଅଧିକ ଲୋକ କିଭଳି ଟିକା ନେବେ ସେ ନେଇ ଗୁରୁତ୍ୱ ଦେବା ଦରକାର ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି। ଯଦିଓ ଫାଇଜର ଏବଂ ମୋର୍ଡେର୍ଣ୍ଣା କୋଭାକ୍ସ ଜରିଆରେ ଟିକା ଯୋଗାଉଛନ୍ତି ହେଲେ କିଛି ଦେଶ ତୃତୀୟ ଡୋଜ ଆଳରେ ଟିକା ଅଧିକରୁ ଅଧିକ ସଂରକ୍ଷିତ କରି ରଖିଛନ୍ତି। ଏହି କାରଣ ପାଇଁ ଏବେ ବି ବିଶ୍ୱର ୬୦ଟି ଦେଶରେ କୋଭିଡ ଟିକାକରଣ ପ୍ରକ୍ରିୟା ଦୁର୍ବଳ ରହିଛି। ଯେଉଁଠି ଚଳିତ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି କୁହାଯାଉଥିଲା। ଏଥିପାଇଁ କୋଭାକ୍ସ ଜରିଆରେ ଗୋଟିଏ ବଡ଼ ପରିମାଣରେ ଟିକା ଯୋଗାଉଥିବା ଆମେରିକାକୁ ପରୋକ୍ଷରେ ଉତ୍ତରଦାୟୀ ରହିବେ ବୋଲି ପରୋକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି। ସୂଚନାଯୋଗ୍ୟ, ଟିକା କମ୍ପାନୀ ଫାଇଜର ସୋମବାର ଆମେରିକା ସରକାରର ଶୀର୍ଷ ଅଧିକାରୀଙ୍କୁ ଭେଟିଥିଲା। ଏହି ସମୟରେ ତୃତୀୟ ଡୋଜ ବାବଦରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଆମେରିକା ଭଳି ବ୍ରିଟେନ ମଧ୍ୟ ବୁଷ୍ଟର ଡୋଜ କଥା ବିଚାର କରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ଥିବା ଭାରତୀୟ ବୈଜ୍ଞାନିକ ସ୍ୱାମୀନାଥନ କହିଛନ୍ତି ବୁଷ୍ଟର ଡୋଜ ବା ତୃତୀୟ ଟିକା ସେତେବେଳେ ଦିଆଯିବ ଯେତେବେଳେ ଆବଶ୍ୟକ ରହିଛି ବୋଲି ସେମିତି କିଛି ସାଇଣ୍ଟିଫିକ୍ ଡାଟା ଆସିବ ହେଲେ ତୃତୀୟ ଟିକାର ଆବଶ୍ୟକତା ରହିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏଯାବତ କହିନାହିଁ। ସେହିପରି ଅନ୍ୟତମ ବୈଜ୍ଞାନିକ ଡକ୍ଟର ମିଚେଲ ରିଆନ୍ କହିଛନ୍ତି, ଯଦି ଧନୀ ଦେଶ ବୁଷ୍ଟର ଡୋଜ କଥା ଚିନ୍ତା କରିବେ ତାହେଲେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଏହାକୁ ନେଇ ଗୁରୁତ୍ୱ ଦେବ ଆବଶ୍ୟକ ପଡ଼ିଲେ ବିହିତ ପଦକ୍ଷେପ ନେବାୟ ପ୍ରଥମେ ସାରା ବିଶ୍ୱ ଟିକାକରଣ ହେବା ଦରକାର ବୋଲି ସେ କହିଛନ୍ତି।

## ମାଟ୍ରିକ୍ ମାର୍କରେ ୦.୩୯% ପିଲା ଅସନ୍ତୁଷ୍ଟ

**ଭୁବନେଶ୍ୱର :** ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପରେ ମୂଲ୍ୟାୟନକୁ ନେଇ ବିବାଦ ହୋଇଥିଲା। ସ୍କୁଲ ପକ୍ଷରୁ ଦିଆଯାଇଥିବା ମାର୍କକୁ ମାଧ୍ୟମିକ ଶିକ୍ଷା ପରିଷଦ କର୍ତ୍ତୃପକ୍ଷ ହ୍ରାସ କରିଦେଇଥିବା ଛାତ୍ରଛାତ୍ରୀ ଅଭିଯୋଗ ଆଣିଥିଲେ। ଆଶା କରାଯାଉଥିଲା ଯେଉଁମାନଙ୍କର ମାର୍କ କମିଛି ସେମାନେ ପୁଣିଥରେ ପରୀକ୍ଷା ଦେବେ। ରେଗୁଲାରରେ ୫ ଲକ୍ଷ ୬୨ ହଜାର ୧୦ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପାସ୍ କରିଥିବା ବେଳେ ୨୨୪୪ ଜଣ ରେଗୁଲାର ପିଲା ଅଫଲାଇନ୍‌ରେ ପରୀକ୍ଷା ଦେବା ଲାଗି ଫର୍ମ ପୂରଣ କରିଛନ୍ତି। ଅର୍ଥାତ୍ ରେଗୁଲାର ମାତ୍ର ୦.୩୯% ପିଲା ନିଜ ମାର୍କକୁ ନେଇ ଅସନ୍ତୁଷ୍ଟ ଅଛନ୍ତି ଏବଂ ପରୀକ୍ଷା ଦେବା ଲାଗି ଫର୍ମ ପୂରଣ କରିଛନ୍ତି। ଭୁବନେଶ୍ୱର ଓ ପୁରୀର ଯେଉଁ ଛାତ୍ରଛାତ୍ରୀ ମାଟ୍ରିକ୍ ମାର୍କକୁ ନେଇ ଅସନ୍ତୁଷ୍ଟ ହେବା ସହ ଆନ୍ଦୋଳନକୁ ଓହ୍ଲାଇଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଫର୍ମ ପୂରଣ କରି ନ ଥିବା ଜଣାପଡ଼ିଛି। ତେବେ ଏକ୍ସ-ରେଗୁଲାରର ବହୁ ଛାତ୍ରଛାତ୍ରୀ ପରୀକ୍ଷା ଦେବା ଲାଗି ଆଗ୍ରହ ପ୍ରକାଶ କରିଥିବା ଦେଖିବାକୁ ମିଳିଛି। ମାଧ୍ୟମିକ ଶିକ୍ଷା ପରିଷଦ ତଥ୍ୟ ଅନୁଯାୟୀ ଦଶମ ପରୀକ୍ଷା ସମେତ ଏସ୍‌ଓଏସ୍‌ସି ଓ ମଧ୍ୟମା ପରୀକ୍ଷା ଲାଗି ମୋଟ ଉପରେ ୧୫ ହଜାର ୧୫୫ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି। ମାଟ୍ରିକ୍ ପରୀକ୍ଷା ଲାଗି କେବଳ ୬୫୯୬ ଜଣ ଆବେଦନ କରିଛନ୍ତି। ସେଥିମଧ୍ୟରୁ ମାର୍କ ବୃଦ୍ଧି କରିବାକୁ ୨୨୪୪ ଜଣ ଫର୍ମ ପୂରଣ କରିଥିବା ବେଳେ ପରୀକ୍ଷା ଦେବାକୁ ବଞ୍ଚିତ ହୋଇଥିବା ୧୯୬ ଜଣ ନୂଆ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି। ଏକ୍ସ-ରେଗୁଲାରର ୧୮୭୨, କରେସ୍ପଣ୍ଡେନ୍ସ ପାଠ୍ୟକ୍ରମ (ରେଗୁଲାର)ରେ ୨୨୫୫ ଓ କରେସ୍ପଣ୍ଡେନ୍ସ ପାଠ୍ୟକ୍ରମ(ଏକ୍ସ-ରେଗୁଲାର)ରେ ୨୯ ଜଣ ପରୀକ୍ଷା ଦେବା ପାଇଁ ଇଚ୍ଛୁକ ଅଛନ୍ତି। ଅନ୍ୟପକ୍ଷରେ ଏସ୍‌ଓଏସ୍‌ସିର ପରୀକ୍ଷା ପାଇଁ ୮ ହଜାର ୪୯୩ ଜଣ ଫର୍ମ ପୂରଣ କରିଛନ୍ତି। ଯେଉଁଥିରେ ନୂଆ କରି ୭ ହଜାର ୧୬୦ ଜଣ ଥିବା ବେଳେ ବ୍ୟାକ୍‌ରେ ୧୩୩୩ ଜଣ ରହିଛନ୍ତି। ମଧ୍ୟମା ପରୀକ୍ଷା ଲାଗି ମୋଟ ୬୬ ଜଣ ଫର୍ମ ପୂରଣ କରିଛନ୍ତି। ସେଥିରୁ ରେଗୁଲାରାରେ ୫୪ ଓ ଏକ୍ସ ରେଗୁଲାରରେ ୧୨ ଜଣ ଅଛନ୍ତି। ଜୁଲାଇ ୩୦ରୁ ଅଗଷ୍ଟ ୫ ପର୍ଯ୍ୟନ୍ତ ଅଫ୍‌ଲାଇନ୍‌ରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଫର୍ମ ପୂରଣ ସରିଥିବାରୁ ଏବେ ପରୀକ୍ଷା ପାଇଁ ପରିଷଦ ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡ଼ିଛି।

# ୨୦୩୦ ସୁଦ୍ଧା ଦେଶର ଇସ୍ପାତ ହବ୍ ହେବ ଓଡ଼ିଶା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ୨୦୩୦ ସୁଦ୍ଧା ରାଜ୍ୟରେ ଇସ୍ପାତ ଉତ୍ପାଦନ ୧୦୦ ମିଲିଅନ୍ ଟନ୍‌ରେ ପହଞ୍ଚିବ। ଏଥିପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି, ଯାହାଦ୍ୱାରା କି ରାଜ୍ୟରେ ପୁଞ୍ଜି ବିନିଯୋଗ ବଢ଼ିଛି। କୋଭିଡ୍ ସତ୍ତ୍ୱେ, ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟରେ ପୁଞ୍ଜି ବିନିଯୋଗ ୪.୪୧ ଲକ୍ଷକୁ ବୃଦ୍ଧି ପାଇଛି। ନିକଟରେ ରାଜ୍ୟ ସରକାର ଓଡ଼ିଶାରେ ୧ଲକ୍ଷ ୪୭ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗକୁ ଅନୁମୋଦନ କରିଛନ୍ତି। ଏଥିରେ ମୁଖ୍ୟତଃ ଇସ୍ପାତ ଶିଳ୍ପ ହିଁ ରହିଛି। ଏହି ପ୍ରକଳ୍ପ ମଧ୍ୟରେ ୧୧ ହଜାର କୋଟି ଟଙ୍କାର ଢେଙ୍କାନାଳ ମାଇନ୍‌ସ ଲିମିଟେଡର ସମନ୍ୱିତ ଇସ୍ପାତ ପ୍ରକଳ୍ପ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପରୁ ବର୍ତ୍ତମାନ ୩ ମିଲିଅନ୍ ଟନ୍ ଇସ୍ପାତ ଉତ୍ପାଦନ ହେଉଥିବା ବେଳେ ବର୍ତ୍ତମାନ ଏଥିରୁ ୭.୫୫ ମିଲିଅନ୍ ଟନ୍ ଇସ୍ପାତ ଉତ୍ପାଦିତ ହେବ। ଏହି ସଂପ୍ରସାରିତ ପ୍ରକଳ୍ପ ଢେଙ୍କାନାଳ ଜିଲ୍ଲାରେ ଖୁସି ଆଣିଛି। ଏହି ଅବସରରେ ଢେଙ୍କାନାଳ ଜିଲ୍ଲାର ଲୋକପ୍ରତିନିଧି ମାନଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକମାନେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦନ୍ୟବାଦ ଜଣାଇଛନ୍ତି। ଢେଙ୍କାନାଳ ଜିଲ୍ଲାବାସୀଙ୍କ ଧନ୍ୟବାଦର ଉତ୍ତରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଢେଙ୍କାନାଳ ଜିଲ୍ଲା ପ୍ରଭୁ ଚନ୍ଦ୍ରଶେଖରଙ୍କ ପୀଠ ତଥା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ପାଇଁ ପ୍ରସିଦ୍ଧ। ଢେଙ୍କାନାଳର ଖଣିଜ ସମ୍ପଦର ବିନିଯୋଗ କରି ଏହାକୁ ଏକ ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବରେ ଗଢ଼ିତୋଳିବା ତାଙ୍କର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏ ଦିଗରେ ଏହି ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୦୦ ମସିହାରେ ସେ ଶାସନ ଦାୟିତ୍ୱ ନେବାବେଳେ ରାଜ୍ୟରେ ମାତ୍ର ୨ ମିଲିଅନ ଟନ୍ ଇସ୍ପାତ ଉତ୍ପାଦିତ



ହୋଇଥିବା ବେଳେ ବର୍ତ୍ତମାନ ଏହା ୩୦ ମିଲିଅନ୍ ଟନ୍‌ରେ ପହଞ୍ଚି ପାରିଛି। ଇସ୍ପାତ କାରଖାନା ଯୋଗୁଁ ହିଁ ଆମେ ଆଜି ଦେଶର ୧୭ଟି ରାଜ୍ୟକୁ କୋଭିଡର ଦ୍ୱିତୀୟ ଲହର ସମୟରେ ଅକ୍ସିଜେନ୍ ଯୋଗାଇ ବହୁ ଜୀବନ ରକ୍ଷା କରିପାରିଛୁ। ତେଣୁ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ଯେପରି ଠିକ୍ ସମୟରେ ଶେଷ ହେବ, ସେଥିପାଇଁ ଲୋକପ୍ରତିନିଧି ମାନଙ୍କ ଠାରୁ ଆରମ୍ଭ କରି ଜନସାଧାରଣ ସମସ୍ତଙ୍କ ସହଯୋଗ ରହିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଢେଙ୍କାନାଳ ଜିଲ୍ଲାରେ ବର୍ତ୍ତମାନ ଚାଲିଥିବା ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଏହାଦ୍ୱାରା ଜିଲ୍ଲାର ୮ଟି ବ୍ଲକ ଓ ସବୁ ସହରାଞ୍ଚଳରେ ଘରେ ଘରେ ପାଇପ ପାଣି ସୁବିଧାରେ ମିଳିପାରିବ। ଜିଲ୍ଲାରେ ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୩୦୦ ଶଯ୍ୟା ବିଶିଷ୍ଟ କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।

# ଏଣିକି ସବୁ ସହାୟତା ନମ୍ବର ୧୧୨

**ଭୁବନେଶ୍ୱର :** ଜରୁରୀକାଳୀନ ସହାୟତା ନମ୍ବର(ଇଆରଏସ୍‌ଏସ୍) ୧୧୨ ରାଜ୍ୟରେ କାର୍ଯ୍ୟକ୍ଷମ ହୋଇଛି। ପ୍ରଥମ ପର୍ଯ୍ୟାୟରେ ପୋଲିସ ସହାୟତା ନମ୍ବର ୧୦୦ ଓ ଅଗ୍ନିଶମ ନମ୍ବର ୧୦୧କୁ ୧୧୨ନମ୍ବର ସହିତ ମିଶ୍ରଣ କରାଯାଇଛି। ତେବେ ରାଜ୍ୟରେ କାର୍ଯ୍ୟ କରୁଥିବା ଅନ୍ୟ ନମ୍ବର ଗୁଡ଼ିକୁ ମଧ୍ୟ ପର୍ଯ୍ୟାୟକ୍ରମେ ୧୧୨ ନମ୍ବର ସହିତ ଯୋଡ଼ାଯିବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ଲୋକସେବା ଭବନରେ ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଆର୍‌ଏସ୍‌ଏସ୍ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ସହିତ ରେସପନ୍ସ ସମୟକୁ ବା କଲ୍ ଆସିବାଠାରୁ ଡେଲିଭରି ପଏଣ୍ଟରେ ଗାଡ଼ି ପହଞ୍ଚିବା ସମୟ ଯେପରି ହ୍ରାସ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୋଲିସ ଓ ଅଗ୍ନିଶମ ନମ୍ବରକୁ ବାଦ୍ ଦେଲେ ରାଜ୍ୟରେ ୧୦୨-ଜନନୀ ଏକ୍ସପ୍ରେସ୍, ୧୦୪-କୋଭିଡ ହେଲ୍ପ ଡେସ୍କ, ୧୦୮-ଆମ୍ବୁଲାନ୍ସ, ୧୮୧-ମହିଳା ସହାୟତା ନମ୍ବର, ୧୦୯୮-ଶିଶୁ ସହାୟତା




ନମ୍ବର ସମେତ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଅଲଗା ନମ୍ବର କାର୍ଯ୍ୟ କରୁଛି। ତେଣୁ ଆସନ୍ତା ଅଗଷ୍ଟ ସୁଦ୍ଧା ପର୍ଯ୍ୟାୟ କ୍ରମେ ଅନ୍ୟ ନମ୍ବରଗୁଡ଼ିକୁ ଇଆର୍‌ଏସ୍‌ଏସ୍‌ରେ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଯାହାଫଳରେ ଅନ୍ୟ ନମ୍ବର ଗୁଡ଼ିକୁ ଧୀରେ ଧୀରେ ବନ୍ଦ କରି ଦିଆଯିବ। ଇଆରଏସ୍‌ଏସ୍ ବ୍ୟବସ୍ଥା ପାଇଁ ଆବଶ୍ୟକ ମାନବ ସମ୍ବଳ ଓ ଯାନବାହନ ନିଯୁକ୍ତ କରିବା ଲାଗି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଜରୁରୀକାଳୀନ ରେସପନ୍ସ କେନ୍ଦ୍ର ବା ଏସ୍‌ଇଆରସି ଏବେ ୨୪ଘଣ୍ଟା କାର୍ଯ୍ୟ କରୁଛି। କେନ୍ଦ୍ରରେ କଲ୍ ପାଇଁ ୬୦ଜଣ ଥିବା ବେଳେ ୧୨ କମ୍ପ୍ୟୁଟର ସହାୟତା ଡିଜିଟାଲ ବ୍ୟବସ୍ଥା, ୧୫୧ ଗାଡ଼ି ଓ ୪ଶହ ଅଗ୍ନିଶମ ଗାଡ଼ି ରହିଛି। ଚଳିତବର୍ଷ ମାର୍ଚ୍ଚ ୧୯ତାରିଖରୁ ମେ'ମାସ ଭିତରେ ଏଠାକୁ ୨୦,୮୧୧ କଲ୍ ଆସିଥିବା ବେଳେ ଏଥିରେ ୭୩ ପ୍ରତିଶତ କଲ୍ ପୋଲିସ୍ ଓ ୨୭ ପ୍ରତିଶତ ନିଆଁ ଲାଗିବା ଭଳି କଲ୍ ରହିଛି। ଏହାସହ ଆମ୍ବୁଲାନ୍ସ ସହାୟତା ବାବଦରେ ୫୪୧୫ କଲ୍ ଆସିଥିବା ବେଳେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ଜୁନ୍ ମାସରେ ୮୮୦୭ କେସ୍ ପଞ୍ଜୀକୃତ ହୋଇଥିବା ବେଳେ ତହିଁରେ ୯୩ ପ୍ରତିଶତ ପୋଲିସ ଓ ୭ ପ୍ରତିଶତ ଅଗ୍ନିଶମ ବିଭାଗର ରହିଛି। ଚଳିତମାସରେ ଏ ପର୍ଯ୍ୟନ୍ତ ୧୮୨୧ କଲ୍ ଆମ୍ବୁଲାନ୍ସ ସେବା ପାଇଁ ଆସିଥିବା ବୈଠକରୁ ଜଣାପଡ଼ିଛି। ବୈଠକରେ ପୁଲିସ ଡିଜି ଅଭୟ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା, ଉନ୍ନୟନ କମିସନର ପ୍ରଦୀପ କୁମାର ଜେନା, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିସନର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଆଇସିଡିଏସ୍ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଧୋକା ଦେଲା ମୌସୁମୀ

## ଓଡ଼ିଶାର ୧୭ ଜିଲ୍ଲାରେ ନିଅଣ୍ଟିଆ ବର୍ଷା

**ଭୁବନେଶ୍ୱର :** ଚଳିତ ବର୍ଷ ଠିକ୍ ସମୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିଥିଲେ ହେଁ ଆଶା ଅନୁଯାୟୀ ଏଯାଏ ବର୍ଷା ହୋଇନି। ରାଜ୍ୟର ୩୦ଟି ଜିଲ୍ଲାରୁ ୧୭ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଜୁନ୍ ୧ରୁ ଜୁଲାଇ ୧୩ ମଧ୍ୟରେ ରାଜ୍ୟରେ ୨୭୩.୬ ମିମି ବର୍ଷା ରେକର୍ଡ ହୋଇଛି। ଏହା ସ୍ୱାଭାବିକ ଠାରୁ ୨୧% କମ। ଏହି ସମୟରେ କୋରାପୁଟରେ ସର୍ବାଧିକ ୩୭୦.୩ ମିମି ବର୍ଷା ହୋଇଥିବା ବେଳେ ଭଦ୍ରକରେ ସବୁଠାରୁ କମ ୧୩୧.୧ ମିମି ବର୍ଷା ରେକର୍ଡ କରାଯାଇଛି। ୨୦ ରୁ ୫୯% କମ ବର୍ଷା ବା ନିଅଣ୍ଟିଆ ବର୍ଷାର ସମ୍ମୁଖୀନ ହୋଇଥିବା ଜିଲ୍ଲା ଗୁଡିକ ମଧ୍ୟରେ ଅନୁଗୁଳ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଭଦ୍ରକ, ଦେବଗଡ, ସମ୍ବଲପୁର, ସୋନପୁର, ଝାରସୁଗୁଡା, ବୌଦ୍ଧ, ବଲାଙ୍ଗିର, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ, ଗଜପତି ଓ ରାୟଗଡା ରହିଛି। ୧୭ଟି ଜିଲ୍ଲାରେ ସ୍ୱାଭାବିକ ଠାରୁ କମ ବର୍ଷା ହୋଇଥିବା ବେଳେ ୪ଟି ଜିଲ୍ଲା ପାଇଁ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଆସନ୍ତା ୧୫ ଦିନ



ମଧ୍ୟରେ ଯଦି କେନ୍ଦୁଝର, ଗଞ୍ଜାମ, ଯାଜପୁର ଓ ଭଦ୍ରକରେ ଭଲ ବର୍ଷା ନ ହେବ, ତା'ହେଲେ ଏଠାରେ ଋଷର ସ୍ଥିତି ଗଭୀର ଭାବେ ପ୍ରଭାବିତ ହେବ ବୋଲି ପାଣିପାଗ ବିଜ୍ଞାନୀ ଏଚଆର ବିଶ୍ୱାସ ପୂର୍ବାନୁମାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା କେନ୍ଦୁଝର, ଭଦ୍ରକ, ଯାଜପୁର ଓ ଗଞ୍ଜାମ ଜିଲ୍ଲାରେ ସ୍ୱାଭାବିକ ଠାରୁ ୪୦%ରୁ ଅଧିକ ପରିମାଣର କମ ବର୍ଷା ରେକର୍ଡ କରାଯାଇଥିବା ସେ କହିଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ରାଜ୍ୟର ବାକି ୧୩ ଜିଲ୍ଲାରେ ମୌସୁମୀ ଯୋଗୁ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷା ହୋଇଥିବା ଜିଲ୍ଲା ଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ବରଗଡ଼, ନୂଆପଡ଼ା, କୋରାପୁଟ ଓ ମାଲକାନଗିରି ରହିଛନ୍ତି।

## ଅନ୍‌ଲାଇନ୍ ଅଭିଯୋଗ ଗ୍ରହଣ କରୁନି ଯୋଗାଣ ବିଭାଗ

# ହଇରାଣ ହେଉଛନ୍ତି ରାସନ୍ କାର୍ଡ ହିତାଧିକାରୀ

**ଭୁବନେଶ୍ୱର:** ସାରା ବିଶ୍ୱରେ ମହାମାରୀ କରୋନା ତାର ତାଣ୍ଡବ ରଚି ଚାଲିଛି। ଏହି ମହାମାରୀ ସମୟରେ ସବୁ କାମ ଅନ୍‌ଲାଇନ୍‌ରେ କରିବାକୁ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ସରକାର ମଧ୍ୟ ସରକାରୀ କାର୍ଯ୍ୟାଳୟକୁ ନ ଆସି ଅନ୍‌ଲାଇନ୍ ମାଧ୍ୟମରେ ଆପତ୍ତି ଅଭିଯୋଗ ଜଣାଇବାକୁ ଲୋକଙ୍କୁ ନିବେଦନ କରୁଛନ୍ତି। କିନ୍ତୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ବିପରୀତ ଦିଗରେ ଗତି କରୁଛି। ରାସନ୍ କାର୍ଡ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଅନ୍‌ଲାଇନ୍‌ରେ ଦାଖଲ କଲେ, ତାହା ଗ୍ରହଣ କରାଯାଉନି। ବାରମ୍ବାର 'ଏରର୍'ଦେଖାଉଛି। ଗତ କିଛିଦିନ ଧରି ଏହି ସମସ୍ୟା ଲାଗି ରହିଥିଲେ ବି ତାହାର ସମାଧାନ ପାଇଁ ତତ୍ପରତା ପ୍ରକାଶ ନ ପାଇବା ଆଶ୍ଚର୍ଯ୍ୟର ବିଷୟ। ମହାମାରୀ ସମୟରେ ରାସନ୍ କାର୍ଡଧାରୀମାନଙ୍କୁ ଠିକ୍ ଭାବେ ସେବା ଯୋଗାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ବହୁ ଲୋକଙ୍କ ଜୀବିକା ବିପନ୍ନ ହୋଇଥିଲା ବେଳେ ରାସନ୍ କାର୍ଡ



ହିଁ ସେମାନଙ୍କର ଏକମାତ୍ର ଭରସା। ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ହୋଇ ମଧ୍ୟ ରାସନ କାର୍ଡରୁ ବଞ୍ଚିତ, କାର୍ଡରୁ ନାମ ବାଦ, ଆଧାର କାର୍ଡ ଅମେଳ ଯୋଗୁଁ ଅନେକ ବାଦ ପଡ଼ିଥିଲେ, ଶାଶୂଙ୍କ ନାମରେ ଥିବା କାର୍ଡରେ ନବବଧୂଙ୍କୁ ସାମିଲ, ବିତରଣ କେନ୍ଦ୍ରରେ ସରକାରଙ୍କ ଲକ୍‌ଡାଉନ୍ ଫ୍ରି ଚାଉଳ ମିଳୁ ନ ଥିଲେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଅନ୍ତର୍ଗତ ଅଭିଯୋଗ ପୋର୍ଟାଲରେ ଦୃଷ୍ଟି ଆକର୍ଷଣ ପାଇଁ ପରାମର୍ଶ ଦିଆଯାଉଛି। କରୋନା ପାଇଁ କାର୍ଯ୍ୟାଳୟକୁ ନ ଯାଇ ଅନ୍‌ଲାଇନରେ ଅଭିଯୋଗ ଦାଖଲ କଲେ ଶୀଘ୍ର ସମାଧାନ ହେବ ବୋଲି ମନ୍ତ୍ରୀ ଓ ଅଧିକାରୀ କହୁଛନ୍ତି। ମାତ୍ର ବାସ୍ତବତା ହେଲା, ପ୍ରଥମତଃ ଅନଲାଇନ ପୋର୍ଟାଲ ସମ୍ପର୍କରେ ବ୍ୟାପକ ପ୍ରଚାର ହେଉନାହିଁ। ଏଥି ଯୋଗୁଁ ଏହାର ବ୍ୟବହାର ବଢୁ ନାହିଁ, ଲୋକେ ଖର୍ଚ୍ଚାନ୍ତ ହୋଇ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ପୋର୍ଟାଲ୍‌ରେ ଯେଉଁ ଅଭିଯୋଗ ହେଉଛି ଏହାକୁ ଗୁରୁତ୍ୱ ଦିଆଯାଉନଥିବା କୁହାଯାଉଛି। ଅନ୍‌ଲାଇନରେ ଅଭିଯୋଗ କଲେ ମଧ୍ୟ ଗ୍ରହଣ ହେଉନାହିଁ। ଗ୍ରିଭାନ୍ସ ରିଡ୍ରେସାଲ ସିଷ୍ଟମ ପକ୍ଷରୁ ଜାରି ସୂଚନା ଅନୁସାରେ, ଅନ୍‌ଲାଇନ ମାଧ୍ୟମରେ ବିଭାଗକୁ ସମୁଦାୟ ୩୭ ହଜାର ୫୫୫ ଅଭିଯୋଗ ମିଳିଛି। ଏଥିରୁ ୧୪୧୬ ନାକଚ କରାଯାଇଛି, ୨୩ ହଜାର ୫୭୩ ସମାଧାନ କରାଯାଇଛି। ୧୨ ହଜାର ୫୬୬ ସମାଧାନ କରାଯାଇନାହିଁ। ସର୍ବାଧିକ ଅଭିଯୋଗ ପକାଇ ରଖିଥିବା ଜିଲ୍ଲା ମଧ୍ୟରେ ଗଞ୍ଜାମ ଆଗୁଆ ରହିଛି। ଏଠାରେ ସର୍ବାଧିକ ୨୯୦୬ ଅଭିଯୋଗ ପଡ଼ିଛି। ବାଲେଶ୍ୱରରେ ୧୮୫୩, ଭଦ୍ରକରେ ୩୭୫, ବଲାଙ୍ଗୀରରେ ୩୭୮, ବୌଦ୍ଧରେ ୫୮, କଟକରେ ୨୧୬୪, ଗଜପତିରେ ୧୫୬, ଜଗତସିଂହପୁର ୪୩୯, ଯାଜପୁର ୬, ଝାରସୁଗୁଡ଼ା ୧୪, କଳାହାଣ୍ଡି ୫୧୬, କନ୍ଧମାଳ ୨୦, କେନ୍ଦ୍ରାପଡ଼ା ୧୯, କେନ୍ଦୁଝର ୬୦୨, ଖୋର୍ଧା ୧୭୦୯, ମୟୂରଭଞ୍ଜ ୩୪୨, ନୟାଗଡ଼ ୭୨୮, ନୂଆପଡ଼ା ୫, ରାୟଗଡ଼ା ୮୫, ସମ୍ବଲପୁର ୮୯, ସୁବର୍ଣ୍ଣପୁର ୧୬, ସୁନ୍ଦରଗଡ଼ ୮୫ ଅଭିଯୋଗ ଅମିମାଂସିତ ହୋଇ ପକାଇ ରଖାଯାଇଛି। କେବେ ଏହାର ସମାଧାନ ହେବ ଏହାକୁ ନେଇ ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ମଧ୍ୟ ନାହିଁ। ସୂଚନା ଅନୁଯାୟୀ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତରେ ୩ କୋଟି ୨୫ ଲକ୍ଷ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତରେ ୧୨ ଲକ୍ଷ ହିତାଧିକାରୀ ରହିଛନ୍ତି।

## ଅଗଷ୍ଟ ୯ରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଯୁକ୍ତି ପରୀକ୍ଷା

ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ଯୁକ୍ତ ୩ ମହାବିଦ୍ୟାଳୟଗୁଡ଼ିକର ଯୁକ୍ତି (ସ୍ନାତକ) ଶେଷ ବର୍ଷ ତଥା ୬ଷ୍ଠ ସେମିଷ୍ଟର୍ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅଗଷ୍ଟ ୯ରୁ ଆରମ୍ଭ ହୋଇ ୧୨ରେ ଶେଷ ହେବ। ପ୍ରତିଦିନ ଏକାଧିକ ବିଷୟର ପରୀକ୍ଷା ହେବ। ପରୀକ୍ଷାର ଅବଧି ଦୁଇଘଣ୍ଟା ରଖାଯାଇଛି। ଅନ୍‌ଲାଇନ୍‌ରେ ହେବାକୁ ଥିବା ଏହି ପରୀକ୍ଷାର ସୁପରିଚାଳନା ଓ ତଦାରଖ ଦିଗରେ ପଦକ୍ଷେପ ନେବାକୁ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ କହିଛନ୍ତି। ପରୀକ୍ଷାର ୩୦ ମିନିଟ୍ ପୂର୍ବରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ କଲେଜଗୁଡ଼ିକୁ ପ୍ରଶ୍ନପତ୍ର ପଠାଯିବ। କଲେଜ କର୍ତ୍ତୃପକ୍ଷ ତାହାକୁ ପରୀକ୍ଷାର୍ଥୀଙ୍କୁ ପ୍ରଦାନ କରିବେ। ନ ହେଲେ ପରୀକ୍ଷାର ୫ ମିନିଟ୍ ପୂର୍ବରୁ ପରୀକ୍ଷାର୍ଥୀ **www.uuems.in** ପୋର୍ଟାଲରେ ନିଜର ରୋଲ ନମ୍ବର ଓ ଜନ୍ମ ତାରିଖ ଦେଇ ପ୍ରଶ୍ନପତ୍ର ଡାଉନ୍‌ଲୋଡ କରିପାରିବେ। ପରୀକ୍ଷା ସରିବାର ୩୦ମିନିଟ୍ ମଧ୍ୟରେ ପରୀକ୍ଷାର୍ଥୀ ଉତ୍ତର ଖାତାଗୁଡ଼ିକର ଫଟୋ ଉଠାଇ ତାହାର ପିଡିଏଫ୍ ଫାଇଲ୍ ପ୍ରସ୍ତୁତ କରି ସମ୍ପୃକ୍ତ କଲେଜର ଶିକ୍ଷକ ତଥା ବିଭାଗକୁ ଇ-ମେଲ୍/ହ୍ୱାଟ୍ସଆପ୍/ଗୁଗଲ୍ ଫର୍ମରେ ପଠାଇବେ। ପ୍ରଶ୍ନପତ୍ର କିମ୍ବା ଅନ୍ୟ କେଣସି ପ୍ରକାର ତ୍ରୁଟି ଥିଲେ, କଲେଜ କର୍ତ୍ତୃପକ୍ଷ ତୁରନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ଦୃଷ୍ଟିକୁ ଆଣିବା ଆବଶ୍ୟକ। ନ ହେଲେ ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କଲେଜଗୁଡ଼ିକ ଉତ୍ତର ଖାତାର ସଫ୍ଟ କପିଗୁଡ଼ିକ ନିଜ ପାଖରେ ରଖିବେ। ଜୁଲାଇ ୩୧ ସୁଦ୍ଧା କଲେଜଗୁଡ଼ିକ ଇଣ୍ଟରନାଲ ଆସେସ୍‌ମେଣ୍ଟ, ପ୍ରୋଜେକ୍ଟ ପେପର ମାର୍କ ଅନ୍‌ଲାଇନ୍‌ରେ ଦାଖଲ କରିବାକୁ ପରୀକ୍ଷା ନିୟନ୍ତ୍ରକ ନିର୍ଦ୍ଦେଶ ଦେଇଛନ୍ତି।

## ବଢ଼ିବ +୨ ସିଟ୍

**ଭୁବନେଶ୍ୱର :** କରୋନା ମହାମାରୀ ଯୋଗୁ ପ୍ରାୟ ଦୁଇବର୍ଷ ହେଲା ରାଜ୍ୟର କୌଣସି ଶିକ୍ଷାନୁଷ୍ଠାନ ଖୋଲିନାହିଁ। ଅନ୍‌ଲାଇନ୍‌ରେ ପାଠପଢ଼ି ପରୀକ୍ଷା ନଦେଇ ଚଳିତବର୍ଷ ରେକର୍ଡ ସଂଖ୍ୟାରେ ମାଟ୍ରିକ୍ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଯାହାକୁ ଲକ୍ଷ୍ୟ କରି ରାଜ୍ୟ ସରକାର ଯୁକ୍ତ ଦୁଇରେ ସିଟ୍ ବଢ଼ାଇବାକୁ ଯୋଜନା କରିଛନ୍ତି। ଜୁନିଅର କଲେଜ ଗୁଡିକରେ ଯୁକ୍ତଦୁଇ ସିଟ୍ ବଢ଼ାଇବା ପାଇଁ ଅନୁମତି ଦେଇଛନ୍ତି ରାଜ୍ୟ ସରକାର। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଏନେଇ ଅନୁମତି ଦେଇଛି ରାଜ୍ୟ ସରକାର। ଯେଉଁ କଲେଜ ଗୁଡିକ ଚାହିଁବେ ଏନେଇ ଆବେଦନ କରିପାରିବେ। ସିଟ୍ ବୃଦ୍ଧି ପାଇଁ ୭ଦିନ ମଧ୍ୟରେ ଆବେଦନ କରିପାରିବେ କଲେଜ। ସାମ୍ସ ଜରିଆରେ ଅନଲାଇନରେ ଆବେଦନ କରିବାକୁ ନିର୍ଦ୍ଦେଶ ହୋଇଛି। ଚଳିତବର୍ଷ ୫ଲକ୍ଷ ୬୨ ହଜାର ୧୦ ପିଲା ମାଟ୍ରିକ ପାସ୍ କରିଛନ୍ତି। ତେବେ ରାଜ୍ୟରେ +୨ ସିଟ୍ ସଂଖ୍ୟା ୪ଲକ୍ଷ ୪୩ ହଜାର ୩୫୪ ରହିଛି। ତାହା ହେଲେ ବାକି ଛାତ୍ରଛାତ୍ରୀ କେଉଁଠି ପଢ଼ିବେ ? ଏହାକୁ ନେଇ ସାଧାରଣରେ ମତ ପ୍ରକାଶ ପାଇଥିଲା। ତେବେ ରାଜ୍ୟରେ କଲେଜ ଗୁଡିକରେ ସିଟ୍ ସଂଖ୍ୟା ବଢ଼ିଲେ, ଯୁକ୍ତ ଦୁଇରେ ପାଠ ପଢ଼ିବାରେ ସମସ୍ୟା ହେବନାହିଁ।

# ୨୦୨୨ରେ ହେବ ହାତୀ ଗଣନା

**ଭୁବନେଶ୍ୱର :** ୨୦୨୨ରେ ହାତୀ ଗଣନା। ମାର୍ଚ୍ଚରୁ ମେ' ମାସ ମଧ୍ୟରେ ସମସ୍ତ ରାଜ୍ୟରେ ହାତୀ ଗଣନା କରାଯିବ। କେଉଁ ପଦ୍ଧତିରେ ହାତୀଙ୍କ ଗଣନା କରାଯିବ ସେନେଇ ଆକ୍ସନ ପ୍ଲାନ ପ୍ରସ୍ତୁତ ଚାଲିଛି। ହାତୀ ବିଶେଷଜ୍ଞଙ୍କ ସହ ଆଲୋଚନା କରାଯାଇ ଅଗଷ୍ଟ ଶେଷ ସୁଦ୍ଧା ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯିବ। ଏନେଇ ଜୁନ୍ ମାସରେ ବନ୍ୟପ୍ରାଣୀ ଏଡିଜିଙ୍କ ଅଧ୍ୟକ୍ଷତାରେ ହାତୀ ଚଳପ୍ରଚଳ କରୁଥିବା ସମସ୍ତ ରାଜ୍ୟର ପିସିସିଏଫ୍‌ଙ୍କ ସହ ମଧ୍ୟ ବିଚାରବିମର୍ଶ ହୋଇଛି। ହାତୀ ଶିକାର, ମୃତ୍ୟୁ, ସୁରକ୍ଷା ପାଇଁ ଭିତ୍ତିଭୂମି ଆଦି ଉପରେ ଆଲୋଚନା ସହ ହାତୀ କରିଡର ନେଇ ମାନସମନ୍ୱୟ ହୋଇଥିବା କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ପକ୍ଷରୁ ସୂଚନା ମିଳିଛି। ଓଡ଼ିଶା ମଧ୍ୟ ହାତୀ ଗଣନା ପଦ୍ଧତି ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। ଦୀର୍ଘ ୫ ବର୍ଷ ପରେ ରାଜ୍ୟରେ ହାତୀ ଗଣନା କରିବାକୁ ସରକାର ପ୍ରସ୍ତୁତି କରୁଥିବାରୁ ତାହା ଉପରେ ସମସ୍ତଙ୍କ ନଜର ରହିଛି। ହାତୀ ଗଣନା ପାଇଁ ଜାତୀୟ ସ୍ତରରେ ସଜବାଜ ଚାଲିଥିବା ବେଳେ ଓଡ଼ିଶା ଅଧିକ ଚର୍ଚ୍ଚାରେ ରହିଛି। ହାତୀଙ୍କ ସଂଖ୍ୟା ବିଥିବା ନେଇ ସରକାରୀ ସ୍ତରରେ ଆକଳନ କରାଯାଉଥିବା ବେଳେ ହାତୀ ସଂଖ୍ୟା କମିଥିବା ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି। ତଥ୍ୟ ଅନୁଯାୟୀ ୨୦୧୫ ଗଣନା ସମୟରେ ଓଡ଼ିଶାରେ ୧୯୫୪ଟି ହାତୀ ରହିଥିଲେ। ତେବେ ୨୦୧୭ ଗଣନା ସମୟରେ ହାତୀଙ୍କ ସଂଖ୍ୟା ୧୯୭୬କୁ ବୃଦ୍ଧି ପାଇଥିଲା। ଅର୍ଥାତ୍ ୨୨ଟି ହାତୀ ବଢ଼ିଥିଲେ। ରାଜ୍ୟର ୪୩ ବନ୍ୟପ୍ରାଣୀ ଡିଭିଜନରେ ଏହି ହାତୀ ଗଣନା କରାଯାଇଥିଲା। ତିନୋଟି ହାତୀ ସଂରକ୍ଷିତ ଅଞ୍ଚଳ ଯଥା ମୟୂରଭଞ୍ଜ, ମହାନଦୀ ଓ ସମ୍ବଲପୁରରେ ୧୫୩୬ ହାତୀ ରହିଥିଲେ। ୫ଟି ଅଭୟାରଣ୍ୟରେ ୭୯ ହାତୀ, ବିଭିନ୍ନ ହାତୀ ସଂରକ୍ଷିତ ଅଞ୍ଚଳ ଓ ଅଭୟାରଣ୍ୟ ବାହାରେ ୩୬୧ ହାତୀ ରହିଥିବା ଗଣନାରୁ ସୂଚନା ମିଳିଥିଲା। ୧୯୭୬ ହାତୀଙ୍କ ମଧ୍ୟରୁ ୩୪୪ଟି ଅଣ୍ଡିରା, ୧୦୯୨ ମାଈ ଓ ୫୦୨ଟି ଛୁଆ ହାତୀ ରହିଥିଲେ। ୩୮ଟି ହାତୀଙ୍କର ଲିଙ୍ଗ ନିରୂପଣ ହୋଇ ପାରି ନଥିଲା। ଶିମିଳିପାଳ ବନଖଣ୍ଡରେ



ସର୍ବାଧିକ ୩୩୦ ହାତୀ ରହିଥିବା ଗଣନାରୁ ଜଣାପଡ଼ିଥିଲା। ନିୟମ ଅନୁଯାୟୀ ପ୍ରତି ଦୁଇ ବର୍ଷ ବ୍ୟବଧାନରେ ହାତୀ ଗଣନା କରାଯିବା କଥା। ଏଥିରେ ହାତୀଙ୍କ ସଂଖ୍ୟା, କେଉଁ ବନଖଣ୍ଡରେ କେତେ ହାତୀ ରହିଛନ୍ତି, କେଉଁ ବର୍ଗର କେତେ ହାତୀ ଅଛନ୍ତି ତାହାର ଟିକିନିଖି ତଥ୍ୟ ସଂଗ୍ରହ କରାଯାଇଥାଏ। ଶେଷ ଥର ପାଇଁ ୨୦୧୭ ମେ'ରୁ ଜୁଲାଇ ମାସ ମଧ୍ୟରେ ହାତୀ ଗଣନା ହୋଇଥିଲା। ତା'ପରଠାରୁ ଆଉ ଗଣନା ହୋଇ ନାହିଁ। ପ୍ରଶାସନିକ ସ୍ତରରେ ଅବହେଳା ସହ ହତୀ ମୃତ୍ୟୁ ସଂଖ୍ୟା ତଥ୍ୟ ଲୁଚାଇବା ପାଇଁ ୨୦୧୯ ଓ ୨୦୨୧ରେ ହାତୀ ଗଣନା ହୋଇ ପାରି ନ ଥିବା ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ୱାଇଲ୍‌ଡାଇଫ୍ ସୋସାଇଟି ଅଫ୍ ଓଡ଼ିଶାର ସମ୍ପାଦକ ତଥା ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ୍ ମହାନ୍ତିଙ୍କ ମତରେ କରୋନା ଯୋଗୁଁ ଗତ ଦୁଇ ବର୍ଷ ହେଲା ଜଙ୍ଗଲରେ ଠିକ୍ ଭାବେ ପାଟ୍ରୋଲିଂ ହେଉ ନାହିଁ। ଯେଉଁଥିପାଇଁ ୧୫୦ରୁ ଅଧିକ ହାତୀଙ୍କ ମୃତ୍ୟୁ ହେଉଛି। ୮ ବର୍ଷ ହେଲା ହାରାହାରି ୮୦ ହାତୀଙ୍କ ମୃତ୍ୟୁ ହେଉଛି। ହାତୀ ଶିକାର ବହୁ ପରିମାଣରେ ବଢ଼ିଛି। ପ୍ରତି ଦୁଇ ବର୍ଷ ବ୍ୟବଧାନରେ ରାଜ୍ୟ ସରକାର ଗଣନା କରିବା କଥା। ତେବେ ହାତୀ ଗଣନା କରାଗଲେ ସରକାରଙ୍କ ଅପାରଗତା ପଦାରେ ପଡ଼ିବ। ତେଣୁ ହାତୀ ଗଣନା ନ କରି ବାବୁମାନେ ଚୁପ୍ ବସିଛନ୍ତି। ୨୦୨୨ ଗଣନା ବେଳକୁ ଓଡ଼ିଶାରେ ହାତୀଙ୍କ ସଂଖ୍ୟା ଦୁଇ ହଜାର ଡେଇଁବା ନେଇ ସରକାରୀ ବାବୁମାନେ ଆକଳନ କରିଛନ୍ତି। ଜଙ୍ଗଲ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ୨୦୨୧ରେ ହାତୀ ଗଣନା ଲାଗି ପ୍ରସ୍ତୁତି ଚାଲିଥିଲା। ତେବେ କରୋନାର ଦ୍ୱିତୀୟ ଲହର ପାଇଁ ଗଣନା ବାଧାପ୍ରାପ୍ତ ହୋଇଛି। ୨୦୨୨ରେ ଗଣନା କରିବା ଲାଗି ଏବେଠାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ତେଣୁ ଆମେ ଆମେ ମଧ୍ୟ ପ୍ରସ୍ତୁତ ହେଉଛୁ। କେଉଁ ପଦ୍ଧତିରେ ଗଣନା କରାଗଲେ ଭଲ ହେବ ସେନେଇ କେନ୍ଦ୍ରକୁ ପ୍ରସ୍ତାବ ଦେଇଛୁ। ଇତି ମଧ୍ୟରେ ହାତୀ ନ ଥିବା କିଛି ସଂରକ୍ଷିତ ଅଭୟାରଣ୍ୟରେ ହାତୀ ଚଳପ୍ରଚଳ କରୁଥିବା ଲକ୍ଷ୍ୟ କରାଯାଇଛି। ଦେଢ଼ ବର୍ଷ ମଧ୍ୟରେ ଟ୍ରେନ୍ ଧକ୍କାରେ ହାତୀ ମୃତ୍ୟୁ ସଂଖ୍ୟା ବହୁ ପରିମାଣରେ କମିଛି। ଶିକାର ବି କମିଛି। ତେଣୁ ୨୦୧୭ ତୁଳନାରେ ହାତୀଙ୍କ ସଂଖ୍ୟା ବିଥିବା ଅନୁମାନ କରାଯାଉଛି।



ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୯ - ୨୫ ଜୁଲାଇ, ୨୦୨୧


# ଭୟ ଓ ଆଶଙ୍କା


ସମ୍ପାଦକୀୟ

ତାରକ ମହାନ୍ତି




ସାମ୍ପ୍ରତିକ ସମୟରେ ପାଣିପାଗ ଠିକ୍ ରହୁନି, ଜୁଲାଇ ମାସରେ ମଧ୍ୟ ନିଅଣ୍ଟିଆ ବର୍ଷା । ରାଜ୍ୟର ଅନେକ ଜିଲ୍ଲାରେ ଗଜାମରୁଡ଼ିର ପଦଧ୍ୱନି । ଜୁଲାଇ ଅଧା ହେଲାଣି ତଥାପି ଯେତିକି ପରିମାଣର ବର୍ଷା ହେବା କଥା ସେତିକି ବର୍ଷା ହୋଇନାହିଁ । ଜମିରେ ପାଣି ଅଭାବରୁ ବେଉଷଣ କିମ୍ବା ରୁଆ କାର୍ଯ୍ୟ ହୋଇପାରୁନି । ୧୭ ଜିଲ୍ଲାରେ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ପରିସ୍ଥିତି ସାଙ୍ଘାତିକ ଆଡକୁ ଗତି କଲାଣି । କେନାଲରେ ଜଳସେଚନ ସୁବିଧା ନଥିବାରୁ ଚାଷୀ ହତାଶ ହେବା ଅବସ୍ଥାକୁ ଆସିଗଲେଣି । ପୂର୍ବରୁ ଆକଳନ କରାଯାଉଥିଲା ଯେ, ଚଳିତବର୍ଷ ମୌସୁମୀ ବର୍ଷା ଭଲ ହେବ । ହେଲେ ଜଳବାୟୁର ଏଭଳି ପରିବର୍ତ୍ତନ ଏବେ ଚିନ୍ତାର କାରଣ । ଜୁଲାଇ ମାସରେ ଯେତିକି ପରିମାଣର ବର୍ଷା ହେବା କଥା ତା ଠାରୁ ଯଥେଷ୍ଟ କମ ବର୍ଷା ହେବା ଫଳରେ ଚାଷ କାମ ଯେତିକି ହେବା କଥା ତାହା ଆଗେଇ ପାରୁନାହିଁ । ମୌସୁମୀ ସକ୍ରିୟ ହେବା ପାଇଁ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ଉପରେ ନିର୍ଭର କରୁଛି । ଜୁନ୍ ପହିଲାରୁ ଆଜି ପର୍ଯ୍ୟନ୍ତ ଯେତିକି ବର୍ଷା ହେବା କଥା ସେତିକି ହୋଇନଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶକ କହିଛନ୍ତି । ସ୍ୱାଭାବିକ ଭାବେ ଜୁନ୍-ଜୁଲାଇରେ ୩୪୭ ମିମି ବର୍ଷା ହେବା କଥା । କିନ୍ତୁ ରାଜ୍ୟରେ ୨୭୩.୬ ମିମି ବର୍ଷା ହୋଇଥିବା କଥା ପାଣିପାଗ ବିଜ୍ଞାନ କେନ୍ଦ୍ର କହିଛି । ପାଖାପାଖି ୨୧% କମ ବର୍ଷା ହୋଇଛି ବୋଲି ଜଣାପଡିଛି । ୧୭ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ଲାଗିରହିଛି । କେନ୍ଦୁଝର, ଯାଜପୁର ଓ ଗଜପତିରେ ୪୦% ବର୍ଷା କମ ହୋଇଥିବା ସୂଚନା ମିଳୁଛି । କେନ୍ଦ୍ରୀୟ ଓ ଉପକୂଳ ଓଡ଼ିଶାରେ ହାଲକା ଓ ମଧ୍ୟମ ଧରଣର ବର୍ଷା ହେଉଥିଲେ ବି ସେଭଳି ବଡ ବର୍ଷା ନାହିଁ । ଏଭଳି ଅବସ୍ଥା ଜାରି ରହିଲେ ଧାନ ଚାଷ ଉପରେ ଏହାର କୁପ୍ରଭାବ ପଡିବ । ତେଣୁ ଅଣଧାନ ଚାଷ ଉପରେ ଚାଷୀଙ୍କୁ ନିର୍ଭର କରିବାକୁ ପଡିପାରେ । ଏତ ଗଲା ସ୍ୱଳ୍ପ ବୃଷ୍ଟିକୁ ନେଇ ଆଗାମୀ ଦିନରେ କେଉଁ ପ୍ରକାର ପରିସ୍ଥିତି ଆସିବ ଓ ସରକାର ଏଥିପାଇଁ କିଭଳି ପ୍ରସ୍ତୁତ ରହି ରାଜ୍ୟରେ ଚାଷୀଙ୍କ ସମସ୍ୟାର ସମାଧାନ କରିବେ ତାହା ଦେଖିବାର କଥା । ହେଲେ ମହାମାରୀ କରୋନା କାରଣରୁ ଲକଡାଉନ ଓ ସାପ୍ତାହିକ ସଟଡାଉନ ଚାଲିଥିଲା ବେଳେ ଏହାର ପ୍ରଭାବ ଗରିବ, ନିମ୍ନମଧ୍ୟବିତ୍ତ ଓ ମଧ୍ୟବିତ୍ତଙ୍କ ଉପରେ ପଡିଛି ତାହା ଚିନ୍ତାର ବିଷୟ । କଟକଣା ସାମାନ୍ୟ କୋହଳ ଥିଲେ ବି ସଂଧ୍ୟା ପରେ ବେପାର ବଣିଜ ସମ୍ପୂର୍ଣ୍ଣ ଠପ ହୋଇଯାଇଛି । ଛୋଟ ଛୋଟ ବେପାରୀ ବେପାର କରିନପାରି ହାତ ବାନ୍ଧି ବସିପଡିଲେଣି । ଦେଶରେ ହେଉ କି ରାଜ୍ୟରେ ଅଦ୍ୟାବଧି ସଂକ୍ରମଣ ନିୟନ୍ତ୍ରଣକୁ ଆସିନାହିଁ । କେତେକ ରାଜ୍ୟରେ ପୁଣି ସଂକ୍ରମଣ ବଢୁଥିବା ନେଇ ରିପୋର୍ଟ ମଧ୍ୟ ସାମ୍ନାକୁ ଆସୁଛି । ଏଭଳି ପରିସ୍ଥିତିରେ ଅନଲକ ପ୍ରକ୍ରିୟା ଜାରି ହେବା ନେଇ ଅନିଶ୍ଚିତତା ଘାରିଛି । ବଡ ବଡ ମଲ ଖୋଲୁନଥିବାରୁ ଏଠାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ୍‌କ ଚଳିବା ମୁସ୍କିଲ ହୋଇପଡିଲାଣି । କେତେକ ସଂସ୍ଥା ନିଜର କର୍ମଚାରୀଙ୍କୁ ସ୍ୱଳ୍ପ ବେତନ ଦେଉଥିଲା ବେଳେ ଆଉ କେତେକ ସଂସ୍ଥା ଦରମା ଦେବାର ଅକ୍ଷମତା ପ୍ରକାଶ କଲେଣି । ତେଣୁ ଏଭଳି ଏକ ସମୟରେ ଜୀବନ ଓ ଜୀବିକା ଉଭୟ ସଙ୍କଟରେ ପଡିଛି । ପୁଣି ଆଇସିଏମ୍‌ଆର ସୂଚନା ଦେଲାଣି ଯେ, ଅଗଷ୍ଟ ଶେଷ ସପ୍ତାହ ସୁଦ୍ଧା ରାଜ୍ୟକୁ କରୋନାର ତୃତୀୟ ଲହର ଆସିପାରେ । ଏହାର ମୂଳ କାରଣ ହେଉଛି ଲୋକଙ୍କ ଅମାନିଆ ଆଚରଣ ହିଁ ତୃତୀୟ ଲହରକୁ ଡାକି ଆଣିବ । ତେଣୁ ଲୋକ ଯେତେବେଳେ କଟକଣା ନମାନିବେ ସଂକ୍ରମଣ ବଢ଼ିବାର ସମ୍ଭାବନା ଅଧିକ । ଏପଟେ କଟକଣା କୋହଳ କରାଯାଇଛି । ଏଥିରେ ରାଜ୍ୟ ଭିତରେ ବସ ସେବା ଆରମ୍ଭ ହୋଇଯିବ । ଲୋକ ଗୋଟିଏ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ଯାତାୟତ କରିପାରିବେ । ହେଲେ ଯେତିକି ସିଟ୍ ସେତିକି ଯାତ୍ରୀ ବସିକରି ଯାତ୍ରା କରିପାରିବେ । ଫଳରେ ସଂକ୍ରମଣ କମ ଥିବା ଜିଲ୍ଲାକୁ ସଂକ୍ରମଣ ଅଧିକ ଥିବା ଜିଲ୍ଲାର ଲୋକ ଯାଇପାରିବେ । ତେଣୁ ପୁଣିଥରେ ସଂକ୍ରମଣ ବଢ଼ିବାର ଆଶଙ୍କା ମଧ୍ୟ ଦେଖାଦେଲାଣି । ଦୁଇଗୋଟି କାଟାଗୋରିରେ ବିଭକ୍ତ ଜିଲ୍ଲାରେ ଦୋକାନ ବଜାର ଖୋଲିବାର ଭିନ୍ନ ଭିନ୍ନ ସମୟ ମଧ୍ୟ ଧାର୍ଯ୍ୟ କରିଛନ୍ତି ରାଜ୍ୟ ସରକାର । ଜିମ, ବିଉଟି ପାର୍ଲର, ସ୍ପା ଖୋଲିବାକୁ ଅନୁମତି ମଧ୍ୟ ମିଳିଛି । ତେବେ ୧୦ ଜିଲ୍ଲାରେ ପୂର୍ବ ଭଳି ସପ୍ତାହନ୍ତ ସଟ୍‌ଡାଉନ ଜାରି ରହିବ । ଉଲ୍ଲେଖଯୋଗ୍ୟ ଜୁଲାଇ ୧ ତାରିଖରୁ ରାଜ୍ୟର ସରକାର କଟକଣାଯୁକ୍ତ ଅନଲକ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଏହା ମଧ୍ୟରେ କରୋନା ସଂକ୍ରମଣ କମିଥିଲେ ବି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିନାହିଁ । ଜୀବନ ଓ ଜୀବିକା ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ସରକାର ଏଭଳି ନିଷ୍ପତ୍ତି ନେଇଥିଲେ ବି ସଂକ୍ରମଣ ଅଧିକ ଥିବା କାରଣରୁ ରିସ୍କ ମଧ୍ୟ ନେଉନାହାନ୍ତି । ତେବେ ଆର୍ ଭ୍ୟାଲୁକୁ ନେଇ ଚିନ୍ତା ବଢ଼ିଲାଣି । ସୁନ୍ଦରଗଡ ଜିଲ୍ଲାରେ ସଂକ୍ରମଣ ବଢ଼ିବା ପରେ ଖୋର୍ଦ୍ଧା ଜିଲ୍ଲାର ଆର୍ ଭ୍ୟାଲୁକୁ ନେଇ ଚିନ୍ତା କରାଯାଉଛି । କାରଣ ଖୋର୍ଦ୍ଧା ଜିଲ୍ଲାରେ ଆର୍ ଭ୍ୟାଲୁ ୧ ପାଖାପାଖି ରହିଛି । ପୁରୀରେ ୦.୮୧, କଟକ ୦.୭୮, ବାଲେଶ୍ୱର ୦.୮୧ ରହିଛି । ରାଜ୍ୟରେ ଦୈନିକ ସଂକ୍ରମଣ ୨ ହଜାର ଉପରେ ସ୍ଥିର ରହିଛି । ପୂର୍ବାପେକ୍ଷା ସୁସ୍ଥ ହୋଇଥିବା ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ମହାମାରୀର ମହାସଙ୍କଟ ମଧ୍ୟରେ ସ୍ୱାଭାବିକ ଜୀବନ ଯାତ୍ରା ଅସମ୍ଭବ ହୋଇପଡିଛି । ଗୋଟେ ପଟେ କରୋନା ମାଡ ଅନ୍ୟପଟେ ବଜାର ଦର ହୁ ହୁ ହୋଇ ବଢ଼ିଚାଲିଛି । ଖାଇବା ତେଲ ଠାରୁ ଆରମ୍ଭ କରି ପେଟ୍ରୋଲ ପର୍ଯ୍ୟନ୍ତ ଏତେ ମହଙ୍ଗା ଯେ ସାଧାରଣ ଲୋକ ପରିବାର ଚଳାଇବା ମୁସ୍କିଲ ହୋଇପଡିଲାଣି । ପନିପରିବା ଦର ଠାରୁ ଆରମ୍ଭ କରି ତେଲ, ମସଲା ସବୁର ଦର ଚଢ଼ା ରହୁଛି । ବଜାର ଦର ଉପରେ ସରକାରଙ୍କ ନିୟନ୍ତ୍ରଣ ରହୁନଥିବାରୁ ମୁନାଫାଖୋର ବ୍ୟବସାୟୀମାନେ କରୋନା ଆଳରେ ଲୋକଙ୍କୁ ଲୁଟି ଚାଲିଛନ୍ତି । କଟକଣା ସାମାନ୍ୟ କୋହଳ ହୋଇଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଦୋକାନବଜାର ଖୋଲା ରହୁଛି । ଫଳରେ ଲୋକେ ସ୍ୱଳ୍ପ ସମୟର ଅବଧି ମଧ୍ୟରେ ଜିନିଷପତ୍ର କିଣିବାକୁ ବାଧ୍ୟ ହେଉଛନ୍ତି । ମାଛ, ମାଂସ, ଅଣ୍ଡା ଠାରୁ ଆରମ୍ଭ କରି ପ୍ରତ୍ୟେକ ସାମଗ୍ରୀର ମୂଲ୍ୟ ବୃଦ୍ଧି ସମସ୍ତଙ୍କୁ ବାଧୁଛି । ଧନୀକ ଗୋଷ୍ଠୀ ଓ ସରକାରୀ ଚାକିରିଆଙ୍କ ପାଇଁ ଏହା କାଳ ହୋଇନଥିବା ବେଳେ ଗରିବ ଓ ମଧ୍ୟବିତ୍ତ ଏହାଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି । କହିବାକୁ ଗଲେ ସମସ୍ତଙ୍କ ମନରେ ଏକ ପ୍ରକାର ଅଶାନ୍ତି ଦେଖାଦେଲାଣି । ଉପାୟହୀନ ଜୀବନଯାପନ ପାଇଁ ବର୍ତ୍ତମାନ ପରିସ୍ଥିତିରେ ମଣିଷ ଯେମିତି ବାଧ୍ୟ ହୋଇପଡିଛି । ଗୋଟେପଟେ ଜୀବନ ଅନ୍ୟପଟେ ଜୀବିକାକୁ ନେଇ ଏଭଳି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ଯେ, କେଉଁ କାମ କିଭଳି ହେବ ଓ ଉପାର୍ଜନ କିଭଳି ସ୍ଥିର ରହିବ ସେ ନେଇ ନିଷ୍ପତ୍ତି କରିବା ସହଜ ହେଉନାହିଁ । ତେଣୁ ପରିସ୍ଥିତିର ମୁକାବିଲା ସହିତ ମହାମାରୀ କରୋନାରୁ ବଞ୍ଚିବା ପାଇଁ ଆଉ କେତେଦିନ ସମୟ ଲାଗିବ ତାହା ସଠିକ୍ ଭାବେ କେହି କହିପାରୁ ନାହାନ୍ତି । ବିଶେଷଜ୍ଞଙ୍କ ଆକଳନ ଦେଖିଲେ କରୋନାର ତୃତୀୟ ଲହର ନିଶ୍ଚୟ ଆସିବ । ତେଣୁ ଦୁଇଟି ଲହରକୁ ଭୋଗ କରି ସାରିଥିବା ମଣିଷ ପାଇଁ ତୃତୀୟ ଲହର ଭୟ ଓ ଆଶଙ୍କା ବଢ଼ାଇ ଦେଇଛି ।


**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ବରିଷ୍ଠ ନାଗରିକଙ୍କ କଷ୍ଟ ଲାଘବର ସୂତ୍ର



ପ୍ରଦୀପ୍ତ ଆଚାର୍ଯ୍ୟ

ପ୍ରତ୍ୟେକ ମନୁଷ୍ୟ ତାର ଜୀବଦଶା ମଧ୍ୟରେ ଶୈଶବ, କୈଶୋର, ଯୌବନ, ପ୍ରୌଢ ଏବଂ ବୃଦ୍ଧାବସ୍ଥା ଦେଇ ଗତି କରିଥାଏ ।ସମସ୍ତ ଅବସ୍ଥା ର ଅନୁଭବ,ଅଭିଜ୍ଞତା ଓ ଚଳଣି ପ୍ରାକୃତିକ ନିୟମ ଅନୁଯାୟୀ ଭିନ୍ନ ଭିନ୍ନ ହୋଇଥାଏ । କିନ୍ତୁ ସମସ୍ତଙ୍କ କ୍ଷେତ୍ରରେ ଜୀବନର ଶେଷ ଅବସ୍ଥା ବା ବାର୍ଦ୍ଧକ୍ୟ ଅବସ୍ଥା କ୍ଲିଷ୍ଟ,ଦୁର୍ବିସହ ଓ ଅରୁଚିକର ପ୍ରତୀୟମାନ ହୁଏ ।ଏହା ଏକ ପ୍ରାକୃତିକ ପ୍ରକ୍ରିୟା । ଯେଉଁ ଯେଉଁ କାରଣରୁ ବୃଦ୍ଧାବସ୍ଥାରେ ଜୀବନ ପ୍ରତି ବିତୃଷ୍ଣା ଆସିଥାଏ, ସେଥିମଧ୍ୟରୁ କେତେକ ପ୍ରାକୃତିକ ଏବଂ ସାମାଜିକ କାରଣ ପ୍ରଣିଧାନ ଯୋଗ୍ୟ ।ବାର୍ଦ୍ଧକ୍ୟର ପ୍ରାକୃତିକ ସମସ୍ୟା ଚିରାଚରିତ,ଏହାକୁ କୌଣସି ପ୍ରକାରେ ଟାଳି ହେବ ନାହିଁ । କିନ୍ତୁ ସାମାଜିକ ସମସ୍ୟା ସ୍ଥଳ ବିଶେଷରେ ବିଭିନ୍ନ ପ୍ରକାର ହୋଇଥାଏ ।(୧)ପ୍ରାକୃତିକ କାରଣ ମଧ୍ୟରୁ ପ୍ରଥମ ହେଲା ଶାରୀରିକ ଅସୁସ୍ଥତା ।ବୃଦ୍ଧାବସ୍ଥାରେ ଶରୀରର ରୋଗ ପ୍ରତିଷେଧକ ଶକ୍ତି ହ୍ରାସ ହେବାରୁ,ମନୁଷ୍ୟ ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହୁଏ ଏବଂ ଉପଯୁକ୍ତ ଚିକିତ୍ସା ପରେ ମଧ୍ୟ ସୁସ୍ଥ ହେବା କଷ୍ଟକର ହୁଏ । (୨)ବୟସାଧିକ ହେତୁ ଇନ୍ଦ୍ରିୟ ଗୁଡିକ ଦୁର୍ବଳ ହୋଇଯାଏ । ପୂର୍ବରୁ ଆସ୍ୱାଦନ କରିଥିବା ଇନ୍ଦ୍ରିୟାନୁଭୁତିର ଆନନ୍ଦର ସ୍ମୃତି ଭୀଷଣ ମାନସିକ ଯନ୍ତ୍ରଣା ପ୍ରଦାନ କରିଥାଏ ।ଯଥା କିଛି ସୁନ୍ଦର ବସ୍ତୁ ଦେଖିବାକୁ ଇଚ୍ଛା ଥିଲେ,ବହି ପଢିବାକୁ ଆଗ୍ରହ ଥିଲେ ମଧ୍ୟ ଦୃଷ୍ଟି ଶକ୍ତି ହ୍ରାସ ଯୋଗୁ ସମ୍ଭବ ହୋଇ ନଥାଏ,କାହାରି ଭଲ କଥା ଶୁଣିବାକୁ ଆଗ୍ରହ ଥିଲେ ମଧ୍ୟ ଦୁର୍ବଳ ଶ୍ରବଣ ଶକ୍ତି ବାଧକ ସାଜେ ।ପ୍ରବଳ ଖାଦ୍ୟ ଆଶକ୍ତି ଥାଇ ମଧ୍ୟ,ଦନ୍ତଶୁନ୍ୟ ମୁଖରେ କଠିନ ଖାଦ୍ୟ ନଖାଇ ପାରିବା, ତଥା କଷ୍ଟେ ମଷ୍ଟେ ଖାଇଦେଲେ ବି ଜୀର୍ଣ୍ଣ କରିବାର ଅକ୍ଷମତା, ବହୁତ ଅସୁବିଧା ସୃଷ୍ଟି କରିଥାଏ । (୩) ସବୁଠାରୁ ବଡ କଷ୍ଟ ହେଲା ନିଃସଙ୍ଗତା । ବୟସ୍କ ମାନେ ସବୁବେଳେ ଇଚ୍ଛା କରନ୍ତି, ମୋ ପାଖରେ କେହି ବସନ୍ତୁ, ମୋସାଙ୍ଗରେ ଗପନ୍ତୁ,ଯାହାକି ଅନେକ କ୍ଷେତ୍ରରେ ସମ୍ଭବ ହୋଇ ପାରିନଥାଏ । ଆଧୁନିକ ବ୍ୟସ୍ତବହୁଳ ଜୀବନ ଶୈଳୀ ଯୋଗୁଁ ବୟସ୍କ ମାନଙ୍କର ଉତର ଦାୟାଦ ମାନେ,ସେମାନଙ୍କ ପାଇଁ ସମୟ ଦେବାରେ ଅସମର୍ଥ ହୁଅନ୍ତି ଏବଂ ଅନେକ ଲୋକ,ବୟସ୍କ ମାନଙ୍କୁ ଅଦରକାରୀ ତଥା ବୋଝ ମନେକରି, ଇଚ୍ଛାକୃତ ଅବହେଳା ପ୍ରଦର୍ଶନ କରନ୍ତି । (୪)ବୟସ୍କ ମାନେ ଚିରାଚରିତ ଅଭ୍ୟାସ ବଶତଃ,ତାଙ୍କର ଉତର ଦାୟାଦ ମାନଙ୍କୁ ଦେଉଥିବା ପରାମର୍ଶ ଓ ନିର୍ଦ୍ଦେଶ କାର୍ଯ୍ୟକାରୀ ନହେଲେ,ଭୀଷଣ ଭାବରେ ମାନସିକ ଆଘାତ ପାଆନ୍ତି । (୫) ସାଧାରଣତଃ ବୃଦ୍ଧାବସ୍ଥାରେ ସହନଶୀଳତା ଓ ଧୈର୍ଯ୍ୟ ହ୍ରାସ ପାଇଥିବାରୁ, ସେମାନଙ୍କ ଆକାଂକ୍ଷା ପୁରଣର ସାମାନ୍ୟ ଅବହେଳା ବା ବିଳମ୍ବକୁ ସହ୍ୟ ନକରି ବିରକ୍ତି ପ୍ରକାଶ କରନ୍ତି, ଯଦ୍ଦ୍ୱାରା ପରିବାରରେ ଅଶାନ୍ତି ସୃଷ୍ଟି ହୁଏ ।ପ୍ରବାଦ ଅଛି "ବାଳ ବୃଦ୍ଧ ସମାନ", ସେମାନେ ଅସହାୟ ଏବଂ ପରିବାରର ସଦସ୍ୟଙ୍କ ଯତ୍ନ ଓ ସହାୟତା ସେମାନଙ୍କ ପାଇଁ ଆବଶ୍ୟକ ହୋଇଥାଏ । କିନ୍ତୁ ଭବିଷ୍ୟତ ବଂଶଧର, ଶିଶୁର ଯତ୍ନ ନିମନ୍ତେ ଯେଉଁ ଆଗ୍ରହ ଓ ଆନ୍ତରିକତା ପରିଲକ୍ଷିତ ହୁଏ,ଅତୀତ ହେବାକୁ ଯାଉଥିବା ବଂଶଧର, ବୟସ୍କ ମାନଙ୍କ କ୍ଷେତ୍ରରେ ତାହା ହୁଏ ନାହିଁ ।ଏହା ମଧ୍ୟ ଈଶ୍ୱରଦତ ପ୍ରାକୃତିକ ମାନସିକତାର ନିୟନ୍ତ୍ରଣାଧୀନ ।ତେଣୁ ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କ ଜୀବନରେ, ନିଶ୍ଚିତ ଘଟୁଥିବା ଉପରୋକ୍ତ ଆଲୋଚିତ ସମସ୍ୟା ଗୁଡିକୁ,ସେମାନେ କିପରି ଧୈର୍ଯ୍ୟର ସହିତ ସମ୍ମୁଖୀନ ହୋଇ, ସେମାନଙ୍କର କଷ୍ଟକୁ କିୟଦାଂଶରେ ଲାଘବ କରିପାରିବେ,ସେ ବିଷୟରେ କିଂଚିତ ଆଲୋକପାତ କରିବା । (୧) ସର୍ବ ପ୍ରଥମେ ବୟସ୍କ ବ୍ୟକ୍ତି ମାନେ ସେମାନଙ୍କର ଧୈର୍ଯ୍ୟ ଓ ସହନଶୀଳତାର ସୀମାକୁ ବୃଦ୍ଧି କରିବାକୁ ପଡିବ ।ଯାହା ନିଶ୍ଚିତ ଘଟିବ,ସେଥିପାଇଁ ଅତ୍ୟଧିକ ବିଚଳିତ ବା ବିବ୍ରତ ନହେବା ଉଚିତ । "ଜାତସ୍ୟ ହି ଧ୍ରୁବ ମୃତ୍ୟୁ" ମୃତ୍ୟୁ ନିଶ୍ଚିତ ଆସିବ ଏବଂ ଥରେ ଆସିବ,ତେଣୁ ମୃତ୍ୟୁ ପୁର୍ବରୁ,ବାରମ୍ବାର ମୃତ୍ୟୁ ଭୟର ଆଶଙ୍କାରେ ବିଚଳିତ ହେବା ଅନାବଶ୍ୟକ ।(୨) ଶରୀରର ସୁସ୍ଥତା ରକ୍ଷା ନିମନ୍ତେ,ସନ୍ତୁଳିତ ଆହାର ଗ୍ରହଣ ଓ ଶରୀରକୁ ସୁହାଇବା ପରି ହାଲୁକା ବ୍ୟାୟାମ ଅଭ୍ୟାସ ଜାରି ରଖିବା ଏକାନ୍ତ ଆବଶ୍ୟକ । (୩) ମାନସିକ ଶାନ୍ତି ପ୍ରାପ୍ତି ନିମନ୍ତେ,ଈଶ୍ୱରଙ୍କୁ ପ୍ରାର୍ଥନା, ସତସଙ୍ଗ,ଭଗବତ୍ ଚିନ୍ତନ ଓ ସର୍ବୋପରି ଛୋଟ ଛୋଟ ସମାଜ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ ରଖିବା ଉଚିତ୍ । (୪)ଘରେ ବିନା କର୍ମରେ ବସି ନରହି,ସୁବିଧା ଥିଲେ,ବଗିଚାରେ ଫୁଲ ଗଛର ଯତ୍ନ,ଗୃହପାଳିତ ପଶୁପକ୍ଷୀ ମାନଙ୍କ ସହିତ ଆତ୍ମୀୟତା, ନିଜରୁଚି ଅନୁସାରେ ସୁମଧୁର ସଙ୍ଗୀତ ଶୁଣିବା,ଖବର କାଗଜ ପଢିବା ଏବଂ ଛୋଟ ପିଲା ମାନଙ୍କ ସହିତ ସମୟ ବିତାଇବା ଦ୍ୱାରା ଭାରାକ୍ରାନ୍ତ ମନ ନିଶ୍ଚୟ ହାଲୁକା ହୋଇଯିବ । (୫) ଆଜିକାଲି ସମାଜରେ ବୟସ୍କ ବ୍ୟକ୍ତି ମାନଙ୍କ ନିମନ୍ତେ,ଗଠିତ ହୋଇଥିବା "ବରିଷ୍ଠ ନାଗରିକ ମଂଚ,ଅବସରପ୍ରାପ୍ତ କର୍ମଚାରୀ ସଂଘ" ଭଳି ଅନୁଷ୍ଠାନ ମାନଙ୍କରେ ସଦସ୍ୟତା ଗ୍ରହଣ କରି,ସମ ବୟସ୍କ ଓ ସମ ମନୋଭାବାପନ ବ୍ୟକ୍ତି ମାନଙ୍କ ସହିତ ଭାବ ବିନିମୟ କରିବାରେ ସମୟ ବିନିଯୋଗ କରିବା ଆବଶ୍ୟକ । (୬) ପରିବାରରେ ଏବଂ ସମାଜରେ ଛୋଟ ଛୋଟ କଥାରେ କ୍ରୋଧ ଅଭିମାନ ନକରି ଉଦାରତା ପ୍ରଦର୍ଶନ କରିଲେ,ସମସ୍ତଙ୍କର ଶ୍ରଦ୍ଧାଭାଜନ ହେବା ଅବଶ୍ୟମ୍ଭାବୀ । (୭)ଯୁଗ ପରିବର୍ତନ ସାଥିରେ ତାଳ ଦେଇ ଚଳଣି ବଦଳି ଯାଉଥିବାରୁ,ନିଜ ସମୟର ଚଳଣି କୁ ପିଲାଙ୍କ ସମୟର ଚଳଣି ସାଙ୍ଗରେ ତୁଳନା କରି,ଏ ସମୟର ଚଳଣି ନିମ୍ନ ମାନର,ସଂସ୍କାର ବିହିନ ଏକଥା ପିଲା ମାନଙ୍କ ଆଗରେ ବାରମ୍ବାର କହିବା ଉଚିତ୍ ନୁହେଁ ।(୮)କେହି ଯଦି ପରାମର୍ଶ ବା ଶିକ୍ଷା ନଚାହୁଁଛନ୍ତି,ସେମାନେ ଭୁଲ୍ କରୁଥିଲେବି,ଆପଣ ତାର ସମାଧାନ ଜାଣିଥିଲେ ମଧ୍ୟ,ନୀରବ ରହିବା ବିଜ୍ଞତାର ପରିଚୟ । (୯)ପିଲା ମାନଙ୍କ ଠାରୁ କୃତଜ୍ଞତା ଆଶା କରିବା ଉଚିତ୍ ନୁହେଁ, ସେମାନେ ଯେତିକି କୃତଜ୍ଞ ହେଉଛନ୍ତି, ସେତିକିରେ ସନ୍ତୁଷ୍ଟି ପ୍ରକାଶ କରିବା ଦରକାର ।(୧୦) ବୃଦ୍ଧକାଳରେ ଦମ୍ପତି ମାନଙ୍କର ପରସ୍ପର ପ୍ରତି ନିବିଡତା ଓ ନିର୍ଭରଶୀଳତା ବୃଦ୍ଧି ପାଇଥାଏ, ତେଣୁ ପରସ୍ପର ପ୍ରତି ଅନୁରକ୍ତ ରହିବା ଉଚିତ୍ ।(୧୧)ବେଳେ ବେଳେ ନିଜର ନାତି ନାତୁଣି ମାନଙ୍କ ସହିତ ସମୟ ବିତାଇବାକୁ ପ୍ରବଳ ଇଚ୍ଛା ଥିଲେ ମଧ୍ୟ,ସେମାନଙ୍କର ଉପରେ ସେମାନଙ୍କର ପିତାମାତାଙ୍କ ପାଠପଢା ତାଗିଦା ଯୋଗୁ ସମ୍ଭବପର ହୋଇନଥାଏ । ତେଣୁ ବିକଳ୍ପ ଭାବରେ,ପଡିଶା କିମ୍ବା ବସ୍ତିର ଦରିଦ୍ର ଅସହାୟ ପିଲାମାନଙ୍କ ପ୍ରତି,ନିଜ ରୋଜଗାରର କିୟଦାଂଶ ନିଜେ ବା କୌଣସି ସ୍ୱେଚ୍ଛାସେବି ଅନୁଷ୍ଠାନ ଦ୍ୱାରା ବ୍ୟୟକରି ସହଯୋଗର ହସ୍ତ ପ୍ରସାରିତ କଲେ, ତାଙ୍କ ମୁଖମଣ୍ଡଳର ତୃପ୍ତି ସଂଦର୍ଶନ,ଯେଉଁ ଆନନ୍ଦ ପ୍ରଦାନ କରିବ ,ତାହା ପୃଥିବୀର ଚରମ ଓ ଶ୍ରେଷ୍ଠ ଆନନ୍ଦ,ଏହା ନିଃସନ୍ଦେହ । ଗଲାବେଳେ ସାଙ୍ଗରେ କିଛି ନେବାନାହିଁ ଜାଣି ମଧ୍ୟ ସମସ୍ତେ ମୋହାଚ୍ଛନ୍ନ ।ଦାନର ଆନନ୍ଦ ଅନୁଭବୀ ହିଁ ଜାଣେ ।ଯଦି ଆୟ କରିଥବା ଅର୍ଥରୁ କିଛି ବ୍ୟୟ କରି,ଅସହାୟ ନିଷ୍ପାପ ପିଲାମାନଙ୍କର ସ୍ମିତହାସ୍ୟ କୁ କ୍ରୟ କରିହେବ, ଯଦି କିଛି ସ୍ନେହ ଆଦର ବିନିମୟରେ, ସେମାନଙ୍କର ଆତ୍ମୀୟତାକୁ କ୍ରୟ କରି ହେବ,ତେବେ ତାହାତ କେବଳ ମାନସିକ ଶାନ୍ତି ପ୍ରଦାନ କରିବ ନାହିଁ, ପରନ୍ତୁ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇ,ଦୀର୍ଘାୟୁ କରାଇ ପାରିବ ।ଏ ସୁନ୍ଦର ପୃଥିବୀରୁ ଚିରଦିନ ପାଇଁ ବିଦାୟ ନେଇ ଚାଲିଯିବା ବେଳେ,ଯଦି ରକ୍ତ ସଂପର୍କୀୟ ହୋଇ ନଥିବା କୌଣସି ବ୍ୟକ୍ତିର ମନ ବିଷାଦରେ ଭରିଗଲା, ଅସହାୟ ନିଷ୍ପାପ କୌଣସି ପିଲାର ଚକ୍ଷୁରୁ,ଗୋଟିଏ ବୁନ୍ଦା ଦୁଃଖାଶ୍ରୁ ନିର୍ଗତ ହୋଇଗଲା,ତେବେ ତାଠାରୁ ଆଉ ବଡ ଜିନିଷ କଣ ଥାଇପାରେ ?


*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ*
*ଈଶାଣୀବ୍ରହ୍ମପୁର, କଟକ*
*ଦୂରଭାଷ : ୬୩୭୧୫୯୩୨୨୦*


# ଇତିହାସମୟ ଭାରତବର୍ଷ

ପଙ୍କଜ କୁମାର ପାଣିଗ୍ରାହୀ

ପୂର୍ବାପର ପ୍ରାସଙ୍ଗିକ ତୁଳନା ଓ ଉତ୍ତରୋତ୍ତର ଉନ୍ନତିର ମାନ ନିର୍ଦ୍ଧାରଣ କରାଯିବା ସହିତ

ସଂସ୍କୃତ ପରିମାର୍ଜିତ ଭାବଧାରା ବିକାଶ କରିବାରେ ସାହାଯ୍ୟ କରିଥାଏ ଇତିହାସ ।

ଏହା ସ୍ଥଳ ବିଶେଷରେ ବ୍ୟବହାର କରାଯିବା କଥା ଯେଉଁଠି ତୁଳନାତ୍ମକ ବିଚାର ଆସେ ।

କିନ୍ତୁ ଭବିଷ୍ୟ ବିଚାରକୁ ଗୌଣ କରି ଜୀବନର ପ୍ରତ୍ୟେକ ସମୟରେ

ଇତିହାସର ଆବଶ୍ୟକତା ମଣିଷକୁ ନିମ୍ନଗାମୀ କରିଥାଏ !

ଭାରତ ଏକ ସଂସ୍କୃତି ପ୍ରାଧାନ୍ୟ ରାଷ୍ଟ୍ର ଭାବେ ସମଗ୍ର ବିଶ୍ୱରେ ଖୁବ୍ ପରିଚିତ ଥିବା ଆମେ ସମସ୍ତେ ଜାଣୁ । ପୃଥିବୀର ପ୍ରଥମ ବିକଶିତ ତିନୋଟି ସଭ୍ୟତା ମଧ୍ୟରୁ ଭାରତର ସ୍ଥାନ ଅନ୍ୟତମ । ସଂସ୍କୃତି, ସଭ୍ୟତା ଉପରେ ପ୍ରାଧାନ୍ୟତା ରଖିଥିବା ଐତିହମୟ ଭାରତବର୍ଷ ମାନବିକ ଦୃଷ୍ଟିକୋଣ ତଥା ସାମାଜିକ ସଂସ୍କାର ଉପରେ ସର୍ବାଦୌ ପ୍ରାଧାନ୍ୟତା ରଖି ତାହାର ପୂର୍ବଜ ଦାର୍ଶନିକ ବରପୁତ୍ର ମାନଙ୍କୁ ସବୁବେଳେ ଶୀର୍ଷ ସ୍ଥାନିତ କରି ରଖି ଆସୁଅଛି । ଯୋଗ, ଚିକିତ୍ସା କ୍ଷେତ୍ରରେ କେତେକ ଗବେଷଣାତ୍ମକ ତଥ୍ୟ ବ୍ୟତୀତ ଅନ୍ୟ କୌଣସି ବୈଜ୍ଞାନିକ ବିକାଶ ଭାରତରେ ହୋଇନଥିବା ଅଗ୍ରାହ୍ୟ କରିହେବ ନାହିଁ । କହିବାକୁ ଗଲେ ଆଜି ସମୟରେ ଆମ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ପ୍ରାୟତଃ ସମସ୍ତ ବୈଜ୍ଞାନିକ ତଥ୍ୟ, ତତ୍ତ୍ୱ ସବୁ ପାଶ୍ଚାତ୍ୟରୁ ହିଁ ଆସିଥିବା ସ୍ୱୀକାର୍ଯ୍ୟ । ଆମେ କିନ୍ତୁ ସେଗୁଡିକୁ ବିକଶିତ କରିନଥିଲେ ମଧ୍ୟ ସେମାନଙ୍କ ଠାରୁ କିଣି ଆଣି ବ୍ୟବହାର କରୁଥିବା ହେତୁ ଏତେ ଗର୍ବିତ ଯେ ଆଉ ଆଗକୁ କ'ଣ ବିଚାର ବହିର୍ଭୁତ ! ଆମର ଏକମାତ୍ର ଲକ୍ଷ ଯେ କିଛି କାଗଜ, କାଳୀ, ଛପାଯାନ୍ତ୍ର ଇତ୍ୟାଦି ବିଦେଶରୁ ଆଣି, ଦିନରାତି ଲାଗିପଡ଼ି କେତେକ ସୁନ୍ଦର ରଙ୍ଗୀନ କାଗଜର ଖଣ୍ଡ ପ୍ରସ୍ତୁତ କରାଯିବ ଏବଂ ସେଗୁଡ଼ିକୁ ଅନ୍ୟାନ୍ୟ ଦେଶ ମାନଙ୍କରେ ବନ୍ଧକ ରଖି ଦୁନିଆର ସମସ୍ତ ଜିନିଷ କିଣି ଆଣି ବ୍ୟବହାର କରାଯାଇ ପାରିବ । ଏତିକି କରି ଆମେ ଦୁନିଆର ସବୁଠାରୁ ଚାଲାକ ମଣିଷ ବୋଲି ପରିଚୟ ଦେଇହେବ ! ଆବଶ୍ୟକ ପଡିଲେ କୌଣସି ବିକଶିତ ରାଷ୍ଟ୍ରର ଟିକିଏ ପଦଲେହନ କରିଦେଲେ ଅସୁବିଧା କିଛି ନାହିଁ ! ତାପରେ ଆମେ ନିଜକୁ ଗୋଟିଏ ବିକାଶଶୀଳ ରାଷ୍ଟ୍ର ବୋଲି ଘୋଷଣା କରୁଥିବା ସେହି ମାନଙ୍କର ଭୃତ୍ୟ ହୋଇ । ସେମାନଙ୍କୁ ଆମ ଦେଶରେ ନିବେଶ, ବ୍ୟବସାୟ କରିବା ପାଇଁ ସୁଯୋଗ ଦେଇ, ଆମେ ରହିଥିବା ସେମାନଙ୍କ କ୍ରୀତଦାସ ହୋଇ । ଏମିତି ଆଉ କିଛିବର୍ଷ ପରେ ସେମାନେ ଆମକୁ ଶାସନ କରିବା ଲକ୍ଷ ରଖିଥିବା ଷଡ଼ଯନ୍ତ୍ରକୁ ବର୍ତ୍ତମାନ ବୁଝିବା ଆମ କାମ ନୁହେଁ ! କେବଳ ସେମାନଙ୍କ ଦ୍ୱାରା ଦିଆଯାଉଥିବା ପ୍ରସ୍ତାବକୁ ଗ୍ରହଣ କରି ବର୍ତ୍ତମାନ ହାସଲ କରିପାରିବା ସ୍ୱାର୍ଥକୁହିଁ ବିକାଶର ଧାରା ଏବଂ ମାର୍ଗ ବୋଲି ବିଚାର ଆମର ଭବିଷ୍ୟତରେ କେଉଁଦିଗକୁ ଅଗ୍ରସର, ଅଲୌକିକ !

ପୁର, ପଲ୍ଲୀ ଠାରୁ ଆରମ୍ଭକରି ଦେଶର ପ୍ରମୁଖ ରାଜଧାନୀ ଦିଲ୍ଲୀ ପର୍ଯ୍ୟନ୍ତ କୋଣ, ଅନୁକୋଣରେ ଅନେକ ଘଟଣା, ଦୁର୍ଘଟଣା ଘଟିଯାଉଥିବା ଆମ ନଜରକୁ ଆସୁଛି ପ୍ରତ୍ୟହ । ଖବର ପ୍ରବାହର ମାଧ୍ୟମ ଉଛୁଳି ପଡୁଛି ପ୍ରତ୍ୟେକ ଦିନ । ନିଜର ଦକ୍ଷତାକୁ ଅଗାଧାଡ଼ିରେ ରଖିବା ମାରାଥନ ଦୌଡରେ ତୁଣ୍ଡ ବାଇଦ ଠାରୁ ଆରମ୍ଭ କରି ଦୂରଦର୍ଶନ, ସାମାଜିକ ଗଣମାଧ୍ୟମ ପର୍ଯ୍ୟନ୍ତ ସମସ୍ତେ ଏତେ ବ୍ୟଗ୍ର କହିଲେ ନସରେ । ଏତଦ ବ୍ୟତୀତ ଯିଏ ଯେଉଁ କ୍ଷେତ୍ରରେ ଅବସ୍ଥାପିତ, ସେହି କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ ପୂର୍ବକ ସାମାଜିକ ମାନ୍ୟତା, ବଦାନ୍ୟତା ଅର୍ଜନ କରିବାରେ ଯଥେଷ୍ଟ ନିଗୁଢ଼ । ଏହି ପରିପ୍ରେକ୍ଷୀରେ ଦୈନନ୍ଦିନ ଦେଶ ସାରା ବୈଠକ, ସମାବେଶ, କର୍ମଶାଳା ଇତ୍ୟାଦି ପ୍ରତ୍ୟେକ ସ୍ଥାନରେ ହଜାର ହଜାର ସଂଖ୍ୟାରେ ଚାଲୁଛି । କେଉଁଠି ସଚେତନତା ଶିବିର, କେଉଁଠି ସତସଙ୍ଗ ତ ଆଉ କେଉଁଠି ବିକାଶର ନାରା ଦେଇ ଆଲୋଚନା ମଞ୍ଚ । ଏହିଭଳି କହିବାକୁ ଗଲେ ଅନ୍ୟୁନ ୧୦/୨୦ ପ୍ରତିଶତ ଦେଶର କୃଷକ, ଶ୍ରମିକ ଏବଂ ବାହାନ ଚାଳକ ମାନଙ୍କର ପାରିଶ୍ରମିକରୁ ବଂଚୁଥିବା ଆମେ ୧୦୦ ପ୍ରତିଶତ ମଣିଷ ଗଣ୍ଡେ ଖାଇଦେଇ, ଖଣ୍ଡେ ପିନ୍ଧି ଦେଲା ପରେ ଆଉ ଆମର କାମ କ'ଣ ? କେବଳ ମିଥ୍ୟା ପ୍ରତିଭା ପ୍ରଦର୍ଶନ କରି ସେମାନଙ୍କ ପାରିଶ୍ରମିକକୁ ଲୁଟି ସେମାନଙ୍କୁ ଦାରିଦ୍ର୍ୟର ସୀମାରେଖା ତଳେ ରଖି ଆମ କୋଷ ଭାରି ସେମାନଙ୍କୁ ଦୟାର ପାତ୍ର କରି ରଖିବା ଆମ ଉଦେଶ୍ୟରେ ପରିଚାଳିତ ଏହିସବୁ ବୈଠକ ସମୂହ, ଯାହାର କୌଣସି ଫଳପ୍ରଦ ଆଶା ନଥାଏ । ପୁଣି ତଥାପି ସେହି ବୈଠକ ଗୁଡିକରେ ଆଲୋଚିତ ତଥ୍ୟ ସାଙ୍ଗକୁ ବିଭିନ୍ନ ଖବର ସହିତ ମାନବିକ ଜ୍ଞାନ ବିକାଶ ନିମନ୍ତେ ପ୍ରଚାରିତ, ପ୍ରସାରିତ ତଥ୍ୟ ଗୁଡିକ କେବଳ ଇତିହାସ ଉପରେ ଆଧାରିତ ଯାହା କୌଣସି ଭବିଷ୍ୟତ ମାର୍ଗଦର୍ଶୀ ଭଳି କାମ କରିବା ବିପରୀତେ ଦେଶକୁ ନିମ୍ନଗାମୀ କରିବାରେ ଯଥେଷ୍ଟ ସହାୟକ ହୋଇଥାଏ । ତେଣୁ ପ୍ରତିଦିନର ଏହି ଖବରଧାରା ଏବଂ ବିକାଶମୁଖୀ ବୈଠକ ଗୁଡିକରେ ଆଲୋଚିତ ଐତିହାସିକ ଘଟଣାବଳୀ ଉପରେ ଆଧାରିତ ତଥ୍ୟ ଆମକୁ ଅଜ୍ଞାନ କରି ନିମ୍ନଗାମୀ କରିବାରେ ଯଥେଷ୍ଟ ସହଯୋଗ କରୁଅଛି !

ସୃଜନେ ବିଚାରଶୀଳ ଭାବେ ନିରୀକ୍ଷଣ କଲେ ଜାଣିପାରିବେ ଯେ, କୌଣସି ଗ୍ରାମାଞ୍ଚଳର ବୈଠକ ହେଉକି ରାଜଧାନୀର ସମାବେଶ, ସଚେତନତା ଶିବିର କିମ୍ବା ସରକାରୀ କଳର ଜରୁରୀ ବୈଠକ, ପ୍ରତ୍ୟେକ ସ୍ଥାନରେ ଆଲୋଚିତ ବିଷୟ ଗୁଡିକ ୯୯ ପ୍ରତିଶତ ପୂର୍ବରୁ ଘଟିଯାଇଥିବା ବିଷୟ ଗୁଡିକ ଉପରେ ଆଧାରିତ । ଆଉ ୧ ପ୍ରତିଶତ ବିକାଶମୁଖୀ ଆଲୋଚନା ଯେଉଁଥିରେ କାର୍ଯ୍ୟ କମ୍, ବ୍ୟବସାୟିକ ସାମଞ୍ଜସ୍ୟ ଯଥେଷ୍ଟ ଅଧିକ ! ଆପଣ ଯଦି କୌଣସି ବୈଠକ କିମ୍ବା ଅନୁରୂପ ଘଟଣାର ଲିପିବଦ୍ଧତାକୁ ଦୋହରାଇ ଦେଖିବେ ତାହେଲେ କଥାଟିର ସତ୍ୟତାକୁ ବୁଝିହେବ । ଅନୁରୂପ କୌଣସି ଖବର ହେଉ କି ଆଲେଖ୍ୟ, ଯାହା ମଣିଷ ସମାଜର ଉତ୍ତୋରତ୍ତର ଉନ୍ନତି କାମନା କରି ଲିପିବଦ୍ଧ ହୋଇଥାଏ କିମ୍ବା ପ୍ରଚାରିତ, ପ୍ରସାରିତ କରାଯାଇଥାଏ, ସେଗୁଡ଼ିକୁ ମଧ୍ୟ ଅନୁଧାନ କଲେ ଜାଣିହେବ ଯେ ସେଇଥିରେ ମଧ୍ୟ ୯୯ ପ୍ରତିଶତରୁ ଅଧିକ ପୂର୍ବ ଘଟଣା ଉପରେ ଆଧାରିତ କଥା । କୌଣସି ଦୂରଦର୍ଶନ ଧାରାବାହିକ ହେଉକି ସିନେମାରେ ମଧ୍ୟ ଦେଖାଯାଉଥିବା ବିଷୟ ମଧ୍ୟରୁ ୯୯ ପ୍ରତିଶତ ପୂର୍ବରୁ ଘଟିଥିବା ଘଟଣା ଉପରେ ଆଧାରିତ ! ଏମିତିକି ସରକାରୀ ବୈଠକ ଠାରୁ ଆରମ୍ଭ କରି ସାଧାରଣ ସଭା, ସଚେତନତା ଶିବିର ଗୁଡିକରେ ମଧ୍ୟ ଯାହାସବୁ ଆଲୋଚିତ ହୁଏ ସେ ସମସ୍ତ ତଥ୍ୟ କେବଳ ଐତିହାସିକ ଘଟଣାବଳୀ ଗୁଡିକ ଉପରେ ଆଧାରିତ ୯୯ ପ୍ରତିଶତ କଥା ଶୁଣିବାକୁ ମିଳେ ଆମ ଦେଶର ସବୁ କ୍ଷେତ୍ରରେ । କିନ୍ତୁ ଭବିଷ୍ୟ ଦ୍ରଷ୍ଟା ଉଦାହରଣ ହେଉକି ନମୁନା କିମ୍ବା ଅନ୍ଦାଜ୍‌ର କୌଣସି ସୂତ୍ର ପ୍ରତିପାଦିତ ନହୋଇ କେବଳ ଘଟିଯାଇଥବା ଇତିହାସର ପୁନରାବୃତ୍ତି କରିବା ଆମ ଦେଶର ଏକ ପ୍ରକାର ପୁରାତନ ଚରିତ୍ର ଯାହା ଆମକୁ ଆଉ ଆଗକୁ ଯିବାପାଇଁ ସୁଯୋଗ ସୃଷ୍ଟି କରିବା ବିପରୀତେ ନିମ୍ନଗାମୀ କରିବାରେ ଯଥେଷ୍ଟ ସାହାଯ୍ୟ କରୁଥିବା ଲକ୍ଷ କଲେ ଜାଣିହେବ । ତେଣୁ ଆମେ ଆଉ ନିଜସ୍ୱ ବିକାଶ ଉପରେ କିମ୍ବା ଜ୍ଞାନବର୍ଦ୍ଧିତା ଉପରେ ପ୍ରାଧାନ୍ୟତା ନରଖି କେବଳ ଅନ୍ୟ ଉପରେ ପ୍ରେତ୍ୟେକ କଥାରେ ଯଥେଷ୍ଟ ନିର୍ଭରଶୀଳ ହୋଇପଡୁଥିବା ହେତୁ ବୈଦେଶିକ ଷଡ଼ଯାନ୍ତ୍ରୀକ ଶକ୍ତି ଆମକୁ ଧୀରେ ଧୀରେ କରାୟତ କରିବାରେ ଲାଗି ପଡିଛନ୍ତି । ସେମାନଙ୍କୁ ସୁଯୋଗ ଦେଇ ନିଜକୁ କବଳିତ କରିବାରେ ସକ୍ଷମ ଅଧମ ନିର୍ବୋଧ, ଆମଠାରୁ ଅଧିକ ଆଉ କିଏ କୋଉଠି ଥିବ ବୋଲି ଆମର ଅନ୍ଦାଜ୍ ହେଉନାହିଁ !

ଭବିଷ୍ୟ ବିଚାର ଶୂନ୍ୟ ମଣିଷ ବିଭିନ୍ନ ମାଧ୍ୟମରେ ଇତିହାସକୁ ଦୋହରାଇ ସାଧାରଣ ଲୋକଙ୍କ ପାଖରେ ନିଜର ବଡ଼ିମା ଦେଖାଇ ଆତ୍ମ ସନ୍ତୋଷ ଲାଭ କରିବା ଉଦେଶ୍ୟରେ ପ୍ରତ୍ୟେକ ସମୟରେ ପୂର୍ବରୁ ଘଟିଯାଇଥିବା ଘଟଣାବଳୀ ଗୁଡିକର ପୁନରାବୃତ୍ତି କରିଥା'ନ୍ତି କିମ୍ବା କେତେକ ମହାନ ବ୍ୟକ୍ତିତ୍ୱଙ୍କ ରଚିତ ବାକ୍ୟାବଳୀ ଗୁଡିକର ପୁନଃ ଉପସ୍ଥାପନ କରି ନିଜର ପାରିବାପଣ ସାବ୍ୟସ୍ତ କରିଥା'ନ୍ତି । ଭବିଷ୍ୟ ଆଲୋଚନା, ପ୍ରୟୋଗାତ୍ମକ ଜ୍ଞାନ, ନୂତନ ଆବିଷ୍କାର / ଉଦ୍ଭାବନ ଇତ୍ୟାଦି ବିଷୟ ଉପରେ ଜ୍ଞାନ ଶୂନ୍ୟ ମଣିଷ ଚତୁର୍ଦ୍ଦିଗରେ ଭରପୁର ଆମ ଦେଶରେ । ଏହିସବୁ ବିଷୟ ଗୁଡିକରେ ଲେଖାଳି କିମ୍ବା ପ୍ରବଚକ ଶୂନ୍ୟ ଆମ ଦେଶ କେବଳ ଐତିହାସିକ ଆଲୋଚନା, ସମାଲୋଚନା କରିବାରେ ସମସ୍ତେ ବ୍ୟସ୍ତ । ସବୁଠାରୁ ସାଙ୍ଘାତିକ ହେଉଛି ସେହିସବୁ ଐତିହାସିକ ବିଷୟ ଗୁଡିକ କେବଳ ପ୍ରଚାର, ପ୍ରସାର ନିମିତ୍ତ ହୋଇଥାଏ, କିନ୍ତୁ ସେଗୁଡ଼ିକୁ ଅନୁକରଣ କରି କାର୍ଯ୍ୟ କରିବା ହୁଏନାହିଁ ଆମ ଦ୍ୱାରା, ବରଂ ବୈଦେଶିକ ନୀତିକୁ ଆପଣେଇ ବଂଚିବା ଶିଖୁଛୁ ଆମେ ଯାହା ଆମକୁ କେଉଁ ଦିଗଗାମୀ କରୁଛି ବିଚାର କରି ଦେଖିବା କଥା । ତେଣୁ ପ୍ରେତ୍ୟେକ ସମୟରେ, ଚଳଚିତ୍ର କିମ୍ବା କଥାରେ ହେଉକି ଆଲେଖ୍ୟରେ ଇତିହାସମୟ କରି ରଖାଯାଇଥିବା ଆମ ଦେଶ ଲୋକଙ୍କ ଜ୍ଞାନବର୍ଦ୍ଧିତା କେଉଁ ଦିଗଗାମୀ ଆମକୁ ବୁଝା ପଡୁନାହିଁ । ଇତିହାସ ପାଲଟି ଯାଇଥିବା ବିଷୟକୁ ବାରମ୍ବାର ଦୋହରାଇ ଆମେ ନିଜକୁ କେବଳ ଅଜ୍ଞାନ କରୁନାହୁଁ ବରଂ ଅନ୍ୟର ପ୍ରତାରଣାର ଶିକାର ହୋଇ ରାଷ୍ଟ୍ରକୁ ବିପଦ ମୁଖକୁ ଠେଲି ଦେଉଥିବା ଏକ ମର୍ମନ୍ତୁଦ କାହାଣୀ କାହାର ଅବଚେତନ ମାନସରେ ପାଶୁନଥିବା ଏକ ଅତ୍ୟନ୍ତ ଦୁଃଖଦ ବିଷୟ ! କୌଣସି ଭବିଷ୍ୟ ଜ୍ଞାନ କୌଶଳ, ପ୍ରୟୋଗାତ୍ମକ ପରିବେଶ, ପ୍ରତିଷ୍ଠାନ କିମ୍ବା ଗବେଷଣାତ୍ମକ ବିଷୟ ଉପରେ ଆଧାରିତ ଆଲୋଚନା, ଖବର କିମ୍ବା ଆଲେଖ୍ୟ ହେଉକି ଚଳଚିତ୍ର ଦେଖିବାକୁ ମିଳୁନାହିଁ ଆମ ଦେଶରେ । ସମସ୍ତଙ୍କ ଜ୍ଞାନ କେବଳ ପୂର୍ବ ଘଟଣା କ୍ରମକୁ ଆନ୍ଦୋଳିତ କରୁଥିବା ଏବଂ ସେଗୁଡ଼ିକର ପ୍ରଚାର, ପ୍ରସାର ଯଥେଷ୍ଟ ମାତ୍ରାରେ ଚାଲିଥିବା ଦେଖିବାକୁ ମିଳିବ ଅନୁସନ୍ଧାନୀ ଲକ୍ଷ କଲେ । ଆଜିକାର ଏକବିଂଶ ଶତାବ୍ଦୀରେ ମଧ୍ୟ ଆମେ କେବଳ ଇତିହାସର ପୃଷ୍ଠା ଓଲଟାଇ ନିଜକୁ ବିକାଶର କେଉଁ ଦିଗକୁ ନେଇଚାଲିଛେ ଆମ ଭାବ ବହିର୍ଭୁତ । କେବଳ ପୂର୍ବ ଘଟଣାର ପୁନରାବୃତ୍ତି ଏକ ରକମ ଆମ ଦେହରେ ମିଳାଇ ଗଲାଣି ! ବିକାଶ, ଉତ୍ତରୋତ୍ତର ଉନ୍ନତି କହିଲେ କେବଳ ଇତିହାସକୁ ଦୋହରାଇବା ଛଡା କୌଣସି ଗବେଷଣାତ୍ମକ, ବିଚାରଶୀଳ କିମ୍ବା ଦୂରଦୃଷ୍ଟିର ଯଥେଷ୍ଟ ଅଭାବ ପରିଲକ୍ଷିତ ହୁଏ ଆମ ସମାଜର ଭବିଷ୍ୟତ କ'ଣ ବିଚାର କରିବା ସମୟ... !


*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଞ୍ଜାମ*
*ଦୂରଭାଷ.: ୯୪୩୭୩୨୪୯୧୭*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**




# ବେଳ ଭଲ ନାହିଁ

ହେଲେ ସେତ ବଣୁଆ ଚଢ଼େଇ ନଥିଲା। ଆଜନ୍ମରୁ ସହରର ପଞ୍ଜୁରିରେ ବଢ଼ିଆସିଥିଲା, ଦେଖିନଥିଲା ବଣ କ'ଣ, ଜାଣି ନଥିଲା ବଣର ଆବେଗ, ତେଣୁ ତା' ଭିତରେ ମାତୃତ୍ୱର ଆବେଗ ଭଲା କାହିଁକି ଆସି ଥାଆନ୍ତା। ସେ ଜମା ମଙ୍ଗୁ ନଥିଲା ମାଆ ହେବା ପାଇଁ, ହେଲେ ୟା'ର ଏକାନ୍ତ ଜିଦ୍ ଥିଲା ବାପା ହବାକୁ। ଇଏ କୌଶଳ କରି ତାକୁ ଗର୍ଭବତୀ କରାଇ ଦେଲା। ଗର୍ଭ ସଞ୍ଚାର ହୋଇଛି ଜାଣିବା ପରେ ତାକୁ ଆଉ ରଖେ କିଏ? ରାଗିକରି ନିଆଁ ବ'ଣ ହେଲା। ସର୍ତ୍ତ ଖିଲାଫ କରିଛି ବୋଲି ୟାକୁ ଦୋଷାରୋପ କଲା।

ସନାତନ ତାକୁ ବହୁତ ବୁଝେଇଲା ଶାନ୍ତ କରିବା ପାଇଁ। ନାନା ଶାସ୍ତ୍ରରେ ଉଦାହରଣ ଦେଇ ନାରୀର ଧର୍ମ ଓ ନାରୀ ଜୀବନର ସାର୍ଥକତା କେମିତି ମାତୃତ୍ୱରେ ରହିଛି କହିଲା। ହେଲେ ଏହାର ସବୁ ଅନୁରୋଧ, ଉପଦେଶ କାଲା ଆଗରେ ମୂଳା ଚୋବାଇବା ପରି ହେଲା। ଶେଷକୁ ଇଏ ଅନୁରୋଧ କଲା ଯେ ଗର୍ଭସ୍ଥ ସନ୍ତାନଟିକୁ ପୃଥିବୀର ଆଲୋକ ଦେଖିବାର ସୁଯୋଗ ସେ ଦେଉ, ତା'ର ଲାଳନ ପାଳନଠାରୁ ଆରମ୍ଭ କରି ସମସ୍ତ ଦାୟିତ୍ୱ ସେ ନେବ ବୋଲି। ସେ ନାରୀ ହୋଇଥିଲେ ସିନା ତା' ଭିତରେ ଆବେଗ ଥାଆନ୍ତା, ମାତୃତ୍ୱ ପାଇଁ କାମନା ଥାଆନ୍ତା। ତା' ଆଗରେ କେବଳ ଥିଲା ତା' ଚାକିରିର ଭବିଷ୍ୟତ, ନିଜର ରୂପ କ୍ଷୁର୍ଣ୍ଣ ହେବାରେ ଆଶଙ୍କା।

ମନୁ ପଚାରିଲା - ତେବେ ସେ କ'ଣ ଯାଇ ଗର୍ଭପାତ କରାଇ ଦେଲା

କେବଳ ଗର୍ଭପାତ କରାଇଲା ନାହିଁ ମ୍ୟାରେଜ କଣ୍ଟ୍ରାକ୍ଟକୁ ଟର୍ମିନେଟ୍ କଲା।

ବାବାରେ ବମ୍ବେଇ ଝିଅ।

ହଁ ଗର୍ଭପାତ କରାଇ କ୍ଲିନିକ୍‌ରୁ ଫେରିବା ପରେ ୟାକୁ ସିଧା ସିଧା କହିଲା, ମୁଁ ଏବେ ଦୁଇଟିଯାକ ଜଞ୍ଜାଳରୁ ମୁକ୍ତ ପ୍ରଥମଟି ବିବାହ ଓ ଦ୍ୱିତୀୟଟି ଗର୍ଭଧାରଣ। ସେ ଜଞ୍ଜାଳ ଆଉଥରେ ନ ଆସୁ, ସେଥିପାଇଁ ମୁଁ ନିଷ୍ପତ୍ତି ନେଇଛି ଏଠାରେ ଆଉ ରହିବି ନାହିଁ।

ସନା ମୁଣ୍ଡରେ ତ ଛିଣ୍ଡି ପଡିଲା ଆକାଶ, ଗର୍ଭପାତଜନିତ ଧକ୍କାଠାରୁ ଘର ଛାଡିବାର ଚିନ୍ତା ତା' ପାଇଁ ବଳାଇ ପଡିଲା। ତେବେ ୟାକୁ ସେ ଚିନ୍ତାରେ ବେଶୀ ସମୟ ନରଖି ସେ କହିଲା-ମୁଁ ଭାବୁଛି ଏ ଫ୍ଲାଟ୍‌ଟି ମୁଁ ଛାଡି ଦେବି। ତମେ ଯଦି ଏଠାରେ ରହିବାକୁ ଚାହୁଁଛ ତେବେ ଏଇଟିକୁ ରଖିପାର। କିନ୍ତୁ ଏହା ପୂର୍ବରୁ ଏ ଫ୍ଲାଟ୍‌ଟି ପାଇଁ ମୁଁ ଯେତିକି ସିକ୍ୟୁରିଟି ଦେଇଛି ତାକୁ ଦେବା ସହ ଅବାଞ୍ଛିତ ଗର୍ଭପାତ ପାଇଁ ମୁଁ ନର୍ସିଂହୋମ୍‌ରେ ଯେତିକି ଖର୍ଚ୍ଚ କରିଛି ତାକୁ ତମକୁ ଦେବାକୁ ପଡିବ। ମୁଁ ଏଠାରେ ଏବଂ ତମ ସହ ଆଉ ମୁହୂର୍ତ୍ତଟିଏ ରହିବାକୁ ଚାହୁଁନି, ମୁଁ ଜାଣେ ତମେ ଏତେ ଗୁଡାଏ ହାର୍ଡ କ୍ୟାସ ଦେଇ ପାରିବ ନାହିଁ। ତମ ଏକାଉଣ୍ଟର ଗୋଟେ ଚେକ୍ ଦେଇଦିଅ।

ଏମାନଙ୍କ କଥାବାର୍ତ୍ତା ବେଳେ କେତେବେଳେ ଆସି ରୁଦ ସାଆନ୍ତ ଦୋକାନରେ ବସି ଚା' ପିଉଥିଲେ ଏମାନଙ୍କୁ ଜଣାନାହିଁ। ଏମାନଙ୍କର କଥାବାର୍ତ୍ତା ଶୁଣି ସେ ପଚାରିଲେ କାହା ବିଷୟରେ କଥାବାର୍ତ୍ତା କରୁଛ କିରେ ପିଲେ?

ସାଆନ୍ତ ତମେ? କେତେବେଳୁ ଆସିଲଣି?

ହଁ- ତୋ ବାପ ତ ଆଜି ଦୋକାନରେ ନାହିଁ, ତୁ କେମିତି ଜାଣିବୁ ଗରାଖ କେତେବେଳେ ଆସିଲେକି ଗଲେ।

ନାଇଁମ ସେକଥା ନୁହଁ ସାଆନ୍ତ, ତମେ ଶୁଣିଲଣି ନା ଏ ଖବର?

କେଉଁ ଖବର? ମୁଁ କ'ଣ ଘରୁ ବାହାରି ପାରୁଛି ଯେ କୋଉ ଖବର ଶୁଣିବି। ବୋହୂଟା ବାପ ଘରକୁ ଯାଇଛି ବୁଢ଼ୀଟାକୁ ତ ବାତ। ଘୋଷାରି ମୋଷାରି ହୋଇ ଫୁଟେ ରାନ୍ଧି ପାରୁଛି ସିନା ହେଲେ ଗାଈଗୋରୁ ଦାୟିତ୍ୱକୁ ପାରୁନି। ସେଇ ଜଞ୍ଜାଳରେ ତ ମୋ ଦିନ ଯାଉଛି। କାହାର ଖବର ରଖିବାକୁ ମୋତେ ବେଳ ନାହିଁ।

ସୁରଥ ଦା'ଙ୍କ ପୁଅ ସନାତନ ବମ୍ବେରୁ ଫେରି ଆସିଛି ବୋଲି ତମେ ଜାଣିଛ ନା?

ହାଁ- ଫେରି ଆସିଛି! ବଞ୍ଚିଥିଲା ତାହେଲେ। ଈଶ୍ୱର ବଡ ଲୋକ, ବୁଢ଼ୀଟାର ଡାକ ଶୁଣିଲେ।

ହଁ-ଏଇନେ ତା'ରି ବିଷୟରେ ଚର୍ଚ୍ଚା ସବୁଠି। ଏଇ ଆମ ରାଧୁ ନନା ତା' ପାଖରୁ ଆସିଲେ ତ, ଗପୁଥିଲେ ତା' ବିଷୟରେ।

ଏଇ ଯେଉଁ ଗପ ତମେମାନେ ହେଉଥିଲ, ତାହା ସୁରଥ ପୁଅ ସନା ବିଷୟରେ ଥିଲା?

ହଁ-ତା'ରି କଥା ପା।

ତାହେଲେ ତା'ରି ମାଇକିଣା ଏମିତି କାଣ୍ଡ କଲା? ହାୟରେ ଯୁଗ! କି କାଳ ହେଲା, କ'ଣ ନ ଶୁଣିଲା ଏ କାନ। ଜନ୍ମଜନ୍ମାନ୍ତରର ସମ୍ପର୍କ, ଇହକାଳ ଓ ପରକାଳର ସମ୍ପର୍କକୁ କାଗଜ କଲମରେ ଲେଖା ହେବା କଥା ଏ କାନ ଶୁଣିଲା।

(କ୍ରମଶଃ)

## ପରମବର

**ସୁନନ୍ଦା ତ୍ରିପାଠୀ**



ଈଶ୍ୱର ପ୍ରତୀତି ଏକ ସୁନ୍ଦର ବିଶ୍ୱାସ
ଏକ ବିଶେଷ ଆଶ୍ରୟ,
କେହି ଯେମିତି ପଛରେ ରହିଥିବାପରି
ଅନୁପ୍ରେରିତ କରେ ଜୀବନର ଦୁଃସ୍ଥିତିରେ।

ପିତୃ ଆଶିର୍ବାଦ, ମାତାଙ୍କ ଧପତ୍ୟ ସ୍ନେହଠାରୁ ବଳି ଏ
ସହୋଦର ପ୍ରେମ ଠାରୁ, ପ୍ରେମର ସରାଗଠାରୁ ଭିନ୍ନ
ଅନନ୍ୟ ଅନୁଭବ ଇଏ।

ବିଶ୍ୱସିତ ମଣିଷଟିର ଏକଲାପଣ
ଦୂର ହୋଇଯାଏ।
ଧୀରେ ଧୀରେ ମନରୁ ପୋଛି ହୋଇଯାଏ
ଯାବତ ନୈରାଶ୍ୟ।

ଏଇ ପ୍ରତୀତି ପ୍ରଗାଢ଼ ହେଲେ
ସ୍ୱାର୍ଥାନ୍ଧର ଅନ୍ଧତ୍ୱ ଦୂରହୋଇ
ସେ ହୁଏ ଦିବ୍ୟ ଚକ୍ଷୁସ୍ମାନ,
ପରମ କାରୁଣିକ ପରମବଦାନ୍ୟ।



ହେଲେ କିଏ ଜାଣେ
ଜୀବନର କେଉଁ ମହାର୍ଘ ଲଗ୍ନରେ
ସାଧାରଣ ମଣିଷଟିକୁ ମିଳେ
ଏଇ ପରମ ବରଦାନ।

*ପ୍ରଧ୍ୟାପିକା,*
*ପିପିଲି କଲେଜ, ପୁରୀ*

## ରହିଯାଏ କ୍ଷଣେ ଏଠି



**ସୁବ୍ରତ ଜେନା**

ପୁଣିଥରେ ବୁଲି ଚାହିଁ ଦେଖିବି ଅତୀତକୁ,
ଅନେକ କିଛି ହଜିଲାକୁ
ଫେରି ପାଇବା ଆଶାରେ,
ବୋହିଯାଇଥିବା ଲୁହସବୁକୁ ଭୁଲିବା ନିଶାରେ,
କାହିଁ ହଜିଗଲା ସେ ଶୈଶବ?
ଏମିତି ଆଙ୍ଗୁଳି ସନ୍ଦିରୁ!
ସବୁକିଛି ଏତେ ଶୀଘ୍ର ଆଖିପିଛୁଳାକେ।
ଭାରି ଇଚ୍ଛାହୁଏ ପୁଣିଥରେ ଫେରିବାକୁ,
ଧାଁ ଧପଡ଼ର ଜୀବନର
ପ୍ରତିଯୋଗୀତାରୁ ବିରାମ ନେଇ,
ସେଇ ଗାଉଁଲି ଜୀବନକୁ,
ନାଁ, ଆଧୁନିକ ଗ୍ରାମ ଜୀବନକୁ ନୁହେଁ,
ବରଂ ସେଇ ଝାଟି ମାଟିର,
ନଡ଼ାଛପରର ମାଟିଘରର ଗାଁକୁ,
ଭାରି ଇଚ୍ଛା ଅନୁଭବ କରିବାକୁ,
ସେଇ ଚାଳ ଛପରରୁ ଝରିପଡୁଥିବା
ପାଣିର ଟୁପୁରୁ ଟାପର ଗୀତକୁ,
ଓଳି କଡ ପାଣିରେ କାଗଜର ଡଙ୍ଗା ଭସାଇବାକୁ।
ଭାରି ମନେ ପଡେ ହଜିଲା ଅତୀତ,
ସହର ଧବଳ କଂକ୍ରିଟ ଜଙ୍ଗଲରେ,
ଗାଁ ରାସ୍ତାର ଦୁଇକଡେ ନୁଆଁଣିଆ ଚାଳ ଘର,
ଗଛ ଲତାର ସବୁଜିମା ଘେରରେ ଜୀବନ,
ଯୋଉଠି ଅନେକ ହୃଦୟ ଉଦାର,
ବିନା ସ୍ୱାର୍ଥରେ ଲମ୍ବି ଆସେ ଅନେକ ହାତ,
ସମସ୍ତେ କାନ୍ଧରେ କାନ୍ଧକୁ ଯୋଡି,
ବିପଦ ଆପଦକୁ ଛାତିଦେଖାଇବାର
ଅଭୁଲା ସାହାସର ମେଳକୁ।



ଅନେକ ବାଟ ଆସିଲା ପରେ ମିଛ ମାୟାରେ,
ବୁଲି ଚାହିଁ ଦେଖେତ!
ସବୁକିଛି ପଛ ଦୃଶ୍ୟ ଅନ୍ଧାର ଅନ୍ଧାର,
ସାହାଯ୍ୟର ବଢୁଥିବା ହାତସବୁ ଆଦୃଶ୍ୟ,
ଆଖି ସାମ୍ନାରେ ଚାଲିବାକୁ ଅନେକ ପଥ,
ହେଲେ ମାର୍ଗ ଦର୍ଶକ!
ଜୀବନଟା କଣ ଏତେ ରଙ୍ଗ ଭିତରେ ରଙ୍ଗହୀନ,
ପ୍ରଜାପତି ଆସି ଲେଉଟିଯାଏ ଦୁଃଖରେ,
ସତେ ଯେମିତି ଏ ସାରା ଆକାଶଟା,
ଚାହିଁ ବି ଅନେକ କିଛି କହି ପାରେନି ସମୁଦ୍ର ଭଳି,
ଚାପି ରଖିବାକୁ ଭଲପାଏ ଛାତିଭିତରେ,
ସବୁ ଦେଳାପରେ ନିଶ୍ୱ ଆଜି,
ତଥାପି ଭଲ ଲାଗେ ଫେରି ଚାହିଁବାକୁ,
ସେଇ ଭଙ୍ଗା ହେଉପଛେ ଆଇନାରେ ମୁହଁକୁ,
ଅନେକ ହୋଇଗଲା ଦୌଡର କସରତ,
ରହିଯାଏ କ୍ଷଣେ ଏଠି।

*ସୁରଡ଼ିହ, ନନ୍ଦିପୁର, ଯାଜପୁର*
*ଦୂରଭାଷ : ୯୭୭୬୨୦୯୩୦*

## ଶିଶୁ କାହାଣୀ

# ମୋଟା ଚଷମା

**ମୂଳ ହିନ୍ଦୀ – ସଙ୍ଗୀତା ସିଂହ ତୋମାର୍**
**ଓଡ଼ିଆ ଅନୁବାଦ - ଅମିୟଭାନୁ ଧଳ**





ସିଡ଼ିରେ ପାର୍ଥ ଏକୁଟିଆ ଉଦାସ ଭାବେ ବସିଥିବାର ଦେଖି ହେମୁଚାଚା ତା' ପାଖକୁ ଯାଇ ଉଦାସୀନତାର କାରଣ ପଚାରିଲେ।

ହେମୁଚାଚା - ଆରେ ପୁଅ ପାର୍ଥ! ତୋ ମନ କ'ଣ ଭଲ ନାହିଁକିରେ? ଏମିତି ଉଦାସ ହୋଇକି କାହିଁ ବସିଛୁ?

ପାର୍ଥ – ଚାଚା, ଘରେ ମୋତେ କେହି ଭଲ ପାଉନାହାଁନ୍ତି।

ହେମୁଚାଚା - ଆରେ କ'ଣ ହୋଇଛି ମୋତେ ଆଗ କହତ! ଏମିତି କ'ଣ ତୁ କହୁଛୁ?

ପାର୍ଥ – ଏବେ ଘରେ ସମସ୍ତେ ମୋତେ ଗାଳି କରୁଛନ୍ତି।

ହେମୁଚାଚା - ପୁଅରେ! ଗାଳି ଦେବାର କାରଣ ତ' କିଛି ଥିବ ନା?

ପାର୍ଥ – ଚାଚା, ମୋତେ ଟିଭିରେ ହେଉ କି ମୋବାଇଲ୍‌ରେ କାର୍ଟୁନ୍ ଦେଖିବାକୁ ଖୁବ୍ ଭଲଲାଗେ।

ହେମୁଚାଚା - ଆରେ ସବୁ ଛୁଆ ତ କାର୍ଟୁନ୍ ଦେଖିବାକୁ ଭଲପାଆନ୍ତି, ଏଥିରେ ଭୁଲ୍ କ'ଣ ରହିଲା କି?

ପାର୍ଥ – ସେଇକଥା ତ ଚାଚା, ମାଆକୁ ଏକଥା କିଏ ବୁଝେଇବ? ସେ ସବୁବେଳେ ମୋତେ କାର୍ଟୁନ୍ ଦେଖିବାରେ ଅଟକାଏ। ତା' କଥା ନମାନିଲେ ଖୁବ୍ ଗାଳି ଦେଉଛି।

ହେମୁଚାଚା - ଆଛା ପାର୍ଥ, ତୁ ସାରା ଦିନରେ କେତେ ସମୟ କାର୍ଟୁନ୍ ଦେଖୁ?

ପାର୍ଥ – ଚାଚା, ମୁଁ'ତ ସାରାଦିନ କାର୍ଟୁନ୍ ଦେଖେ।

ହେମୁଚାଚା – ସାରାଦିନ!

ପାର୍ଥ – ହଁ ଚାଚା, ଏଇକଥାକୁ ନେଇ ମାଆ ତ ଗାଳିଦିଏ ମାତ୍ର ଏହାକୁ ନେଇ ବାପା ମଧ ମୋତେ ଖୁବ୍ ମାରନ୍ତି।

ହେମୁଚାଚା – ଏଥିପାଇଁ ତୁ ଯେଉଁ ଗାଳି/ ମାଡ଼ ଖାଉଛୁ ତାହା ଏକଦମ୍ ଠିକ୍।

ପାର୍ଥ – ଚାଚା, ଆପଣ ମଧ୍ୟ ମାଆ ଓ ବାପାଙ୍କ ଭଳି କହୁଛନ୍ତି?

ହେମୁଚାଚା – ତୁ ଯେବେ ବଡ଼ ହୋଇଯିବୁ ତୋର ଭୂଲ୍ ତୁ ନିଜେ ଜାଣିପାରିବୁ।

ପାର୍ଥ – କେଉଁ ଭୂଲ୍ ଚାଚା?

ହେମୁଚାଚା – ମୁଁ ଯେତେବେଳେ ତୋଅରି ବୟସର ଥିଲି, ବହୁତ୍ ମୋବାଇଲରେ ଖେଳୁଥିଲି ଆଉ ଟିଭିରେ ମଧ ଖୁବ୍ କାର୍ଟୁନ୍ ଦେଖୁଥିଲି। ଜେଜେ/ଜେଜିମାଆ, ମାଆ/ବାପା ଏବଂ ଘରର ସବୁ ବଡ଼ମାନେ ମୋତେ ଏଥିଲାଗି ଖୁବ୍ ଗାଳି କରୁଥିଲେ ମାତ୍ର ମୁଁ କାହାରି କଥା ନ'ମାନି ମୋବାଇଲ୍ ଖେଳୁଥିଲି ଆଉ ଦିନସାରା ଟିଭିରେ କାର୍ଟନ୍ ମଧ ଦେଖୁଥିଲି। ଯେଉଁଥି ଲାଗି ମୋତେ ବହୁତ ବଡ଼ ଦଣ୍ଡ ଭୋଗିବାକୁ ପଡ଼ିଲା।

ପାର୍ଥ – କେଉଁ ଦଣ୍ଡ?

ହେମୁଚାଚା – ମୋବାଇଲ୍ ଖେଳି ଖେଳି ଏବଂ ଟିଭି ଦେଖି ଦେଖି ମୋ ଆଖି ଏକଦମ୍ ଖରାପ ହୋଇଗଲା। ଯେଉଁଥି ଲାଗି ମୋ' ଆଖିରେ ଏହି ମୋଟା ଚଷମା ଲଗାଇ ଦିଆଗଲା। ଏବେ ଦେଖୁନ୍ତୁ, ମୁଁ ବିନା ଚଷମାରେ ନା କିଛି ପଢି ପାରୁଛି ନା କିଛି କାମ କରିପାରୁଛି।

ଏମିତି କହିବା ବେଳେ ହେମୁଚାଚା ଖୁବ୍ ଉଦାସୀ ହୋଇ ପଡୁଥିଲେ।

ପାର୍ଥ – ଚାଚା, ସତରେ କ'ଣ ମୋବାଇଲ୍ ଏତେ ଭୟଙ୍କର ଏତେ ବିପଦଜନକ?

ହେମୁଚାଚା – ହଁ ପାର୍ଥ, ଯଦି ତୁ ଏବେ ସୁଧୁରିବୁନି ତେବେ ମୋ ଭଳି ଜୀବନସାରା ମୋଟା ଚଷମା ପିନ୍ଧିବାକୁ ଏବେଠୁଁ ପ୍ରସ୍ତୁତ ହୋଇପଡ଼।

ପାର୍ଥ ଚାଚାଙ୍କଠୁଁ ଏପରି କଥା ଶୁଣି ପ୍ରକୃତରେ ଖୁବ୍ ବିବ୍ରତ ହୋଇ ପଡ଼ିଲା।

ପାର୍ଥ - ଚାଚା, ମୁଁ ଏତେ ମୋଟା ଚଷମା ଆଖିରେ ଲଗାଇବାର ନାହିଁ। ଆଜି ଠାରୁ ମୋବାଇଲ୍ ବ୍ୟବହାର କରିବା ମୋର ସମ୍ପୂର୍ଣ୍ଣ ବନ୍ଦ।

ହେମୁଚାଚା – ସାବାସ୍ ପାର୍ଥ।

*ଆରଡ଼ି ରୋଡ୍, କେନ୍ଦ୍ରୀୟ ବିଦ୍ୟାଳୟ ପାଖ, ଭଦ୍ରକ-୭୫୬୧୧୬*
*ଦୂରଭାଷ : ୭୯୭୮୫୫୨୨୫୨*

# କବିତାର କଥା

(ଭାଗ-୨୮)



**ଉମାକାନ୍ତ ରାଉତ**



# ସାଙ୍କେତିକତାର ସଙ୍କେତ

"ସାଙ୍କେତିକତାର ଗଣ୍ଡରେ ଡୁବି ନଯାଉ ଭାବର ମାଧୁର୍ଯ୍ୟ" ଶିରୋନାମରେ ମୁଁ କହିଥିଲି - ଅନେକ ସ୍ଥଳରେ ଆଦୌ ଆବଶ୍ୟକତା ନଥାଇ କେବଳ ପାଣ୍ଡିତ୍ୟ ଓ ବାହାଦୁରୀ ଦେଖାଇବାକୁ ଅଯଥାରେ ଦିଆଯାଉଥିବା ସାଙ୍କେତିକତା ଏବର ଅନେକ କବିତାକୁ କେବଳ ମୂକ/ପଙ୍ଗୁ ସଜେଇ ଦେଉନାହିଁ; ଅଧିକାଂଶ ସମୟରେ କାବ୍ୟମୋଦୀର ପାଠକମାନଙ୍କୁ କବିତାଠାରୁ ଦୂରେଇ ନେଉଛି। ବାଗ୍ମୀତା ଦକ୍ଷତା ଥିବା କେତେକ ପଣ୍ଡିତ କବି ନିଜର ଅହଂ, ବାହାଦୁରୀ ଓ ବାହାସ୍ଫୋଟ ମାରିବା ପାଇଁ ଲାଳିତ୍ୟପୂର୍ଣ୍ଣ ଢଙ୍ଗରେ କଥା କହିବାର ଦକ୍ଷତାଥିବା ଅନେକ କବିତାକୁ ତଟିନୀର ନାଦ ମୁହଁରେ ତୁଣ୍ଡି ବାନ୍ଧିଦେଲାପରି ମୂକ ହେବାକୁ ବାଧ କରୁଛନ୍ତି। କବିତାରେ ଖଞ୍ଜାଯାଉଥିବା ବ୍ୟକ୍ତିସର୍ବସ୍ୱ ମାନସିକତାର ଅଜବ ସଂକେତ, ଚିତ୍ରକଳ୍ପ ଓ ବିମ୍ବାଦି ସହ ଆମର କିଛି ଦେଣନେଣ ରହୁନାହିଁ। ଅଜସ୍ର ଅବୁଝା ସାଂକେତିକତା, ଦ୍ୱିଅର୍ଥବୋଧକ ବିକୃତି ଭିତରେ ହଜିଯାଉଛି କବିତାର ଭାବ ଓ ସ୍ୱରମାଧୁର୍ଯ୍ୟ। ଏହା ସେମାନଙ୍କର ଅହଂତ୍ୱ ଜାହିର କରୁଥିବା ଦୁର୍ବଳତା ତଥା ଅକ୍ଷମତାକୁ ଢାଙ୍କି ଦେବାପାଇଁ ସାଙ୍କେତିକତାର ଏକ ମିଛ ବାଘଛାଲ ହୋଇପାରେ, ହେଲେ ସାଙ୍କେତିକତାର ସଠିକ ଓ ସଫଳ ପ୍ରୟୋଗ ନୁହେଁ ବୋଲି ମୋର ଅନୁଭବ।

ଉକ୍ତ ଆଲେଖର ପ୍ରତିକ୍ରିୟାରେ କବିତାପ୍ରେମୀ କେତେକ ବନ୍ଧୁଙ୍କ ମନ୍ତବ୍ୟରୁ ବୋଧହୁଏ ମୁଁ ସାଙ୍କେତିକତା କି ପ୍ରତୀକବାଦର ବିରୋଧୀ ବୋଲି ଏକ ଧାରଣା ସୃଷ୍ଟି ହୋଇପାରିଥାଏ। ଏଭଳି ପ୍ରତିକ୍ରିୟା ହେବା ବି ସ୍ୱାଭାବିକ। କାରଣ ମୋର ଦୃଷ୍ଟିଭଙ୍ଗୀ ନୁହେଁ, ବରଂ ବୋଧହୁଏ ଆଲେଖରେ ମୋର ଦୃଷ୍ଟିଭଙ୍ଗୀକୁ ସଠିକ ଭାବେ ଉପସ୍ଥାପନର ଅଭାବ ଏବଂ ସ୍ତମ୍ଭର ସୀମିତତା ହିଁ ଦାୟୀ ହେଇପାରେ। ହେଲେ ଏହା ପ୍ରତିକ୍ରିୟା ପ୍ରକାଶ କରିଥିବା ବନ୍ଧୁମାନଙ୍କର ଭୁଲ୍ ନୁହେଁ। ତେଣୁ ପରବର୍ତ୍ତୀ ସମୟରେ ଏ ବିଷୟକ ଆଉକିଛି ଆଲୋଚନା ରଖି ଉକ୍ତ ଭୁଲ୍ ଧାରଣାକୁ ଦୂର କରିବାପାଇଁ ମୁଁ ସେତେବେଳେ ପ୍ରତିଶ୍ରୁତି ଦେଇଥିଲି। ଏବେ ସେ ସମ୍ପର୍କିତ ଆଶଙ୍କା ଓ ଭୁଲ୍ ବୁଝାମଣାକୁ ଏହି ଆଲେଖ ସମେତ ପରବର୍ତ୍ତୀ ପାଞ୍ଚ ଛଅଟି ଭାଗ ମାଧ୍ୟମରେ ସାମର୍ଥ୍ୟମତେ ଯୁକ୍ତିଯୁକ୍ତ ସମାଧାନର ପ୍ରୟାସ କରିବି। ସୁତରାଂ ବିଜ୍ଞ ପାଠକ ମଣ୍ଡଳୀଙ୍କୁ ସବୁ ଭାଗଗୁଡିକୁ ପଢିବାକୁ ଅନୁରୋଧ।

ପ୍ରଥମେ ମୁଁ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ମୁଁ ପ୍ରତୀକ, ରୂପକଳ୍ପ, ଚିତ୍ରକଳ୍ପ, ମିଥ୍, ରୂପକ, ଉପମା କି ମେଟାଫର୍ ଆଦିର ଆଦୌ ବିରୋଧୀ ନୁହେଁ। ଏସବୁ ଆବଶ୍ୟକତା ଅନୁସାରେ ଜରୁରୀ, କାରଣ ଏସବୁ କାବ୍ୟ କବିତାର ଅପରିହାର୍ଯ୍ୟ ବିଭବ। କେବଳ ଇଂରେଜ ସାହିତ୍ୟ ନୁହେଁ, ଭାରତୀୟ ସାହିତ୍ୟ, ପୃଥିବିର ସବୁ ସାହିତ୍ୟ ଏବଂ ଓଡ଼ିଆ ସାହିତ୍ୟରେ ସାରଳାଙ୍କଠାରୁ ଆରମ୍ଭ କରି ପଞ୍ଚସଖା, ରୀତି, ଆଧୁନିକ ସାହିତ୍ୟ ଯାଏଁ ଏହା ଥିଲା, ଅଛି ଓ ରହିବ ମଧ। ପ୍ରତୀକବାଦ (SYMBOLISM) କୁହନ୍ତୁ, ମେଟାଫର୍, ଇମେଜ୍, ସିମିଲି ଯାହାକିଛି ବି କୁହନ୍ତୁ; ଓଡ଼ିଆ ରାମାୟଣ, ମହାଭାରତ, ଭାଗବତ, ଉପାଖ୍ୟାନ ସାହିତ୍ୟ, ପଞ୍ଚସଖାଙ୍କ ମନ୍ତ୍ରସାହିତ୍ୟ, ରୀତିଯୁଗୀୟ ସାହିତ୍ୟଠାରୁ ଆଧୁନିକ ସାହିତ୍ୟ ଯାଏଁରେ ଏସବୁର ବ୍ୟବହାରଠାରୁ ଅଧିକ ନିଦର୍ଶନ କିଛି ଅଛି କି? ଏସବୁ, କାବ୍ୟ କବିତାର ସୌନ୍ଦର୍ଯ୍ୟବର୍ଦ୍ଧକ ଓ ଉତ୍‌ପେରକ ଏବଂ ଭାବକୁ ଏକ ସଂପ୍ରସାରିତ ଦିଗବଳୟ ଆଡ଼କୁ ନେଇଯାଇପାରୁଥିବା ଅମୋଘ ଅସ୍ତ୍ର।

ହେଲେ ଅସ୍ତ୍ରଶସ୍ତ୍ରକୁ ଯଦି ସଫଳଭାବେ ଓ ସଠିକ ଜାଗାରେ ପ୍ରୟୋଗ କରାନଯାଏ, ତେବେ ଦୋଷ କ'ଣ ଅସ୍ତ୍ରର? ମୋର କହିବାର କଥାଟି ଥିଲା - କାଟି ନଜାଣି କଟୁରୀ ଦୋଷ, ଚାଲି ନଜାଣି ବାଟର ଦୋଷ ଦେବା ଉଚିତ ନୁହେଁ। ତୁମେ ନ ଚାଲ; ହେଲେ ରାସ୍ତା ବନ୍ଦ କରିବାର ମୂଢ଼ତା କରନାହିଁ। ସରଳ ଭାବରେ ବୁଝିବାକୁ ଗଲେ, ଆପଣଙ୍କର ଦସ୍ତଖତ ଯଦି ଆପଣଙ୍କୁ ଚିହ୍ନେଇ ନପାରିଲା ତେବେ ଆପଣ ଚିହ୍ନରେ (Sign/Symbol/ପ୍ରତୀକ) ଦସ୍ତଖତଟି ନକରି ପୁରା ନାମଟି ଲେଖିଦେଲେ ଅସୁବିଧା କଣ?

ମନେକର ମୋତେ ସାଲେପୁର ଯିବାର ଅଛି। ଜଗତପୁର ଛକରେ ଦିଆଯାଇଥିବା ତୀରଚିହ୍ନଟି (ପ୍ରତୀକ ବା ସଂକେତ) ଯଦି ମୋତେ ସେଇଆଡ଼େ ବାଟ ନ କଡାଇ ମଙ୍ଗୁଳି ଓ ଭଦ୍ରକ ଆଡ଼କୁ ବାଟ କଡେଇଲା ତେବେ ସେ ପ୍ରତୀକ କେଉଁ କାମକୁ? ଏଠାରେ ପ୍ରତୀକର ଭୁଲ୍ କ'ଣ? ଭୁଲ୍ ହେଲା ପ୍ରତୀକକୁ ଭୁଲ୍ ଭାବେ ଆଙ୍କିଥିବା ବ୍ୟକ୍ତିର ଅଜ୍ଞାନତା, ଅନଭିଜ୍ଞତା କିମ୍ବା ଅସତର୍କତା।

ପୁରାତନ ଭକ୍ତିରଚନା, ସାରଳା ସାହିତ୍ୟ, ରୀତି ସାହିତ୍ୟାଦିରେ ପ୍ରତୀକାଦିର ଉପଯୁକ୍ତ ପ୍ରୟୋଗକୁ ବୁଝି ହେଉଥିବାବେଳେ ଏବର ଏପରିକି କେତେକ ମଙ୍ଗୁଆଳୀ କବିଙ୍କ ଅନେକ କବିତାରେ ପ୍ରତୀକକୁ ଠିକ୍ ଭାବେ ବୁଝି ହେଉନାହିଁ କାହିଁକି? କେଇଜଣ ବି କବିତାର ନିମ୍ନରେ ଟୀକା ଟୀପ୍ପଣୀ ଦେବାର ମୁଁ ଲକ୍ଷ୍ୟ କରିଛି।

ସେମାନଙ୍କୁ ହନୁକରଣ କରି କେଇଜଣ ନୂଆ ନୂଆ ଉଠୁରିବାକୁ ଚେଷ୍ଟାରେ ଥିବା ଅନଭିଜ୍ଞ ଚଢାଳି କେବଳ ପ୍ରତୀକ ବ୍ୟବହାର କରି ନିଜକୁ ଜଣେଜଣେ ପ୍ରଚଣ୍ଡ ଜ୍ଞାନୀ ଓ ବଡ଼ କବି ବୋଲି ଆମ୍ ପରିଚୟ ଦେବାକୁ; କବିତା ପାଇଁ ପ୍ରତୀକ ନୁହେଁ ବରଂ ପ୍ରତୀକ ପାଇଁ କବିତାକୁ ବ୍ୟବହାର କଲାଭଳି ଲାଗୁଛି!

ପିଠାଠାରୁ ଚିନିର ପରିମାଣ ଅଧିକ ହେଲେ, ତରକାରିରେ ଲୁଣର ପରିମାଣ ଅଧିକ ହେଲେ, କ'ଣ ହୁଏ? କେବଳ ଏଇ କଥାଟି ହିଁ ମୁଁ କହିବାକୁ ଚାହିଁଥିଲି। ପ୍ରତୀକର ବ୍ୟବହାର କି ବିରୋଧ ନୁହେଁ, ବରଂ ଏହାର ବ୍ୟବହାରଜନିତ ଅନଭିଜ୍ଞତା ଓ ମେଦବହୁଳତା ବିପକ୍ଷରେ। ସୁତରାଂ ପରବର୍ତ୍ତୀ ଭାଗରେ ସାମର୍ଥ୍ୟମତେ ମୁଁ ପ୍ରତୀକବାଦ (SYMBOLISM)କୁ ନେଇ ଆଲୋଚନା କରି ଏ ସଂକ୍ରାନ୍ତୀୟ ଭ୍ରାନ୍ତ ଧାରଣାକୁ ଦୂର କରିବାକୁ ଯଥାସମ୍ଭବ ଚେଷ୍ଟା କରିବି।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ଘରୋଇ ହସ୍ପିଟାଲ ଟଙ୍କା ଫେରସ୍ତ ପାଇଁ ଏସ୍‌ଓପି




**ଭୁବନେଶ୍ୱର :** ଚଳିତବର୍ଷ ମାର୍ଚ୍ଚ ପହିଲାରୁ ୩୦ ଏପ୍ରିଲ ଭିତରେ ଘରୋଇ ହସ୍ପିଟାଲମାନଙ୍କୁ କରୋନା ଟିକା ଯୋଗାଇ ଦିଆଯାଇଥିଲା । ମାତ୍ର ମେ'ମାସରୁ କେନ୍ଦ୍ର ସରକାରଙ୍କ ନୂଆ ଟିକା ନୀତି ଲାଗୁ ହେବା ପରେ ୩୦ ଏପ୍ରିଲ ସୁଦ୍ଧା ଘରୋଇ ହସ୍ପିଟାଲରେ ଥିବା ଟିକା ଫେରାଇ ଦେବାକୁ କୁହାଯାଇଥିଲା । ତେଣୁ ଯେଉଁ ଘରୋଇ ହସ୍ପିଟାଲମାନେ ଟିକା ଫେରାଇଥିଲେ ସେମାନେ ଏବେ ନିଜର ଟଙ୍କା ଫେରସ୍ତ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଏସ୍‌ଓପି ପ୍ରସ୍ତୁତ କରାଯାଇଛି । ଚଳିତମାସ ୩୧ତାରିଖ ସୁଦ୍ଧା ଘରୋଇ ହସ୍ପିଟାଲମାନେ ନିଜର ଟଙ୍କା ଫେରସ୍ତ ଦାବି ଉପସ୍ଥାପନ କରିବା ଲାଗି କୁହାଯାଇଛି । ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସବୁ ଜିଲ୍ଲାପାଳ, ସିଡିଏମ୍‌ଓଙ୍କୁ ଚିଠି ଜାରି ହୋଇଛି । ମାର୍ଚ୍ଚ-ଏପ୍ରିଲ ଭିତରେ ଘରୋଇ ହସ୍ପିଟାଲମାନଙ୍କୁ ୧୫୦ ଟଙ୍କାରେ ଟିକା ଦିଆଯାଇଥିଲା । ଏଥିପାଇଁ ହସ୍ପିଟାଲମାନେ ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ବା ଏନ୍‌ଏଚ୍‌ଏ ନିକଟରେ ଟଙ୍କା ପଇଠ କରିଥିଲେ । ମାତ୍ର ମେ'ମାସରେ ନୂଆ ଟିକା ନୀତି ଲାଗୁ ହେବା ପରେ ସେମାନଙ୍କ ନିକଟରେ ବଳି ପଡ଼ିଥିବା ଟିକା ଫେରାଇବାକୁ କୁହାଯାଇଥିଲା । ତେଣୁ ଯେତିକି ଟିକା ଫେରାଇଛନ୍ତି ସେ ବାବଦ ଟଙ୍କା ଫେରସ୍ତ ନେବା ଲାଗି ଏସ୍‌ଓପି ପ୍ରସ୍ତୁତ ହୋଇଛି । ଏନ୍‌ଏଚ୍‌ଏ ପୋର୍ଟାଲରେ ସେମାନେ ଦାବି କରିପାରିବେ । ଜିଲ୍ଲା ଟିକାକରଣ ଅଧିକାରୀ ଘରୋଇ ହସ୍ପିଟାଲଙ୍କ ଟଙ୍କା ଫେରସ୍ତ ଦାବିକୁ ଅନୁଧ୍ୟାନ କରିବେ । ଯଦି ଏହାକୁ ନେଇ ବିବାଦ ଦେଖାଦିଏ ତାହେଲେ ରାଜ୍ୟ ଟିକାକରଣ ଅଧିକାରୀ ଏ ସଂପର୍କରେ ନିଷ୍ପତ୍ତି ନେଇପାରିବେ । ସମସ୍ତ କାର୍ଯ୍ୟ ଅନଲାଇନ୍ ଜରିଆରେ କରାଯିବ ବୋଲି କୁହାଯାଇଛି । ଏହାସହ ଜୁନ୍ ୨୧ରେ ନୂଆ ଟିକା ନୀତି ଲାଗୁ ହେବା ପରେ ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ଯେଉଁ ଘରୋଇ ହସ୍ପିଟାଲ ଟିକା ପାଇଁ ଟଙ୍କା ପଇଠ କରିଛନ୍ତି ସେମାନଙ୍କ ଟଙ୍କା ମଧ ଫେରାଇ ଦିଆଯିବ । ସେହିପରି ଏବେ ଘରୋଇ ହସ୍ପିଟାଲମାନେ ନିଜର ଏକ ସପ୍ତାହରେ ହୋଇଥିବା ଟିକାକରଣର ୩ଗୁଣା ଟିକା ମଗାଇ ପାରିବାର ନିୟମ ରହିଛି । ଏ ଦୃଷ୍ଟିରୁ ଜୁନ୍ ମାସରେ ଯେଉଁ ଘରୋଇ ହସ୍ପିଟାଲରେ ଟିକା ପାଇଁ ଟଙ୍କା ପଇଠ କରିଥିଲେ ସେମାନେ ଚାହିଁଲେ ଜୁଲାଇ ମାସର ଇଣ୍ଡେଣ୍ଟରେ ମଧ ଜୁନ୍ ମାସର ସଂଖ୍ୟାକୁ ସାମିଲ କରିପାରିବେ ବୋଲି କୁହାଯାଇଛି ।

# ଦଶମ ଓ ଦ୍ୱାଦଶ ପିଲାଙ୍କ ପାଇଁ ୨୬ରୁ ଖୋଲିବ ସ୍କୁଲ

**ଭୁବନେଶ୍ୱର :** ସ୍କୁଲ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଦଶମ ଓ ଦ୍ୱାଦଶ ଶ୍ରେଣୀ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ହୋଇଛି । ଜୁଲାଇ ୨୬ ସୋମବାରଠାରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିବ । ଏନେଇ ସୂଚନା ଦେଇଛନ୍ତି ଗଣଶିକ୍ଷା ସଚିବ ସତ୍ୟବ୍ରତ ସାହୁ । ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ ଖୋଲିବ ବୋଲି ସେ କହିଛନ୍ତି । ଯେଉଁ ସ୍କୁଲରେ ମାଟ୍ରିକ ପରୀକ୍ଷା ସେଣ୍ଟର ହେଉଛି, ପରୀକ୍ଷା ପରେ ଖୋଲିବ । ଗଣଶିକ୍ଷା ସଚିବ କହିଛନ୍ତି, ସ୍କୁଲକୁ ଆସିବା ପିଲାମାନଙ୍କର ଇଚ୍ଛାଧୀନ ରହିବ । ଅଭିଭାବକମାନଙ୍କ ସହ ଆଲୋଚନା କରି ସ୍କୁଲକୁ ଆସିପାରିବେ ପିଲା । ଦଶମ ଓ ଦ୍ୱାଦଶ ସହ ଅନ୍ୟ ଶ୍ରେଣୀ ଅନଲାଇନ ଶିକ୍ଷା ଚାଲୁ ରହିବ । ସେ ଆହୁରି କହିଛନ୍ତି ଯେ, ସ୍କୁଲ ଖୋଲିବା ନିଷ୍ପତ୍ତି ସ୍ଥଳ ବିଶେଷରେ ଜିଲ୍ଲାପାଳଙ୍କ ଉପରେ ନ୍ୟସ୍ତ ରହିବ । ଯଦି କେଉଁଠି କେସ ବଢ଼ିବ, ସେଠି ଜିଲ୍ଲାପାଳଙ୍କ ଅନୁସାରେ ସ୍କୁଲ ଖୋଲିବ । ସ୍କୁଲ ସକାଳ ୧୦ଟାରୁ ଦିନ ୧ଟା ୩୦ ଯାଏ ଖୋଲିବ । ସ୍କୁଲରେ ଖେଳଛୁଟି ହେବନି । ପିଲା ଘରେ ଯାଇ ଖାଇ ପାରିବେ । ରବିବାର ଓ ସମସ୍ତ ସରକାରୀ ଛୁଟି ଦିନରେ ସ୍କୁଲ ବନ୍ଦ ରହିବ । ସେ ଆହୁରି କହିଛନ୍ତି, ଏଣିକି ସିବିଏସ୍‌ଇ ଢାଞ୍ଚାରେ ନବମ ଓ ଦଶମ ପିଲାଙ୍କ ମୂଲ୍ୟାୟନ ହେବ । ନବମ ଓ ଦଶମରେ ବର୍ଷ ତମାମ ଆସେସମେଣ୍ଟ ପରୀକ୍ଷା ଚାଲିବ । ବର୍ଷକରେ ୪ଟି ଫର୍ମେଟିଭ୍ ଓ ୨ଟି ସବମିଟିଭ୍ ପରୀକ୍ଷା ହେବ । ହେବାକୁ ଥିବା ୪ଟି ଫର୍ମେଟିଭ ସେପ୍ଟେମ୍ବର ୨ୟ ସପ୍ତାହ, ନଭେମ୍ବର ପ୍ରଥମ ସପ୍ତାହ, ଜାନୁଆରୀ ୨ୟ ସପ୍ତାହ ଓ ମାର୍ଚ୍ଚ ୨ୟ ସପ୍ତାହରେ ହେବ । ଆସେସମେଣ୍ଟ ପରୀକ୍ଷା ସରିଲେ ହେବ ଫାଇନାଲ ପରୀକ୍ଷା । ଯଦି ପୁଣି କୋଭିଡ୍ ନେଇ ପରୀକ୍ଷା କରି ନହୁଏ, ସେହି ଅନୁସାରେ ରେଜଲ୍ଟ ପ୍ରକାଶ ପାଇବ । ଶ୍ରେଣୀ ଶିକ୍ଷକଙ୍କ ଦ୍ୱାରା ଆସେସମେଣ୍ଟ ଟେଷ୍ଟ ପରିଚାଳନା ହେବ । ଶ୍ରୀ ସାହୁ କହିଛନ୍ତି, ମହାମାରୀ କୋଭିଡ୍ ପାଇଁ ସବୁ ବିଦ୍ୟାଳୟକୁ ବନ୍ଦ କରାଯାଇଥିଲା । ବର୍ତ୍ତମାନ ଧୀରେ ଧୀରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା କମୁଛି । ସେହି ପରିପ୍ରେକ୍ଷୀରେ ବିଦ୍ୟାଳୟର ବିକଳ୍ପ ସ୍ୱରୂପ ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥା କରାଯାଇଛି । ଏହି ସେବା ଓଡ଼ିଶାର ସବୁ ପିଲାଙ୍କ ପାଖରେ ପହଞ୍ଚି ପାରିନାହିଁ । ମୋବାଇଲ୍ କନେକ୍ଟିଭିଟିର ଅସୁବିଧା ପାଇଁ ସବୁ ପିଲାଙ୍କ ପାଖରେ ଅନ୍‌ଲାଇନ୍ ଶିକ୍ଷାଦାନ ପହଞ୍ଚି ପାରିନାହିଁ । ତେଣୁ ରାଜ୍ୟ ସରକାର ବିଦ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ନେଉଛନ୍ତି ।

### ଆନନ୍ଦପୁର ପୂର୍ତ୍ତ ବିଭାଗର ମନମାନୀ

# ବିନା ଟେଣ୍ଡରରେ ଲକ୍ଷ ଲକ୍ଷ ଟଙ୍କାର ଠିକା କାର୍ଯ୍ୟ



**ଆନନ୍ଦପୁର :** ରାଜ୍ୟ ସରକାରଙ୍କ କଡା ନିର୍ଦ୍ଦେଶ ସତ୍ତ୍ୱେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର କରା ନଯାଇ ଲକ୍ଷଲକ୍ଷ ଟଙ୍କାର ନିର୍ମାଣ କାର୍ଯ୍ୟ ଚାଲିଛି । ନିଜର ମେସନାରୀ ନଥିବା କିମ୍ବା ଅଭିଜ୍ଞତା ନଥିବା ବ୍ୟକ୍ତିଙ୍କୁ ଏହି କାର୍ଯ୍ୟ କରିବାକୁ ଦିଆଯାଇଥିବାରୁ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି । ୫-ଟି ଅଧିନରେ ଥିବା ପୂର୍ତ୍ତ ଓ ଗୃହ ବିଭାଗ ସରକାରଙ୍କ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ଏପରି କାର୍ଯ୍ୟ କରୁଥିଲେ ମଧ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିରେ କିପରି ମୋହର ଦେଇଛନ୍ତି ସେ ନେଇ ବୁଦ୍ଧିଜୀବୀମାନେ ଚିନ୍ତାପ୍ରକଟ କରିଛନ୍ତି । ଗତ ୨୦୧୮-୧୯, ୨୦୧୯-୨୦, ୨୦୨୦-୨୧ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ପୂର୍ତ୍ତ ଓ ଗୃହ ବିଭାଗ ପକ୍ଷରୁ ଆନନ୍ଦପୁର, ଘଷିପୁରା, ରାମଚନ୍ଦ୍ରପୁର, ହାଟଡିହି ଅଞ୍ଚଳରେ ପ୍ରାୟ ୧୯ କୋଟି ୫୦ଲକ୍ଷ ଟଙ୍କାର କାର୍ଯ୍ୟ କରାଯାଇଥିବା ଏକ ଅସମର୍ଥିତ ସୂତ୍ରରୁ ପ୍ରକାଶ । ତେବେ ସରକାରୀ ନିର୍ଦ୍ଦେଶକୁ ଅବମାନନା କରି ବିନା ଟେଣ୍ଡରରେ କିପରି ଏହି କାର୍ଯ୍ୟ କରାଯାଉଛି ସେନେଇ ଚିନ୍ତା ପ୍ରକଟ ହୋଇଛି । ରକ୍ଷଣା ବେକ୍ଷଣ ଓ ମରାମତି ଅଭାବରୁ ଅନେକ ସରକାରୀ କୋଠା ବାଡି ନଷ୍ଟ ହୋଇ ଯାଉଥିବା ବେଳେ ଆବଶ୍ୟକତା ନଥିବା ସ୍ଥାନରେ କାର୍ଯ୍ୟ କରାଯାଉଛି । କେଉଁଠି ଚୁନ୍ ମରା ପାଣି କେଉଁଠି ପୁରୁଣା ପ୍ଲାଷ୍ଟରିଂ ଛଡା ଯାଇ ତଳିପକ୍କା କାର୍ଯ୍ୟ କରାଯାଇ ଭାଗବଣ୍ଟା ନୀତିରେ ନିର୍ମାଣ କାର୍ଯ୍ୟ ଚାଲିଥିବା ଏହି ନିର୍ମାଣ କାର୍ଯ୍ୟ ଉପଯୁକ୍ତ ତଦାରଖ ଅଭାବରୁ ଠିକାଦାରଙ୍କ ମନମାନିରେ ଚାଲିଥିବା ଅନୁମାନ ହୋଇଛି । ଏଣୁ କେନ୍ଦୁଝର ଜିଲ୍ଲାପାଳ ଓ ପୂର୍ତ୍ତ ଓ ଗୃହ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଆନନ୍ଦପୁର ପୂର୍ତ୍ତ ବିଭାଗ ନିର୍ମାଣ କାର୍ଯ୍ୟର ତଦନ୍ତ କଲେ ପ୍ରକୃତ ରହସ୍ୟ ପ୍ରକାଶ ପାଇପାରନ୍ତା ବୋଲି ମତ ପ୍ରକାଶ ପାଇଛି । ଏନେଇ ଆନନ୍ଦପୁର ସହକାରୀ ଯନ୍ତ୍ରୀ ତ୍ରିଲୋଚନ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଟେଣ୍ଡର ହେବାର ସୁଯୋଗ ସୃଷ୍ଟି କରାଯିବ ବୋଲି ସେ କହିଛନ୍ତି ।

# ନୂଆ ଏସ୍‌ପି ଅଖିଳେଶ୍ୱର ସିଂ ଯୋଗଦାନକୁ ନେଇ ଜିଲ୍ଲାରେ ଆନନ୍ଦର ଲହରୀ



**ଜଗତସିଂହପୁର :** ଜିଲ୍ଲାରେ ଆଇନ ସୃଙ୍ଖଳା ଓ ପୋଲିସର ଭାବମୂର୍ତ୍ତିକୁ ଗୁରୁତ୍ୱ ବର୍ତ୍ତମାନ ଥିବା ଏସ୍. ପି. ପ୍ରକାଶ ରଙ୍ଗରାଜଙ୍କୁ ଦୁର୍ନିତି ନିବାରଣ ବିଭାଗ କଟକକୁ ବଦଳି କରିଥିବା ବେଳେ ୨୦୦୮ବ୍ୟାଚର ଆଇ.ପି.ଏସ. ଅଫିସର ଅଖିଳେଶ୍ୱର ସିଂଙ୍କ ନୁତନ ଭାବେ ନିଯୁକ୍ତିକୁ ନେଇ ଜିଲ୍ଲାରେ ଆନନ୍ଦର ଲହରି ଖେଳିଯାଇଛି । ଶ୍ରୀ ସିଂ ପୂର୍ବରୁ ବିଭିନ୍ନ ଗୁରୁତ୍ୱପୁର୍ଣ୍ଣ ପଦବୀରେ ରହି ତାଙ୍କ ଦକ୍ଷତାର ପ୍ରତି ପାଦନ ମଧ କରିଛନ୍ତି । ଜିଲ୍ଲାରେ ତାଙ୍କ ନିଯୁକ୍ତକୁ ନେଇ ଅପରାଧୀ ଗୋଷ୍ଠି , ପି.ସି. ଆଦାୟ କରୁଥିବା କର୍ମଚାରୀ, ବ୍ରାଉନ ସୁଗାର ଓ ମଦ ବେପାରି ମାନଙ୍କ ମଧରେ କୋକୁଆ ଭୟ ସୃଷ୍ଟି ହେଇଯାଇଛି । ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନ ଓ ମୁନିସିପାଲିଟି ନିର୍ବାଚନ ହେବାର ଥିବା ବେଳେ ଆଗରୁ ତାଙ୍କ ନିଯୁକ୍ତି କୁ ନେଇ ସାଧାରଣରେ ଚର୍ଚ୍ଚା ମଧ ଆରମ୍ଭ ହେଲାଣି । ଶ୍ରୀ ସିଂ ଜଣେ ନମ୍ର, ମେଳାପି ଓ ସେବା ମନୋଭାବ ସମ୍ପନ୍ନ ଅଧିକାରୀ ଭାବେ ତାଙ୍କର ସୁନାମ ମଧଅଛି । ଏ ସମ୍ପର୍କରେ ଆମ ପ୍ରତିନିଧି ଶ୍ରୀ ସିଂ ଙ୍କ ସହିତ ଯୋଗାଯୋଗ କରିବାରେ ସେ କହିଥିଲେଯେ ଜଗତସିଂହପୁର ଏକ ସୁନାମଧନ୍ୟ କ୍ଷେତ୍ର, ମୋର ସୌଭାଗ୍ୟ ଯେ ଏପରି ଏକ ଜିଲ୍ଲାରେ ମୋତେ ନିଯୁକ୍ତି ମିଳି ପାରିଛି । ଜିଲ୍ଲାରେ ପୋଲିସ ବ୍ୟବସ୍ଥା କିଭଳି ଅଧିକ ଲୋକପ୍ରିୟ, ବିଶ୍ୱାସନୀୟ ଏବଂ ଉତ୍ତରଦାୟୀ ହୋଇପାରିବ ସେନେଇ ମୁଁ ଗୁରୁତ୍ୱ ଦେବି ।

# 'ତୃତୀୟ ଲହର ପାଇଁ ଆମେ ପ୍ରସ୍ତୁତ'

**ଭୁବନେଶ୍ୱର :** ଭାରତ ସରକାରଙ୍କ ପୂର୍ବ ପ୍ରସ୍ତୁତି ବହୁତ ସ୍ୱାଗତଯୋଗ୍ୟ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି । ବିଶ୍ୱରେ କିଛି ଦେଶର ସଂକ୍ରମଣ ହାର ବଢୁଛି । ଯଦିଓ ଗୁରୁତର ରୋଗୀଙ୍କ ସଂଖ୍ୟା କମ୍ ରହୁଛି କିନ୍ତୁ ସଂକ୍ରମଣ ବଢୁଛି । ଆମେ ପୂର୍ବରୁ ବି ଦେଖିଛେ ଗୋଟିଏ ଲହର ୩ରୁ ୪ ମାସ ରହୁଛି । ସେଥିପାଇଁ ତାକୁ ଦୃଷ୍ଟିରେ ରଖି ସଜାଗ ରହିବାକୁ ପଡିବ । ଏହି ସଜାଗ କହିଲେ ସ୍ୱାସ୍ଥ୍ୟ ବିଭାଗ ବା ସରକାରଙ୍କ ପକ୍ଷରୁ କିଛି ଆକ୍ଟିଭିଟି କରାଯିବ । କମ୍ୟୁନିଟି ବଢ଼ି ତାକୁ ମାନିବେ । କିଛି ଏନଫୋର୍ସମେ ହେବ । ଏହିଭଳି ଯାହା କାର୍ଯ୍ୟ ଅଛି ତାହା ଚାଲିବ । ଆମେ ସମସ୍ତେ ସମସ୍ତଙ୍କର ଦାୟିତ୍ୱ ନିର୍ବାହ କରିବା ଦରକାର । ତୃତୀୟ ଲହର ପାଇଁ ଆମେ ପ୍ରସ୍ତୁତ ଅଛୁ । ଆମର ସର୍ଭିଲାନ୍ସ ଟିମ୍ ପ୍ରସ୍ତୁତ ଅଛନ୍ତି । ଟେଷ୍ଟିଂକୁ ବଢ଼ାଇବା କାର୍ଯ୍ୟ ଜାରି ରହିଛି । ଟିକା ମିଳିବା ଅନୁଯାୟୀ ଟିକାକରଣ ଚାଲିଛି । ମାତ୍ର ଟିକା ନିଅନ୍ତୁ ବା ନନିଅନ୍ତୁ କି ରୋଗ ଥାଉ କି ନଥାଉ ଆପଣମାନେ କୋଭିଡ୍ କଟକଣା ମାନନ୍ତୁ । କାରଣ କୋଭିଡ୍ ଏବେ ବି ଆମ ପରିବେଶ ଭିତରେ ବୁଲୁଛି । ବର୍ତ୍ତମାନ ପର୍ଯ୍ୟନ୍ତ ବି ଆମ ରାଜ୍ୟରେ ସେକେଣ୍ଡ ୱେଭ ଜାରି ରହିଛି । ବିଭିନ୍ନ ସମୟରେ ଏହା ଉପର ତଳ ହେଉଛି । ବିଶେଷ କରି ଆମର କଟକ, ଭୁବନେଶ୍ୱର ପାଇଁ କିଛିଟା ଚିନ୍ତା ରହିଛି । ଆମେ ଆହୁରି ଏନଫୋର୍ସମେ କରିବାକୁ ଚିନ୍ତା କରୁଛୁ । ଟିକା ନେବା ପରେ ବି ଲୋକମାନେ ସଂକ୍ରମିତ ହେଉଛନ୍ତି । ମାତ୍ର ସେହି କ୍ଷେତ୍ରରେ ସିଭିୟରିଟି କମ୍ ରହୁଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି ।

# ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଗୋବର ଫିଙ୍ଗାକୁ ନେଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର



**ଭବାନୀପାଟଣା :** ଜିଲ୍ଲାପାଳ ଅଫିସ ସମ୍ମୁଖରେ ଥିବା ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବା ସାହେବ ଡଃ. ବି.ଆର. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ କିଛି ଅସାମାଜିକ ବ୍ୟକ୍ତି ଗୋବର ଫିଙ୍ଗିବାକୁ ନେଇ ଜିଲ୍ଲା ଦଳିତ ସେବକ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯିବା ସହ ଜିଲ୍ଲାପାଳ, ଏସ୍‌ପି ଏବଂ ବିଭିନ୍ନ ଗଣମାଧମ ପ୍ରତିନିଧିଙ୍କୁ ସ୍ମାରକପତ୍ର ଦିଆଯାଇଛି । ସଂଘର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ବାଇଧର ମଲ୍ଲିକଙ୍କ ଆହ୍ୱାନରେ କଳାହାଣ୍ଡି ଜିଲ୍ଲା ଦଳିତ ସେବକ ସଂଘର ଜିଲ୍ଲା ସଭାପତି ଅପରେଶ ସ୍ୱାଇଁଙ୍କ ନେତୃତ୍ୱରେ ଆମ୍ବେଦକର ଅନୁଗାମୀମାନେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରିବା ସହିତ ଅପରାଧୀଙ୍କୁ ଗିରଫ କରିବା ପାଇଁ ଦାବି ଜଣାଇଛନ୍ତି । ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ଆଗାମୀ ଦିନରେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ସ୍ୱାଇଁ ଚେତାବନୀ ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମଧବିତ୍ତର ...

ତାହା ନିର୍ଦ୍ଧାରଣ ହୋଇପାରିନାହିଁ । ମୋଦିଙ୍କ ଶାସନରେ କେନ୍ଦ୍ର ମନ୍ତ୍ରୀ ଅମିତ ଶାହାଙ୍କ ପୁଅର ସମ୍ପତ୍ତି ୧୬୦% ବଢ଼ିଥିଲା ବେଳେ ଅନେକ କେନ୍ଦ୍ର ମନ୍ତ୍ରୀଙ୍କ ସମ୍ପତ୍ତିର ତାଲିକା ମଧ ଲମ୍ବି ଚାଲିଛି । ସେହିଭଳି ରାଜ୍ୟରେ ଦୀର୍ଘବର୍ଷ ଶାସନ କ୍ଷମତାରେ ଥିବା ବିଜେଡି ସରକାରରେ ଥିବା ଅନେକ ନେତା, ମନ୍ତ୍ରୀଙ୍କ ସମ୍ପତ୍ତି ଏତେ ମାତ୍ରାରେ ବଢ଼ିଛି ଯାହା ସହଜରେ ହିସାବ କରିହେବନାହିଁ । କରୋନା ସମୟରେ ବି ସୁନା ଦୋକାନୀଙ୍କ ବେପାର କମିନି, କାର ବଜାର ମାନ୍ଦା ପଡିନି । ମଧବିତ୍ତ କିନ୍ତୁ ଦାରିଦ୍ର୍ୟର ସୀମାରେଖା ତଳେ ରହି ଦୁଃଖ କଷ୍ଟ ଭୋଗୁଥିଲେ ବି କେହି ସେମାନଙ୍କ ଦୁଃଖ ଲାଘବ କରିବାକୁ ଆଗେଇ ଆସୁନାହାନ୍ତି । ବସ୍ତିରେ ଦୁଇ ମହଲା ଘର ଓ ଚାରିଚକିଆ ଥିଲେ ବି ସେମାନଙ୍କୁ ଗରିବ ଖାତାରେ ରଖି ସରକାର ସହାୟତା ଦେଇଚାଲିଛନ୍ତି । କିନ୍ତୁ ସରକାର ଜାଣି ରଖିବା ଉଚିତ ଯେ ଅଧିକ ପ୍ରତିଶତ ମଧବିତ୍ତ ହିଁ ମୋଦି ଓ ନବୀନଙ୍କୁ ଭୋଟ ଦେଇଛନ୍ତି । ବାକି ବର୍ଗ ଭାଗ ଭାଗ । ତେଣୁ ପ୍ରକୃତ ଭୋଟଦାତା ସରକାରଙ୍କ ଦ୍ୱାରା ପ୍ରତାରଣାର ଶିକାର ।

### ଶସ୍ତା ହେଲା ...

ଦେବାକୁ ପଡିବ । ଷ୍ଟାମ୍ପ ଦେୟ ହ୍ରାସ କରିବା ଦ୍ୱାରା ସାଧାରଣ ଲୋକମାନେ ନିର୍ମାଣକାରୀ ସଂସ୍ଥାଠୁ ଅପେକ୍ଷାକୃତ କମ୍ ମୂଲ୍ୟରେ ଜମି ଓ ବାସଗୃହ କ୍ରୟ କରିପାରିବେ । ରାଜ୍ୟର ରାଜସ୍ୱ ବୃଦ୍ଧି ନିମନ୍ତେ ପୂର୍ବ ନିବନ୍ଧିତ ଦଲିଲର ପ୍ରମାଣିତ ନକଲ ପ୍ରାପ୍ତି ପାଇଁ ଷ୍ଟାମ୍ପ ଦେୟ ୧୦ ଟଙ୍କାରୁ ୧୦୦ ଟଙ୍କାକୁ ବୃଦ୍ଧି କରାଗଲା । ସେହିପରି ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନ-୧୯୬୨ (ଆଇନ-୩୩)ରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଅଧିନିୟମର ଧାରା ୩ର ଉପଧାରା (୪)ର ସଂଶୋଧନ ଦ୍ୱାରା ଖସମାହଲ, ନାଜୁଲ, ଗ୍ରାମକଣ୍ଠ ପରମ୍ବୋକ କିମ୍ବା ଆବାଦି ଜମି ଦଖଲ କରୁଥିବା ବ୍ୟକ୍ତିଙ୍କୁ ଲିଜ୍ ଆଧାରରେ କିମ୍ବା ପ୍ରସ୍ତାବିତ ଆଇନ ଆରମ୍ଭ ହେବାର ୩ବର୍ଷ ପୂର୍ବରୁ ଦଖଲରେ ଥିବା ବ୍ୟକ୍ତି ବା ଉତ୍ତରାଧିକାରୀଙ୍କ ସପକ୍ଷରେ ସରକାରଙ୍କୁ ଧାର୍ଯ୍ୟ ଅନୁଯାୟୀ ଏହାର ଦେୟ ପ୍ରଦାନ କରି ସ୍ଥାନାନ୍ତର ଯୋଗ୍ୟ ଅଧିକାର ସହିତ ସ୍ଥାୟୀ ଭାବେ ହସ୍ତାନ୍ତର ହୋଇପାରିବ । ଦୀର୍ଘଦିନ ଧରି ବିଚରାଧୀନ ଖସମାହଲ, ନାଜୁଲ, ଗ୍ରାମକଣ୍ଠ ପରମ୍ବୋକ କିମ୍ବା ଆବାଦି ବର୍ଗର ଜମିର ହସ୍ତାନ୍ତର କରିବାରେ ସାହାଯ୍ୟ ନିମନ୍ତେ ପ୍ରତିବନ୍ଧକୁ ଉଠାଇ, ନିଯୁକ୍ତି ତାରିଖ ୨୦୦୬ ଫେବୃଆରୀ ୨୬ ତାରିଖ ଅବଧି ଉପଯୁକ୍ତ ଭାବେ ବଢ଼ାଯାଇ ଅଛି । ଉପଯୁକ୍ତ ଭାବେ ନିଯୁକ୍ତି ତାରିଖ ସ୍ଥାନାନ୍ତରିତ ଦ୍ୱାରା ଏସବୁ ଆବେଦନ ଗୁଡିକର ସମାଧାନ ମଧ ହୋଇପାରିବ ।

### ତୃତୀୟ ୱେଭ୍‌କୁ ...

କେନ୍ଦ୍ର ସରକାର ଜାରି କରିଥିବା ୪ଟି-ଟେଷ୍ଟ, ଟ୍ରାକ, ଟ୍ରିଟ ଓ ଟିକା ଉପରେ ସମସ୍ତଙ୍କୁ ଫୋକସ କରିବାକୁ ପଡ଼ିବ । ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ହେବ । ତୃତୀୟ ୱେଭକୁ ରୋକିବା ପାଇଁ କଡ଼ା ପଦକ୍ଷେପ ଜରୁରୀ । ଆପଣମାନେ ଭଲ ଭାବେ ଏହାର ଗୁରୁତ୍ୱ ସମ୍ପର୍କରେ ଜାଣିଛନ୍ତି । ତେଣୁ ଏହାକୁ ପାଳନ କରିବାକୁ ହେବ । ୟୁରୋପ ଓ ଏସିଆର କିଛି ଦେଶରେ ସଂକ୍ରମଣ ପୁଣି ବଢୁଛି । ଏହା ଆମ ପାଇଁ ସତର୍କ ଘଣ୍ଟି । ଏହାକୁ ଆମେ ହାଲୁକା ଭାବେ ଆଦୌ ନେବା ନାହିଁ ବୋଲି ମୋଦି କହିଛନ୍ତି । ଟେଷ୍ଟିଂ ବୃଦ୍ଧି କରିବାକୁ ମୋଦି ପରାମର୍ଶ ଦେଇ କହିଛନ୍ତି, ସ୍ଥିତି ଯଦି ନିୟନ୍ତ୍ରଣ ବାହାରକୁ ଚାଲିଯିବ, ତା'ହେଲେ ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି ହେବ । ଆରଟି-ପିସିଆର ଟେଷ୍ଟକୁ ବୃଦ୍ଧି କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ହିଁ ଆମେ ସଂକ୍ରମଣକୁ ରୋକିପାରିବା । ଗ୍ରାମାଞ୍ଚଳ ପ୍ରତି ଅଧିକ ଧ୍ୟାନ ଦେବାକୁ ମଧ ମୋଦି କହିଛନ୍ତି । ଏଥିସହ ସାର୍ବଜନୀନ ସ୍ଥାନରେ ଯେମିତି ଭିଡ଼ ନହେବ, ସେଥିପାଇଁ ମଧ ପଦକ୍ଷେପ ନେବାକୁ ସେ ମୁଖ୍ୟମନ୍ତ୍ରୀମାନଙ୍କୁ କହିଛନ୍ତି । ଦ୍ୱିତୀୟ ୱେଭ ବେଳେ ଅମ୍ଳଜାନର ଅଭାବ ଦେଖା ଯାଇଥିଲା । ଏଭଳି ସ୍ଥିତି ପୁଣି ଯେମିତି ନ ଉପୁଜିବ ତା' ଉପରେ ଗୁରୁତ୍ୱ ଦେବାକୁ ମୋଦି ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, କେନ୍ଦ୍ର ସରକାର ସବୁ ରାଜ୍ୟ ପାଇଁ ପିଏସ୍‌ଏ ଅକ୍ସିଜେନ ପ୍ଲାଣ୍ଟକୁ ଅନୁମତି ଦେଇଛନ୍ତି । ୧୫/୨୦ ଦିନ ଭିତରେ ଏହା ଯେମିତି ପ୍ରତିଷ୍ଠା ହୋଇପାରିବ, ସେଥିପାଇଁ ଜଣେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଉ । ଏହାକୁ ଏକ ମିଶନ ଭାବେ ନେଇ ସମସ୍ତେ ଆଗକୁ ବଢ଼ିବା ଦରକାର ବୋଲି ମୋଦି କହିଛନ୍ତି । ସୂଚନାଯୋଗ୍ୟ, ଆଜି ମୋଦି ଯେଉଁ ୬ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିଛି ସେଠାରୁ ଦୈନିକ ମୋଟ ସଂକ୍ରମଣର ୮୦% ଲୋକ ଚିହ୍ନଟ ହେଉଛନ୍ତି । ସେହିପରି ଦେଶର ମୋଟ ମୃତ୍ୟୁସଂଖ୍ୟାରୁ ୮୪% ଏହି ୬ ରାଜ୍ୟରୁ ରେକର୍ଡ କରାଯାଉଛି ।

### ମିଶନ ଶକ୍ତିର ...

ଗତବର୍ଷ ସୁଧ ରିହାତି ଭାବରେ ରାଜ୍ୟ ସରକାର ୧୨୫ କୋଟି ଟଙ୍କା ଦେଇଥିବା ବେଳେ, ଏବର୍ଷ ଏହାକୁ ୨୦୦ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି ବୋଲି ସେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇ ମହିଳା ଶିଶୁବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ମିଶନ ଶକ୍ତିର ମହିଳା ମାନଙ୍କ ବିକାଶ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଯେ କୌଣସି ବ୍ୟବସାୟ ପାଇଁ ପୁଞ୍ଜି ଯୋଗାଣ ସଞ୍ଜୀବନୀ ପରି କାର୍ଯ୍ୟ କରେ । ମହିଳା ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ଆବର୍ତ୍ତନ ପାଣ୍ଠି କରିଛନ୍ତି, ତାହା ମିଶନ ଶକ୍ତିକୁ ସ୍ୱାବଲମ୍ବୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ । ମିଶନ ଶକ୍ତି ମା'ମାନଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ ଆଣିଛି ବୋଲି ସେମାନେ ମତ ଦେଇଥିଲେ । କାର୍ଯ୍ୟକ୍ରମରେ ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଏବଂ ମିଶନ ଶକ୍ତିର ଉପଦେଷ୍ଟା ଡଃ ଲୋପାମୁଦ୍ରା ବକ୍ସିପାତ୍ର ପ୍ରମୁଖ ସେମାନଙ୍କର ମତାମତ ରଖି କହିଥିଲେ ଯେ, ମିଶନ ଶକ୍ତି ଆଜି ମା ମାନଙ୍କ ସାମାଜିକ ଅର୍ଥନୈତିକ ପରିବର୍ତ୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏଭଳି ଏକ ନିରବ ବିପ୍ଳବ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସଂପର୍ଣ୍ଣ ନେତୃତ୍ୱରେ ସେମାନେ ଉଚ୍ଚପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ମୋରଡା ମିଶନ ଶକ୍ତି ମହାସଂଘର ଅଧକ୍ଷା ବିଷ୍ଣୁପ୍ରିୟା ଦାସ, କଟକ କଣ୍ଟାକଡା ମିଶନ ଶକ୍ତି ମହାସଂଘର ସମ୍ପାଦିକା ବିଷ୍ଣୁପ୍ରିୟା ପାତ୍ର, ସମ୍ବଲପୁର ନାକଟିଦେଉଳ ମିଶନ ଶକ୍ତି ମହାସଂଘର ସମ୍ପାଦିକା ଗୀତାଞ୍ଜଳି ପ୍ରଧାନ, କୋରାପୁଟ ନନ୍ଦପୁର ମିଶନ ଶକ୍ତି ମହାସଂଘର ସମ୍ପାଦିକା ହେମଲତା ପ୍ରଧାନ ଓ ଢେଙ୍କାନାଳ ଗଁଦିଆ ମିଶନ ଶକ୍ତି ମହାସଂଘର ସମ୍ପାଦିକା ନିର୍ମଳା ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଏହି ସ୍ୱତନ୍ତ୍ର ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ । ସେମାନେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଆମେ ସମସ୍ତେ ଆଜି ନିଜର ପରିଚୟ ପାଇପାରିଛୁ । ମୁଖ୍ୟମନ୍ତ୍ରୀ ଆମ ମାନଙ୍କ ପାଖରେ, ଆମ ସୁଖଦୁଃଖରେ ସବୁବେଳେ ଠିଆ ହୋଇଛନ୍ତି । ତେଣୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଆମେ କୃତଜ୍ଞ । ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ ଧନ୍ୟବାଦ । ଏହି ଅବସରରେ ବ୍ରହ୍ମପୁର, ଢେଙ୍କାନାଳ ଓ ବାରିପଦାର ୩ଟି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆଚାର ବ୍ୟବସାୟ ପାଇଁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ତରଫରୁ ଏକକାଳୀନ ୪୭ଲକ୍ଷ ଟଙ୍କାର ଋଣ ଦିଆଯାଇଥିଲା । ସୂଚନାଯୋଗ୍ୟ ଯେ, ସେମାନଙ୍କ ଦ୍ୱାରା ଉତ୍ପାଦିତ ୧୨୦ ମେଟ୍ରିକ ଟନ୍ ଆଚାର ମିଶନ ଶକ୍ତି ଦ୍ୱାରା ପରିଚାଳିତ ରାଜ୍ୟର ୧୭୭ଟି ଆହାର କେନ୍ଦ୍ରରେ ବ୍ୟବହାର ହେଉଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ନିଜର ସ୍ୱାଗତ ଭାଷଣ ରଖି ମିଶନ ଶକ୍ତିର କମିଶନର ତଥା ସଚିବ ସୁଜାତା କାର୍ତ୍ତିକେୟ କହିଲେ ଯେ, ଗୋଟିଏ ଯୋଜନାକୁ ଏକ ସ୍ୱତନ୍ତ୍ର ବିଭାଗ ଭାବରେ କାର୍ଯ୍ୟକାରୀ କରିବାରେ ଓଡ଼ିଶା ହେଉଛି ସାରା ଭାରତବର୍ଷରେ ଏକମାତ୍ର ରାଜ୍ୟ । ଏଥିରୁ ମହିଳା ମାନଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ କେତେ ଗୁରୁତ୍ୱ ଦେଉଛନ୍ତି, ତାହା ଅନୁମେୟ । ସୂଚନାଯୋଗ୍ୟ ଯେ, ଗତ ଦୁଇବର୍ଷରେ ମିଶନ ଶକ୍ତିର ବିଭିନ୍ନ ସ୍ୱୟ ସହାୟକ ଗୋଷ୍ଠୀ ମାନଙ୍କ ଠାରୁ ୨୮୦୦ କୋଟି ଟଙ୍କାର ବିଭିନ୍ନ ଦ୍ରବ୍ୟ ଓ ସେବା କ୍ରୟ କରାଯାଇଛି । ସେ କହିଥିଲେ ଯେ, ୨୦୨୧-୨୨ ବର୍ଷ ପାଇଁ ମିଶନ ଶକ୍ତିର ମା' ମାନଙ୍କ ପାଇଁ ୬୦୦୦ କୋଟି ଟଙ୍କାର ବ୍ୟାଙ୍କ ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଛି । ମିଶନ ଶକ୍ତିର ନିର୍ଦ୍ଦେଶିକା ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପିକେ ଜେନା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମନ୍ତ୍ରୀଙ୍କ ଦ୍ୱାରା କ୍ରୀଡା ଭିତ୍ତିଭୂମିର ସମୀକ୍ଷା



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଶୋକ ମେହେଟା ସଭା ଗୃହରେ କ୍ରୀଡା ଓ ଯୁବ ସେବା ଏବଂ ସୂଚନା ଓ ପ୍ରଜ୍ୟୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ତୁଷାର କାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ନବରଙ୍ଗପୁର ଜିଲ୍ଲାର କ୍ରୀଡା ଏବଂ କ୍ରୀଡ଼ାର ଭିତ୍ତିଭୂମି ବିଷୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର କ୍ରୀଡା କ୍ଷେତ୍ରରେ ଅବଶ୍ୟକୀୟ ଥିବା ଭିତ୍ତିଭୂମି ଏବଂ କ୍ରୀଡ଼ାର ବିକାଶ ପାଇଁ ଆଲୋଚନା କରାଯାଇଥିଲା । ବିଶେଷ କରି ଜିଲ୍ଲାରେ ଏକ କ୍ରୀଡା ଛାତ୍ରାବାସର ଆବଶ୍ୟକତା ଥିବା ସମ୍ବନ୍ଧରେ ସାଂସଦ ଏବଂ ବିଧାୟକ ଗଣ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାରେ ରହିଥିବା ଖେଳ ପଡ଼ିଆର ଭିତ୍ତିଭୂମିର ଉନ୍ନତି କରଣ ନିମନ୍ତେ ମାନ୍ୟବର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାରେ ବିଭିନ୍ନ କ୍ରୀଡା କ୍ଷେତ୍ରରେ ରୁଚି ରଖୁଥିବା ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କ ଆବଶ୍ୟକତା ଥିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ଚାନ୍ଦାହାଣ୍ଡି ସଦର ମହକୁମା ଠାରେ ଏକ ଖୋଲା ବ୍ୟାୟାମ ଶାଳା କରାଯିବା ପାଇଁ ବିଧାୟକ ଝରିଗାଁ ଇଂ ପ୍ରକାଶ ଚନ୍ଦ୍ର ମାଝୀ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଜିଲ୍ଲାରେ ବିଶେଷ କରି ଗ୍ରାମାଞ୍ଚଳରେ ଫୁଟବଲ ଖେଳ ପ୍ରତି ଲୋକଙ୍କ ଅଧିକ ରୁଚି ଥିବାରୁ, ଏହି ଖେଳ ପ୍ରତି ଲୋକଙ୍କ ମଧରେ ଆଗ୍ରହ ସୃଷ୍ଟି କରିବା ସହିତ ସହାୟତା ଯୋଗାଇ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ବିଧାୟକ ନବରଙ୍ଗପୁର ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ନବରଙ୍ଗପୁର ଜିଲ୍ଲାପାଳ, ଡ଼ଃ ଅଜିତ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଡେପୁଟି ଜିଲ୍ଲାପାଳ, ମୌସୁମୀ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ସୂଚନା ଅଧିକାରୀ, ହଳଧର ନିହାଲ, ଜିଲ୍ଲା କ୍ରୀଡା ଅଧିକାରୀ ମହେନ୍ଦ୍ର ସାହୁ, ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ,ସୌଭାଗ୍ୟ ନାୟକ, ଏ ସୁରେଶ ପ୍ରମୁଖ ଉପସ୍ଥିତ ଥିଲେ ।









# ସର୍ବଧର୍ମର ସମନ୍ୱୟ ରଥଯାତ୍ରା

ଡ଼କ୍ଟର ବିଜୟଲକ୍ଷ୍ମୀ ଭୂୟାଁ



ରଥଯାତ୍ରାର ଭିନ୍ନ ଭିନ୍ନ ନାମ ରହିଛି। ଏହାକୁ ଘୋଷ ଯାତ୍ରା କୁହାଯାଏ। ଘୋଷ ଯାତ୍ରା ଅର୍ଥାତ୍ ନନ୍ଦିଘୋଷରେ ବିରାଜମାନ କରି ଶ୍ରୀଜଗନ୍ନାଥ ଯାତ୍ରା କରୁଥିବାରୁ ବା ଏହି ଯାତ୍ରା ମାଧ୍ୟମରେ ବିଶ୍ୱର ମଙ୍ଗଳ ଘୋଷଣା କରାଯାଉଥିବାରୁ ଏହାକୁ ଘୋଷଯାତ୍ରା କୁହାଯାଏ। ସେହିପରି ଏହାକୁ ଆଡ଼ପ ମଣ୍ଡପ ଯାତ୍ରା ମଧ୍ୟ କୁହାଯାଏ। ଆଡ଼ପ ମଣ୍ଡପ ଯାତ୍ରା ହେଉଛି ଗୁଣ୍ଡିଚା ମନ୍ଦିରରେ ଥିବା ଆଡ଼ପ ମଣ୍ଡପରେ ତିନି ଠାକୁର ବିଜେ କରିଥାନ୍ତି। ଫଳରେ ଏହାକୁ ଆଡ଼ପ ମଣ୍ଡପ ଯାତ୍ରା କୁହାଯାଏ। ସେହିପରି ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା ବୋଲି କୁହାଯାଏ। କାରଣ ଆଡ଼ପ ମଣ୍ଡପକୁ ପ୍ରଭୁଙ୍କ ଜନ୍ମବେଦୀ କୁହାଯାଏ। ଏଠାରେ ବିଗ୍ରହ ନିର୍ମାଣ କରାଯାଇଥିବାରୁ କିମ୍ୱଦନ୍ତୀ ରହିଛି। ତେଣୁ ଏହାକୁ ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା କୁହାଯାଏ। ଦଶାବତାର ଯାତ୍ରା ଭାବେ ଏହାକୁ ବିବେଚିତ କରାଯାଉଥିବାବେଳେ ଗୁଣ୍ଡିଚା ଘରେ ଦଶ ଅବତାର ବେଶ ହେଉଥିବାରୁ ଏହାକୁ ଦଶାବତାର ଯାତ୍ରା କୁହାଯାଏ। ସେହିପରି ପତିତପାବନ ଯାତ୍ରା ଭାବେ ଏହାକୁ ମଧ୍ୟ କୁହାଯାଏ। ଅର୍ଥାତ୍ ପତିତମାନଙ୍କୁ ଉଦ୍ଧାର କରିବା ଲାଗି ଶ୍ରୀଜଗନ୍ନାଥ ବଡ଼ ଦେଉଳରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି। ଭକ୍ତଙ୍କ ଗହଣରେ ନିଜକୁ ସମ୍ମିଳିତ କରିଦିଅନ୍ତି। ତାଙ୍କୁ ପ୍ରତ୍ୟକ୍ଷ ଭାବେ ଦର୍ଶନ କରି ପତିତମାନେ ଉଦ୍ଧାର ପାଇଥାନ୍ତି। ତେଣୁ ଏହାକୁ ପତିତପାବନ ଯାତ୍ରା କୁହାଯାଏ। ଆହୁରି ଏହାକୁ ନବଦିନାତ୍ମକ ଯାତ୍ରା ଭାବେ କୁହାଯାଏ କାରଣ ଗୁଣ୍ଡିଚା ଠାରୁ ବାହୁଡ଼ା ପର୍ଯ୍ୟନ୍ତ ନଅ ଦିନ ଧରି ଏହା ଚାଲୁଥିବାରୁ ଏହାକୁ ନବଦିନାତ୍ମକ ଯାତ୍ରା କୁହାଯାଏ। ସେହିପରି ଗୁଣ୍ଡିଚା ଯାତ୍ରା ଭାବେ ଏହାକୁ ବିବେଚନା କରାଯାଏ କାରଣ ଗୁଣ୍ଡିଚା ଘରକୁ ତିନି ଠାକୁର ଯାତ୍ରା କରୁଥିବାରୁ ଏହାକୁ ଗୁଣ୍ଡିଚା ଯାତ୍ରା କୁହାଯାଏ।

ଆମ ଆଦିମ ଅଧିବାସୀ ଶବର ସଂପ୍ରଦାୟଙ୍କ ଦ୍ୱାରା ପୂଜିତ ଦାରୁଦେବତା ପ୍ରଭୁ ନୀଳମାଧବ କାଳକ୍ରମେ ଜଗନ୍ନାଥ ରୂପ ବିଗ୍ରହ ଧାରଣ କରି ପୂଜିତ ହୋଇ ଚାଲିଛନ୍ତି ବୋଲି ଶ୍ରୁତି ରହିଛି। ସେ ବ୍ରହ୍ମ, ସେ ବିଷ୍ଣୁ, ସେ ହିଁ ନାରାୟଣ। 'ଓଁ କ୍ଲୀଂ କୃଷ୍ଣାୟେ, ଗୋବିନ୍ଦାୟେ, ଗୋପୀକାଜନବଲ୍ଲଭେ ନମଃ'ର ମାନ୍ତ୍ରିକ ଉଚ୍ଚାରଣରେ ପୂଜିତ ହେଉଥିବା ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣଙ୍କର ପ୍ରତିରୂପ ବୋଲି ମଧ୍ୟ ବିଚାର କରାଯାଏ। ଲୋକକଥା ମଧ୍ୟ ରହିଛି ଯେ ଶ୍ରୀକୃଷ୍ଣଙ୍କର ମର୍ତ୍ତ୍ୟଲୀଳାର ପରିସମାପ୍ତି ପରେ ପରେ ସେ ପୂର୍ବ ଭାରତର ଏହି ପୁଣ୍ୟପୀଠରେ ଶ୍ରୀଜଗନ୍ନାଥ ରୂପେ ଆବିର୍ଭୂତ ହେଲେ। ଏଣୁ ସକଳ ବୈଷ୍ଣବ ସଂପ୍ରଦାୟଙ୍କର ସେ ମଧ୍ୟ ଆରାଧ୍ୟ ଦେବତା ଯାହା ଶ୍ରୀଚୈତନ୍ୟଙ୍କ ଦ୍ୱାରା ଅଧିକ ସଂପ୍ରସାରିତ ଓ ଗୃହୀତ ହୋଇଆସିଛି। ବୈଷ୍ଣବ ମତାନୁସାରେ ସେ ହେଉଛନ୍ତି ଶ୍ରୀକୃଷ୍ଣ, ତାଙ୍କର ଜ୍ୟେଷ୍ଠ ଭ୍ରାତା ବଳରାମଙ୍କ ସହିତ ଭଉଣୀ ସୁଭଦ୍ରାଙ୍କର ସମାବେଶରେ ସେ ବିରାଜିତ। ଏହି ଯଶୋଦା କନ୍ୟା ସୁଭଦ୍ରା ଭାଇ ଦୁଇ ଜଣଙ୍କୁ ମହାପ୍ରତାପୀ କଂସଙ୍କ କବଳରୁ ବଞ୍ଚାଇଥିବାରୁ ସେ ତାଙ୍କର ଅତି ଆଦରର। ଅଦ୍ୱୈତବାଦାନୁସାରେ ଏହି ମହାଦେବୀ ସୁଭଦ୍ରା ଯୋଗମାୟା ଓ ଯୋଗନିଦ୍ରା ଭାବେ ମଧ୍ୟ ପରିଚିତା। ସେ ପୁଣି ଅଖଣ୍ଡ, କାଳ ବା ସମୟଚକ୍ରର ସ୍ରଷ୍ଟାଦେବୀ। ସୁଦର୍ଶନ ହେଉଛନ୍ତି ମହାଭାରତର କିମ୍ୱଦନ୍ତୀ ଅନୁସାରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ସମ୍ମିଳିତ ରୂପ ଯାହାଙ୍କୁ ନାରଦ ପ୍ରତ୍ୟକ୍ଷ କରି କଳିଯୁଗରେ ଆବିର୍ଭାବ ହେବା ପାଇଁ ପ୍ରଭୁଙ୍କୁ ବିନମ୍ର ପ୍ରାର୍ଥନା କରିଥିଲେ। ଆମ ଭାରତୀୟ ପରମ୍ପରାରେ ଭଉଣୀ ସହିତ ପ୍ରଭୁ ପୂଜିତ ହେବାର ସ୍ୱତନ୍ତ୍ରତା ରହିଛି। ଅନ୍ୟପକ୍ଷରେ ବୌଦ୍ଧ ଧର୍ମର ବୁଦ୍ଧ, ଧମ୍ମ ଓ ସଂଘର ମହତ୍ତ୍ୱ ରତ୍ନସିଂହାସନରେ ଉପବିଷ୍ଟ ଏହି ଚତୁର୍ଦ୍ଧାମୂର୍ତ୍ତିରେ ସମାବିଷ୍ଟ ବୋଲି ବୌଦ୍ଧ ଧର୍ମର ଲୋକମାନଙ୍କର ବିଶ୍ୱାସ ମଧ୍ୟ ରହିଛି। ଏହି ଧମ୍ମ ସଦାବେଳେ ନାରୀର ପ୍ରତିନିଧିତ୍ୱ କରିଥାଏ ବୋଲି ତହିଁରେ କୁହାଯାଇଛି। ଆଉ ରତ୍ନବେଦୀ ଐଶ୍ୱର୍ଯ୍ୟର ଭଣ୍ଡାର ବୋଲି ବିଶ୍ୱାସ ରହିଛି। ମୋଟ ଉପରେ କୁହାଯାଇପାରେ ଯେ ପ୍ରଭୁ ପୁରୁଷୋତ୍ତମଙ୍କର ଏହି ଆସ୍ଥାନରେ ରହିଛି ବିଷ୍ଣୁ, ଶୈବ, ବୈଷ୍ଣବ ଓ ବୌଦ୍ଧ ବିଶ୍ୱାସୀଙ୍କର ପରମ ଆସ୍ଥା ଏବଂ ଅନାବିଳ ବିଶ୍ୱାସ। ଏହି ଚତୁର୍ଦ୍ଧା ମୂର୍ତ୍ତିର ପରିକଳ୍ପନା ସ୍ୱୟଂ ପ୍ରଭୁଙ୍କର ବୋଲି ଆମେ ବିଶ୍ୱାସ କରିଆସିଛୁ, କାରଣ ଏହାର ତତ୍ତ୍ୱକୁ ଯେତେ ବିଶ୍ଳେଷଣ କଲେ ମଧ୍ୟ ଏହା ଅଲୌକିକରେ ଲୌକିକ ଓ ରହସ୍ୟରେ ପରମ ଅଖଣ୍ଡ ବିଶ୍ୱାସରେ ଅଧିଷ୍ଠିତ। ଗୋଲାକାର ଦାରୁ ବିଗ୍ରହର ଅନୁପମ ରୂପ ଓ ମହିମା ଚିରକାଳ ଆମକୁ ବାନ୍ଧି ରଖିଆସିଛି। ଜଗତର ସବୁ ରଙ୍ଗ ତାଙ୍କଠି ଠୁଳ। ବିସ୍ଫାରିତ ପଲକବିହୀନ ନେତ୍ର ଯୁଗଳରେ ସେହି ପରମ କାରୁଣିକ ଅହୋରାତ୍ର ତାଙ୍କର ସୃଷ୍ଟି ଜଗତକୁ ଚାହିଁ ରହିଛନ୍ତି। ସକଳ ପ୍ରାଣୀଙ୍କୁ ନିରୀକ୍ଷଣ କରିଚାଲିଛନ୍ତି। ସଂସାରରେ କିଛି ହିଁ କିଛି ତାଙ୍କ ଅଗୋଚରରେ ରହେ ନାହିଁ। ଯୁଗଯୁଗ ଧରି ବହୁ ପ୍ରାଜ୍ଞ ପଣ୍ଡିତ ତାଙ୍କରି ମହିମା ବର୍ଣ୍ଣନା କରି ମଧ୍ୟ ତାହା ଅସରନ୍ତି ରହିଛି। ସେହି ପୁରୁଷୋତ୍ତମଙ୍କ ମହିମା ବର୍ଣ୍ଣିବା ପାଇଁ ଭାଷା ବି କାହିଁ। ତାଙ୍କରି ବଡ଼ ଦେଉଳ ପାଖରେ ସମସ୍ତେ ଶରଣାଗତ; ତାଙ୍କରି ବଡ଼ଦାଣ୍ଡର ଧୂଳିରେ ସବୁ ଗର୍ବ ଅହଂକାର ଝରିପଡ଼ି ଭୂପତିତ ହୋଇଯାଏ। ତାଙ୍କରି କରୁଣା ଟିକିଏ ପାଇଁ ସମସ୍ତେ ଉର୍ଦ୍ଧ୍ୱବାହୁ ହୋଇ ପ୍ରାର୍ଥନା କରନ୍ତି। ସବୁ ଯାଚନା, ଆକୁତି ଓ ପ୍ରାର୍ଥନା ତାଙ୍କରି ଆଶିଷ ପାଇଁ, ଶ୍ରଦ୍ଧାର ବାଲିକଣାଟିଏ ପାଇଁ। ସେହି ମହାପ୍ରଭୁ ଆଜି ତାଙ୍କର ଅଗଣିତ ଭକ୍ତଙ୍କ ସମ୍ମୁଖରେ ଉଭା। ସବୁରି କଣ୍ଠରେ ଯେପରି ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ। ମହାପ୍ରଭୁଙ୍କର ଏହି ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଆଜି ଏକାଠି ସମବେତ ଲକ୍ଷ ଲକ୍ଷ ଜନତା। ସମସ୍ତ ପ୍ରକାରର ସୁବ୍ୟବସ୍ଥା କରାଯାଇଛି ଶୃଙ୍ଖଳା, ଶାନ୍ତି ଓ ସଦ୍‌ଭାବନା ପାଇଁ। ପ୍ରଭୁ ଆଶିଷ ଦିଅନ୍ତୁ ତାଙ୍କର ଏହି ଦିବ୍ୟ ଯାତ୍ରା ନିର୍ବିଘ୍ନରେ, ତାଙ୍କରି କରୁଣାରେ ସମାପନ ହେଉ ଜଗତବାସୀଙ୍କର ମଙ୍ଗଳ କାମନା କରି ସେହି ଜଗନ୍ନାଥଙ୍କୁ ଏଇ ବିନମ୍ର ପ୍ରାର୍ଥନା। ଆମରି ପରମ୍ପରାନୁକ୍ରମେ ଅଗଣିତ ଭକ୍ତ କବିଙ୍କ କଣ୍ଠରୁ ଝରି ଆସିଛି ପ୍ରଭୁଙ୍କ ମହିମା ବର୍ଣ୍ଣିତ କେତେ କେତେ ପ୍ରାର୍ଥନାର ସ୍ତବ, ଭଜନ ଓ କବିତା। ଆଜି ତାଙ୍କରି ଏହି ପବିତ୍ର ଉତ୍ସବରେ ତାଙ୍କରି ଶ୍ରୀରଙ୍ଗା ଚରଣ ତଳେ ଅର୍ପଣ କରୁଛୁ ଆମରି ସେହି ପ୍ରଣମ୍ୟ କବିଗଣଙ୍କର କିଛି ଗୀତ ଓ କବିତା। ଆଶା କରୁଛୁ ଆମରି ସୁଧୀ ପାଠକେ ଏହାକୁ ସାଦରେ ଗ୍ରହଣ କରିବେ।

*ଶିକ୍ଷାବିତ୍, ସେକ୍ଟର-୬, ସିଡିଏ, କଟକ*
*ଦୂରଭାଷ : ୯୮୬୧୩୫୫୬୨୮*













# ଦେଶରେ ସଶକ୍ତ ଅର୍ଥନୀତି ପାଇଁ ଦକ୍ଷ ଯୁବ ମାନବ ସମ୍ବଳ ଜରୁରୀ : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର :** ନୂଆପିଢ଼ିର ଯୁବକଙ୍କ ପାଇଁ ସ୍କିଲ୍ ଡ଼େଭଲପମେଂଟ୍ ଏକ ରାଷ୍ଟ୍ରୀୟ ଆବଶ୍ୟକତା ଏବଂ ଆତ୍ମନିର୍ଭର ଭାରତର ବଡ଼ ଆଧାର। ବିଗତ ୬ ବର୍ଷରେ ଯେଉଁ ଆଧାର ଏବଂ ଯେଉଁ ନୂଆ ସଂସ୍ଥାନ ହୋଇଛି ସେହି ସାମୂହିକ ଶକ୍ତିକୁ ଏକାଠି କରି ଆମକୁ ନୂଆ କରି ସ୍କିଲ୍ ଇଣ୍ଡିଆ ମିଶନକୁ ଗତି ଦେବାକୁ ହେବ ବୋଲି ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ଦେଶର ଯୁବ ବର୍ଗଙ୍କୁ ଭିଡ଼ିଓ କନଫରେନ୍ସ ଜରିଆରେ ସମ୍ବୋଧନ କରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱରେ ଆରମ୍ଭ 'ସ୍କିଲ ଇଣ୍ଡିଆ ମିଶନ'କୁ ୬ ବର୍ଷ ପୂରଣ ହୋଇଥିବା ବେଳେ ଦେଶରେ ସଶକ୍ତ ଅର୍ଥନୀତି ପାଇଁ ଦକ୍ଷ ଯୁବ ମାନବ ସମ୍ବଳ ଜରୁରୀ ଅଟେ ବୋଲି ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୁବ ବର୍ଗଙ୍କୁ ସମ୍ବୋଧନ କରି ସେମାନଙ୍କୁ ଦକ୍ଷତା ଜରିଆରେ 'ଆତ୍ମନିର୍ଭର ଭାରତ' ଗଠନ କରିବା ପାଇଁ ଆହ୍ୱାନ କରିଛନ୍ତି। କୌଣସି ବି ଦେଶର ଅର୍ଥନୀତି ସେତେବେଳେ ସୁଦୃଢ ହୁଏ ଯେତେବେଳେ ସେହି ଦେଶର ଯୁବକ ଅଧିକ କାର୍ଯ୍ୟ କରିଥାଏ ବା ଅଧିକ ଦକ୍ଷତା ବିଶିଷ୍ଟ ହୋଇଥାଏ। ଆଜି ବିଶ୍ୱ ଯୁବ ଦକ୍ଷତା




ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଏହା ଉପରେ ମତପ୍ରକାଶ କରିଛନ୍ତି। କରୋନା ମହାମାରୀ ସମୟରେ ବିଶ୍ୱ ଚାପରେ ଥିବା ସମୟରେ ସ୍କିଲିଂ, ରିସ୍କିଲିଂ ଏବଂ ଅପ୍ ସ୍କିଲିଂର ଆବଶ୍ୟକତା ବଢ଼ିଛି। କୋରୋନା ସମୟରେ ଦେଶରେ ସ୍ୱାସ୍ଥ୍ୟଗତ ଢ଼ାଂଚାକୁ ପରିବର୍ତ୍ତନ କରାଯାଇଥିବା ବେଳେ ଅକ୍ସିଜେନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦକ୍ଷ ମାନବ ସମ୍ବଳର ଚାହିଦା ବୃଦ୍ଧି ପାଇଛି। ଲକ୍ ଡ଼ାଉନ ସମୟରେ ଅର୍ଥନୀତି ପ୍ରଭାବିତ ହୋଇଥିବା ବେଳେ ଏଥିରୁ ମୁକୁଳିବା ପାଇଁ ଦକ୍ଷ ମାନବ ସମ୍ବଳ ଦରକାର ଏବଂ ଏହାକୁ ଭାରତ ସରକାର ପ୍ରାଥମିକତା ଦେଇଥିବା ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଦକ୍ଷ ଯୁବ ମାନବ ସମ୍ବଳ ସୃଷ୍ଟି କରିବା ସହ ସହ ସେମାନଙ୍କୁ ରୋଜଗାର ସହ ଯୋଡ଼ିବାରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଚାରରେ ପ୍ରେରିତ ହୋଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଶିକ୍ଷା ଓ ଦକ୍ଷତା ସହ ଟେକ୍ନୋଲୋଜି ମଧ୍ୟରେ ସମନ୍ୱୟ ସ୍ଥାପନା କରିବା ଦରକାର। ଯାହା ଦ୍ୱାରା ଦେଶର ଦକ୍ଷ ଯୁବପିଢ଼ିଙ୍କ ମଧ୍ୟରେ ପରିର୍ତନ ଆସିବ ଏବଂ ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ ସେମାନେ ହୋଇପାରିବେ। ପ୍ରଧାନମନ୍ତ୍ରୀଙ୍କ କହିବାନୁଯାୟୀ ଯାହା ପାଖରେ ସ୍କିଲ ଅଛି ସେହି ହିଁ ଆଗକୁ ବଢିପାରିବ । ବାବାସାହେବ ଆମ୍ବେଦକର ଯୁବବର୍ଗଙ୍କର ଦକ୍ଷତା ଉପରେ ଅଧିକ ଜୋର୍ ଦେଇଥିଲେ । ଆଜି 'ସ୍କିଲ ଇଣ୍ଡିଆ' ଜରିଆରେ ଦେଶ ବାବାସାହେବଙ୍କ ଏହି ଦୂରଦର୍ଶୀ ସ୍ୱପ୍ନକୁ ପୂରଣ କରିବା ପାଇଁ ସମ୍ପୂର୍ଣ୍ଣ ଭାବେ ଉଦ୍ୟମ କରାଯାଉଛି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ରାଷ୍ଟ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖରଙ୍କ ଉପସ୍ଥିତିରେ ୭୫ଟି ନୂଆ 'ଜନ ଶିକ୍ଷଣ ସଂସ୍ଥାନ'ର ଶୁଭାରମ୍ଭ କରାଯାଇଥିଲା। ଡ଼ିଜିଲକରର ସହଯୋଗରେ ଏହି ଶିକ୍ଷଣ ସଂସ୍ଥାନ ସମେତ ବିଭିନ୍ନ ନୂତନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଆଜି ଶୁଭାରମ୍ଭ ହୋଇଯାଇଥିବା ନୂଆ କାର୍ଯ୍ୟକ୍ରମ ଦେଶର ସ୍କିଲ୍ ଇକୋସିଷ୍ଟମକୁ ସୁଦୃଢ଼ କରିବ ଏବଂ ତୃଣମୂଳ ସ୍ତରରେ ଯୁବପିଢ଼ିଙ୍କ ଦକ୍ଷତା ବିକାଶରେ ସହଯୋଗ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି।

# ଟି-୨୦ ବିଶ୍ୱକପ : ଗ୍ରୁପ୍-ବି'ରେ ଭାରତ-ପାକିସ୍ତାନ



**ନୂଆଦିଲ୍ଲୀ :** ପୁଣି କମ୍ପିବ କ୍ରିକେଟ୍ ଷ୍ଟାଡିୟମ। ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପୁଣିଥରେ କ୍ରିକେଟ୍ ମଇଦାନରେ ମୁହାଁମୁହିଁ ହେବେ। ୨୦୧୯ ଦିନିକିଆ ବିଶ୍ୱକପ ପରେ ଆଉ ଏକ କ୍ରିକେଟ୍ ମହାକୁମ୍ଭରେ ଭାରତ ଓ ପାକିସ୍ତାନ ମଧ୍ୟରେ ଟକ୍କର ହେବାକୁ ଯାଉଛି। ଅକ୍ଟୋବର ମାସରେ ୟୁଏଇରେ ଆୟୋଜିତ ହେବାକୁ ଯାଉଥିବା ଆଇସିସି ଟି-୨୦ ବିଶ୍ୱକପ୍ ପାଇଁ ଆଇସିସି ଗ୍ରୁପ୍‌ର ଘୋଷଣା ରହିଛି। ବଡ କଥା ହେଉଛି ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଉଭୟ ଭାରତ ଓ ପାକିସ୍ତାନ ଟି-୨୦ ବିଶ୍ୱକପ୍‌ର ଗ୍ରୁପ୍-ବିରେ ରହିଛି। ଏହି ଗ୍ରୁପ୍‌ରେ ଭାରତ ଓ ପାକିସ୍ତାନ ବ୍ୟତୀତ ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ ଓ ଅନ୍ୟ ଦୁଇ କ୍ୱାଲିଫାୟର୍ସ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍-୧ରେ ଡିଫେଣ୍ଡି ଚାମ୍ପିଅନ୍ ୱେଷ୍ଟଇଣ୍ଡିଜ୍, ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ସହ ଦୁଇ କ୍ୱାଲିଫାୟର୍ସ ଟିମ୍ ରହିଛନ୍ତି। ଶେଷଥର ପାଇଁ ୨୦୧୯ରେ ଇଂଲଣ୍ଡରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପରେ ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଥିଲେ। ଏବେ ପୁଣିଥରେ ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଥିବାରୁ ଫ୍ୟାନ୍‌ଙ୍କ ମଧ୍ୟରେ ଏବେଠାରୁ ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳିଲାଣି। ଟି-୨୦ ବିଶ୍ୱକପ୍ ଚଳିତ ବର୍ଷ ଅକ୍ଟୋବର ୧୭ରୁ ନଭେମ୍ବର ୧୪ ତାରିଖ ଯାଏ ୟୁଏଇ ଓ ଓମାନରେ ଆୟୋଜିତ ହେବ। ତେବେ ଟୁର୍ଣ୍ଣାମେଣ୍ଟର ଆୟୋଜନ ଭାରତ ଭାରତ ହାତରେ ରହିବ। କରୋନା ମହାମାରୀର ଦ୍ୱିତୀୟ ଲହର ଯୋଗକୁ ଭାରତରେ ଟି-୨୦ ବିଶ୍ୱକପ କରାଯାଇପାରିବ ନାହିଁ ବୋଲି ବିସିସିଆଇ ସ୍ପଷ୍ଟ କରିଦେଇଥିଲା। ଯାହାପରେ ଆଇସିସି ଟି-୨୦ ବିଶ୍ୱକପ୍‌କୁ ୟୁଏଇରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି।

# ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର :** ପଞ୍ଚାୟତ ନିର୍ବାଚନ ପାଇଁ ସଜବାଜ ଆରମ୍ଭ ହୋଇଛି। ଏଥିଲାଗି ନିର୍ବାଚନ କମିସନ ଜିଲ୍ଲାପାଳମାନଙ୍କୁ ଭୋଟବାକ୍ସର ତାଲିକା ମାଗିଥିବା ଜଣାଯାଇଛି। ଏନେଇ ଆଗାମୀ ୨୬ ଜୁଲାଇ ସୁଦ୍ଧା



ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନକୁ ନିର୍ଦ୍ଧାରିତ ସମୟରେ କରିବାକୁ ସରକାର ନିଷ୍ପତ୍ତି ନିଅନ୍ତି, ତେବେ ୨୦୨୨ ଆରମ୍ଭରୁ ନିର୍ବାଚନ ବାତାବରଣ ଜୋର ଧରିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁସାରେ, ସୀମା ପୁନଃ ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପାଇଁ ଭିତିରିଆ ମାନସମନ୍ଥନ ଚାଲିଛି। ଏପରିକି ରାଜ୍ୟ ନିର୍ବାଚନ କମିସନଙ୍କୁ ଏନେଇ ବିଭାଗ ଅବଗତ କରାଇଛି।

# 'ପ୍ରତ୍ୟେକ ନିର୍ମାଣ ଶ୍ରମିକ ଜଣେ ଜଣେ ବିଶ୍ୱକର୍ମା'

**ଭୁବନେଶ୍ୱର :** ଗରିବ ଲୋକଙ୍କୁ ତାଙ୍କ ଅଧିକାରରୁ କେହି ବି ବଞ୍ଚିତ କରିପାରିବେ ନାହିଁ। ଗରିବ ଲୋକଙ୍କର ସମ୍ମାନର ସହ ବଞ୍ଚିବାର ଅଧିକାର ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିର୍ମାଣ ଶ୍ରମିକମାନଙ୍କୁ ଭିଡିଓ କନଫରେନ୍ସିଂ ଜରିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ସହାୟତା ପ୍ରଦାନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏହି ପ୍ୟାକେଜରେ ପ୍ରତି ପଞ୍ଜୀକୃତ ନିର୍ମାଣ ଶ୍ରମିକ ୧୫୦୦ ଟଙ୍କା ଲେଖାଏ ପାଇଲେ। ଗତବର୍ଷ ମଧ୍ୟ କୋଭିଡ୍‌ର ପ୍ରଥମ ଲହର ସମୟରେ ନିର୍ମାଣ ଶ୍ରମିକ ମାନଙ୍କୁ ୧୫୦୦ ଟଙ୍କା ଲେଖାଏ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୋଭିଡ୍ ସମୟରେ ଏହି ସହାୟତା ନିର୍ମାଣ ଶ୍ରମିକଙ୍କ ଅସୁବିଧାକୁ ହ୍ରାସ କରିବାରେ ସହାୟକ ହେବ। ଅର୍ଥନୀତିରେ ଶ୍ରମିକମାନଙ୍କ ଗୁରୁତ୍ୱ ବିଷୟରେ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶ୍ରମିକ ମାନଙ୍କ କଲ୍ୟାଣ ବିନା ଅର୍ଥନୀତି କେବେ ବି ସମୃଦ୍ଧ ହୋଇପାରିବ ନାହିଁ। ନିର୍ମାଣ ଶ୍ରମିକମାନଙ୍କୁ ଜଣେ ଜଣେ ବିଶ୍ୱକର୍ମ ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅନ୍ୟର



ସୁବିଧା ପାଇଁ ସେମାନେ ନିଜ ସୁଖକୁ ଭୁଲିଯାନ୍ତି। ଖରାକୁ ପିଠି ଦେଖାଇ ବଡ ବଡ କୋଠା ତିଆରି କରନ୍ତି। ରାସ୍ତା, ସେତୁ ଆଦି କରନ୍ତି। ବିକାଶର ପ୍ରତିଟି ପୃଷ୍ଠାରେ ରହିଛି ଆମର ନିର୍ମାଣ ଶ୍ରମିକ ମାନଙ୍କର ତ୍ୟାଗ ଓ ପରିଶ୍ରମର କାହାଣୀ। ଗରିବ ଲୋକର ତ୍ୟାଗକୁ ସମ୍ମାନ ଦ୍ୱାରା ହିଁ ଆମେ ବିକାଶ ସହ ସମସ୍ତଙ୍କ ଯୋଡି ପାରିବା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ସହାୟତା ପାଇଥିବାରୁ ନିର୍ମାଣ ଶ୍ରମିକମାନେ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ଆନ୍ତରିକ କୃତଜ୍ଞତା ଜଣାଇଥିଲେ। ଗଞ୍ଜାମର ରବୀନ୍ଦ୍ର ପ୍ରଧାନ, କଟକର ନବଘନ ପରିଡା, ବରଗଡର କେଶବ ପ୍ରଧାନ, ସୁନ୍ଦରଗଡର ରେଣୁ ମିଞ୍ଜ ସମସ୍ତଙ୍କ ମୁହଁରେ ଗୋଟିଏ ଭାଷା ଥିଲା- ଧନ୍ୟବାଦ ମୁଖ୍ୟମନ୍ତ୍ରୀ ଆଜ୍ଞା।

## ଶ୍ରୀଜଗନ୍ନାଥ ସେବା ପ୍ରତିଷ୍ଠାନ ଓ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଟ୍ରଷ୍ଟର ୬ଷ୍ଠ ସ୍ୱନକ୍ଷତ୍ର ଦିବସ

# ୭୨ତମ ବନମହୋତ୍ସବ ପାଳନ

**ଭୁବନେଶ୍ୱର :** ଶ୍ରୀଜଗନ୍ନାଥ ସେବା ପ୍ରତିଷ୍ଠାନର ସ୍ୱନକ୍ଷତ୍ର ଦିବସ ପାଳନ ସହ ୭୨ତମ ବନମହୋତ୍ସବ, ଖାରବେଳ ନଗରସ୍ଥିତ ଶିକ୍ଷକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାନନ କାନୁନଗୋ (ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ସମାଜସେବୀ ଓ ସାହିତ୍ୟିକ)। ସମ୍ମାନିତ ଅତିଥି ଅନନ୍ତ ନାରାୟଣ ଜେନା (ପୂର୍ବତନ ମେୟର ତଥା ବିଧାୟକ), ସଙ୍ଗୀତା ଦାସ (ଶିକ୍ଷୟିତ୍ରୀ ତଥା ଧର୍ମପତ୍ନୀ ଗଣଶିକ୍ଷାମନ୍ତ୍ରୀ), ମୁଖ୍ୟବକ୍ତା ପ୍ରଫେସର ପ୍ରସନ୍ନ ପାଟଶାଣୀ (ପ୍ରାକ୍ତନ ସାଂସଦ ତଥା ବିଶିଷ୍ଟ କବି ଓ ସମଜାସେବୀ), ଡଃ ରଜନୀ ରଞ୍ଜନ ଦାଶ (ସଭାପତି, ନିଶିଗନ୍ଧା ସାହିତ୍ୟ ସଂସଦ ଓ ଚଳଚ୍ଚିତ୍ର ଲେଖକ) ନିଶିଗନ୍ଧା ପଥପ୍ରଦର୍ଶକ ପଦ୍ମନାଭ ତ୍ରିପାଠୀ (ପ୍ରଧାନ ଶିକ୍ଷକ, ସୁବକ୍ତା ତଥା ସାହିତ୍ୟାନୁରାଗୀ) ପ୍ରମୁଖ ଉପସ୍ଥିତ ରହି କାର୍ଯକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକ ସ୍ୱାଗତ ସଙ୍ଗୀତ ପରିବେଶଣ କରାଯାଇଥିଲା।



ପରେ ପରେ ଅତିଥି ଆମନ୍ତ୍ରିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନାରୀ ସଶକ୍ତିକରଣ ସଂଗଠନର ସଭାପତି କୌଶଲ୍ୟା ବେଉରିଆ ଅତିଥିମାନଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ତତପରେ ଆଜି ସଭାର ସଭାପତି ଶିକ୍ଷକ ଚକ୍ରଧର ତ୍ରିପାଠୀ (ବିଶିଷ୍ଟ ସମାଜସେବୀ) ସଂଗଠନର ସଭାପତିତ୍ୱ କରିଥିଲେ। ସଭା ଆରମ୍ଭରେ ଚକ୍ରଧର ସାର ସଭାର ଆଭିମୁଖ୍ୟକୁ ଉପସ୍ଥାପନା କରିଥିଲେ। ମୁଖ୍ୟଅତିଥି ପଞ୍ଚାନନ କାନୁନ୍‌ଗୋ ନିଶିଗନ୍ଧାର ଉତରୋତ୍ତର କାମନା କରିବା ସହିତ ଆଜିର ଦିନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଏକ ମହତ କାର୍ଯ୍ୟ ବୋଲି ସେ ମତ ରଖିଥିଲେ। ପ୍ରତିଷ୍ଠାନର ପ୍ରତିଷ୍ଠାତା ବଳରାମ ତରାଇ କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ଆଲୋକପାତ କରିଥିଲେ। ନିଶିଗନ୍ଧା ପ୍ରତିଷ୍ଠାନ ପରିବାରର ମୁଖ୍ୟ ସମ୍ପାଦିକା ନିଶିଗନ୍ଧା ଖବର କାଗଜର ସମ୍ପାଦିକା ସରସ୍ୱତୀ ନାୟକ, ରାଜ୍ୟ ମୁଖ୍ୟ ପୃଷ୍ଠପୋଷକ କରୁଣାକର ମଲ୍ଲିକ, ଶ୍ରୀଜଗନ୍ନାଥ ସେବା ପ୍ରତିଷ୍ଠାନର ଉପସଭାପତି ଗୋବିନ୍ଦ ଚନ୍ଦ୍ର ଫାରକ, ନିଶିଗନ୍ଧା ଖବର ସହ ସମ୍ପାଦକ ସନ୍ତୋଷ କୁମାର ପାଢ଼ୀ, ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଉପସଭାପତି ଚକ୍ରଧର ତ୍ରିପାଠୀ, ରାଜ୍ୟ ପୃଷ୍ଠପୋଷକ ଇଂ ଅର୍ଚ୍ଚିତା ଦାଶ, ଦୁଷ୍ମନ୍ତ ସାହୁ (କବି) ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ରହି ସେମାନଙ୍କର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଗୋଟିଏ ଗଛ କୋଟିଏ ଜୀବନକୁ ଆଧାର କରି ଅତିଥିମାନଙ୍କ ସହଯୋଗରେ ବୃକ୍ଷରୋପଣ ପରି ମହତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଯାହା ସମସ୍ତଙ୍କ ମନରେ ଉଲ୍ଲାସ ଆଣିଦେଇଥିଲା। ସର୍ବଶେଷରେ ସଭାପତି ଧନ୍ୟବାଦ ପୂର୍ବକ ସଭାକାର୍ଯ୍ୟକୁ ସାଙ୍ଗ କରାଇଥିଲେ।

# ଟିକା ବଢ଼ାଉଛି ରୋଗ ପ୍ରତିରୋଧକ ଶକ୍ତି : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର :** କରୋନା ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି, ସରକାର ସବୁ ଦୃଷ୍ଟିରୁ ଚିନ୍ତା କରି ଲକଡାଉନକୁ କୋହଳ କରିଛନ୍ତି। ଆମର ସର୍ଭେଲାନ୍ସ, ଟିକାକରଣ ଯେଭଳି ଚାଲିଛି, ସେମିତି ଚାଲିବ। ସମସ୍ତଙ୍କୁ ଅନୁରୋଧ ନିୟମକୁ ମାନନ୍ତୁ, ଖୋଲା ସମୟରେ ହେଉ ବା କର୍ଫ୍ୟୁ ସମୟରେ। ସେ ଆହୁରି କହିଛନ୍ତି, ସବୁ ଦାୟିତ୍ୱ ସରକାରଙ୍କ ଭାବିବା ଠିକ ନୁହେଁ। ଏଥିରେ କମ୍ୟୁନିଟିର ମଧ୍ୟ ସାହାଯ୍ୟ ଦରକାର। ସରକାର ଓ କମ୍ୟୁନିଟି ମିଶିଲେ ହି ମହାମାରୀକୁ ନିୟନ୍ତ୍ରଣ କରାଯାଇପାରିବ। କଟକ ଓ ଭୁବନେଶ୍ୱରରେ କରୋନା ସଂକ୍ରମଣ ନ କମିବାର ବଡ଼ କାରଣ ହେଉଛି, ଏଠାକୁ ବିଭିନ୍ନ ସ୍ଥାନରୁ ଲୋକଙ୍କ ଯାତାୟାତ ହେଉଛିୟ ବସ୍, ଟ୍ରେନ୍ ଓ ଫ୍ଲାଇଟରେ ସବୁବେଳେ ଚଳପ୍ରଚଳ ଚାଲିଛି। ଯିଏ ଆସୁଛି, ସେ ଲକ୍ଷଣହୀନ ସଂକ୍ରମିତ ହୋଇଥିବାର ସମ୍ଭାବନାକୁ ଏଡାଯାଇ ନ ପାରେ। ଦ୍ୱିତୀୟରେ ପ୍ରଶାସନ ଦୋକାନ ବଜାର ବନ୍ଦ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିୟମର ଉଲ୍ଲଘଂନ। ତୃତୀୟରେ ଯେଉଁ ଅଞ୍ଚଳରେ କ୍ଲଷ୍ଟର ସଂକ୍ରମଣ ହେଉଛି ସେଠି କଣ୍ଟେନମେଣ୍ଟ ଜୋନ କରାଯାଉଛି। କୋହଳ ହେଇଗଲା ବୋଲି ଆମେ ଚୁପ ବସିବୁ ନାହିଁ। କଟକ ଓ ଭୁବନେଶ୍ୱରରେ ସବୁଦିନ ସଂକ୍ରମଣ ପ୍ଲାଟୋ ଅବସ୍ଥାରେ ରହୁଛି। ତାକୁ କିଭଳି କମ୍ କରାଯିବ, ସେ ଦିଗରେ କାମ କରୁଛୁ। ଆଡମିସନ, ସିଭିଅରିଟି ହାର କମିଛି। ଭେଣ୍ଟିଲେଟର, ଆଇସିୟୁ ଓ ଜେନେରାଲ ବେଡ ରୋଗୀଙ୍କ ସଂଖ୍ୟା କମିଛି।



ସଂକ୍ରମଣ ଥିଲେ ବି ରୋଗୀ ଗୁରୁତର ହେବା କମିଛି। ଟିକା ନେଲେ ବି ସଂକ୍ରମଣ ହେଉଛି। ଆନ୍ତର୍ଜାତିକ ରିପୋର୍ଟ କହୁଛି, ୦.୩ ପ୍ରତିଶତ ଲୋକଙ୍କୁ ଟିକା ନେବା ପରେ ସଂକ୍ରମଣ ହେଉଛିଫ ଆମେ ଜାଣିବାକୁ ପାଇଛୁ, ଯେଉଁମାନେ ଦ୍ୱିତୀୟ ଡୋଜ ନେଇଛନ୍ତି, ସେମାନେ ଗୁରୁତର ହେଉନାହାନ୍ତି। ଟିକା ନେଲେ ରୋଗ ପ୍ରତିଷେଧକ ଶକ୍ତି ବଢୁଛି।













Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — Managing Editor : **Laxmipriya Dash** — Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ — ସମ୍ପାଦକ : ତାରକ ମହାନ୍ତି